# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ଶନିବାର, ଅକ୍ଟୋବର ୧୩/୨୦୧୮ ( ୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Dhenkanal-Angul, Saturday, October 13 /2018 ★★★★★

୧୪ଶ ଭାଗ ୨୩୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ମାଥିଲି, ୧୨।୧୦ (ଡି.ଏନ.ଏ)- ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡା ପଞ୍ଚାୟତ ଖଇରାପାଲି ଗ୍ରାମ ପୋଖରୀରେ ବୁଡି ଶୁକ୍ରବାର ୨ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି । ଗ୍ରାମର ଲକ୍ଷ୍ମଣ କପେଙ୍କ ୨ ବର୍ଷର ଝିଅ ଶ୍ରେୟା କପେ ଏବଂ ରାମ କପେଙ୍କ ୨ବର୍ଷର ଝିଅ ଗୌରୀ କପେ ମିଶି ସକାଳେ ଘର ନିକଟରେ ଖେଳୁଥିଲେ । ଏହି ସମୟରେ ଖେଳି ଖେଳି ସେମାନେ ନିକଟରେ ଥିବା ପୋଖରୀ ଆଡକୁ ଚାଲି ଯାଇଥିଲେ । ହଠାତ୍ ପୋଖରୀରେ ବୁଡି ଯାଇଥିଲେ । ପରିବାର ଉଭୟ ଶିଶୁଙ୍କୁ ଖୋଜାଖୋଜି କରି ପୋଖରୀରେ ଉଭୟଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ସେମାନେ ଉଭୟଙ୍କୁ ଉଦ୍ଧାର କରି ପାଙ୍ଗାମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଶିଶୁଙ୍କ ମୃତଦେହ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ରତ୍ନଭଣ୍ଡାର ଚାବି ହଜିବା ଘଟଣା

### ବର୍ଷା ଯୋଗୁ ହୋଇପାରିଲାନି ଶୁଣାଣି

କଟକ ଅଫିସ, ୧୨।୧୦- ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ନ୍ୟାୟିକ ତଦନ୍ତ ଜାରି ରହିଛି। ହେଲେ ଲଘୁଚାପ ବର୍ଷା ଯୋଗୁ ଶୁକ୍ରବାର ଶୁଣାଣି ହୋଇପାରିନାହିଁ। ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ କମିଶନ ନିକଟରେ ହାଜର ହୋଇ ପକ୍ଷ ରଖିଥାନ୍ତେ। ପରବର୍ତ୍ତୀ ଶୁଣାଣି ଆସନ୍ତା ୧୫ ତାରିଖକୁ ଧାର୍ଯ୍ୟ କରାଯାଇଛି। ଗତ ୬ ତାରିଖରେ ଉକ୍ତ ମାମଲାର ଶୁଣାଣି ସମୟରେ ଶ୍ରୀମନ୍ଦିର ପ୍ରଶାସନର ଦୁଇ ଜଣ ପୂର୍ବତନ ପ୍ରଶାସକ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିଥିଲେ।

# ହବିଷିଆଳିଙ୍କ ପାଇଁ ଚାରିଦ୍ୱାର ଖୋଲା

ପୁରୀ ଅଫିସ,୧୨।୧୦:

ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ମଧ୍ୟରୁ ହବିଷିଆଳିଙ୍କୁ ମୁକ୍ତି ମିଳିବ। ଅର୍ଥାତ୍ ହବିଷିଆଳିମାନେ ଶ୍ରୀମନ୍ଦିରର ୪ ଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ। ବିଶେଷକରି ବ୍ରତଧାରୀ ବୃଦ୍ଧାମାନେ ଯେପରି ହଇରାଣ ନ ହୁଅନ୍ତି ସେଥିପ୍ରତି ଏସ୍‌ପି ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ନୀତି ସବ୍ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। କାର୍ତ୍ତିକ ମାସରେ ହବିଷିଆଳି ତାଡ଼ ଜାଳିଥାନ୍ତି। ପୂର୍ବରୁ କେତେଜଣ ତାଡ଼ ଜାଳି ଗରୁଡ଼ସ୍ତମ୍ଭ ପାଖକୁ ଆସି ସଂକଳ୍ପ କରୁଥିଲେ। ଏଥର ଏହା ଉପରେ କଟକଣା ରହିବ। ଗୋଟିଏ ସ୍ଥାନରେ ଏବଂ ନିର୍ଦ୍ଦିଷ୍ଟ ସମୟରେ ଏହା ଜଳାଯିବା ଲାଗି ନିଷ୍ପତ୍ତି ହୋଇଛି। ଦ୍ୱିତୀୟ ଭୋଗମଣ୍ଡପ ପରେ ଦେବସଭା ମଣ୍ଡପରେ ତାଡ଼ ଜାଳିବା ଲାଗି ଆଲୋଚନା ହୋଇଥିବା ପରିଚାଳନା କମିଟି ସଦସ୍ୟ ରାମଦାସ ମହାପାତ୍ର ସୂଚନା ଦେଇଛନ୍ତି।

**ଦେବସଭା ମଣ୍ଡପରେ ଜାଳିବେ ତାଡ଼**

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ଅକ୍ଟୋବର ୨୦ ତାରିଖଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ କାର୍ତ୍ତିକ ନୀତି। ଏହା ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ତେଣୁ କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଅଧିକ ରହିବ। ସେହି ସମୟରେ କିପରି ନୀତି ଶୃଙ୍ଖଳିତ ହେବ ଏବଂ ଭକ୍ତମାନେ ମଧ୍ୟ ଶାନ୍ତିଶୃଙ୍ଖଳାର ସହ ମହାପ୍ରଭୁଙ୍କୁ ଦର୍ଶନ କରିବେ ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷକରି ଶ୍ରୀମନ୍ଦିରକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁ ଠିକ୍ ସମୟରେ ମହାପ୍ରସାଦ ପାଇବା ପାଇଁ ଅପେକ୍ଷା କରିଥାନ୍ତି। ଏଥିପାଇଁ ନିର୍ଦ୍ଧାରିତ ସମୟ ଅନୁସାରେ ନୀତି ସମ୍ପନ୍ନ କରିବାକୁ ପଡ଼ିବ। ସମୟ ନିର୍ଘଣ୍ଟ ଅନୁସାରେ ଦ୍ୱାର ଫିଟିବ। ସକାଳୁ ଯେପରି ସଅଳ ମହାପ୍ରସାଦ ବାହାରିବ ସେ ନେଇ ସମସ୍ତେ ସହଯୋଗ କରିବେ ବୋଲି ବୈଠକରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ, ନୀତି ପ୍ରଶାସକ ପ୍ରଦୀପ ଦାଶ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଭିତରଚ୍ଛୁ ଭବାନୀଶଙ୍କର ମହାପାତ୍ର, ପରିଚାଳନା କମିଟି ସଦସ୍ୟ ତଲୁଛ ଭଗବାନ ମହାପାତ୍ର, ସିଦ୍ଧେଶ୍ୱର ମହାପାତ୍ର, ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ମାଧବ ପୂଜାପଣ୍ଡା ସାମନ୍ତ, ମାଧବ ମହାପାତ୍ର, ରାମଚନ୍ଦ୍ର ଦାସମହାପାତ୍ର, ଅନନ୍ତ ତିଆଡ଼ି ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ-ମାଓବାଦୀ ଗୁଳି ବିନିମୟ

## ୨ ମାଓବାଦୀ ମୃତ

ମାଲକାନଗିରି, ୧୨।୧୦ (ଡି.ଏନ.ଏ.):

ମାଲକାନଗିରି ଜିଲା ପୋଲିସ, ଏସଓଜି, ଡିଭିଏଫ ଓ ଆନ୍ଧ୍ର ଗ୍ରେହାଉଣ୍ଡର ୨ଟି ସ୍ଥାନରେ ମିଳିତ ଅପରେଶନ ବେଳେ ମାଓବାଦୀ ଓ ପୋଲିସ ମଧ୍ୟରେ ଶୁକ୍ରବାର ଗୁଳି ବିନିମୟ ହୋଇଥିଲା। ଏଥିରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି।

ମାଲକାନଗିରି ଜିଲା ଅଣ୍ଡାପାଲି ନିକଟସ୍ଥ ଜଙ୍ଗଲରେ ଗୁରୁବାର ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲ କମିଟିର ଏକ ବୈଠକ ଚାଲିଥିବା ପୋଲିସକୁ ଖବର ମିଳିଥିଲା। ଯବାନମାନଙ୍କୁ ଦେଖି ମାଓବାଦୀମାନେ ଗୁଳିଚାଳନା କରିଥିଲେ। ପୋଲିସ ପକ୍ଷରୁ ମଧ୍ୟ ପାଲଟା ଗୁଳିଚାଳନା କରାଯାଇଥିଲା। ପ୍ରାୟ ୨ ଘଣ୍ଟା ଧରି ଉଭୟପକ୍ଷ ମଧ୍ୟରେ ଗୁଳି ଚାଳନା ହୋଇଥିଲା। ପରେ ଯବାନଙ୍କ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳ ତଲାସୀ ବେଳେ ଜଣେ ମାଓବାଦୀଙ୍କ



ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଥିଲା। ତାଙ୍କ ନାମ ଆନ୍ଧ୍ର ଡିସିଏମ ମୀନା। ସେ ଓଡ଼ିଶା ବର୍ଡର ଜୋନାଲ କମିଟିର କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ମଧ୍ୟ ସଂପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି। ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି।




### ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ପାଇଁ ପିସିସିର ୫ଜଣିଆ ଟିମ୍ ଗଠିତ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ବାତ୍ୟା ତିତ୍‌ଲି ଓ ବନ୍ୟା କ୍ଷତିଗ୍ରସ୍ତ ଗଜପତି, ରାୟଗଡା ଓ ଗଞ୍ଜାମ ଜିଲାର ପ୍ରଭାବିତ ଜନସାଧାରଣଙ୍କୁ ଭେଟିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଆସନ୍ତା ଅକ୍ଟୋବର ୧୪ ଓ ୧୫ରେ(ରବିବାର ଓ ସୋମବାର) ୨ଦିନିଆ ଗସ୍ତ କରିବେ। ବାତ୍ୟା ଓ ବନ୍ୟାରେ ପ୍ରଭାବିତ ଲୋକମାନଙ୍କ ସମସ୍ୟା ଓ ଆଶୁ ସମାଧାନ ନିମନ୍ତେ ନିରଞ୍ଜନ ୫ଜଣିଆ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି। ଏହି କମିଟିରେ ବିଧାୟକ କେ.ସୁରିଆ ରାଓ, ପୂର୍ବତନ ବିଧାୟକ ରମେଶ ଜେନା, ସାନଖେମୁଣ୍ଡି, ରାୟଗଡା ଜିଲା ସଭାପତି ଦୁର୍ଗାଚରଣ ପଣ୍ଡା, ରାୟଗଡା ଜିଲା ପରିଷଦ ସଭାପତି ପୁରୁଷୋତମ ଗମାଙ୍ଗୋ ଓ କଂଗ୍ରେସ ନେତା ତିରୁପତି ପାଣିଗ୍ରାହୀ ସଦସ୍ୟ ଥିବା ପିସିସି ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

### ପୂଜା ଅବକାଶ: ୨୫ରେ ଖୋଲିବ ହାଇକୋର୍ଟ

**କଟକ ଅଫିସ, ୧୨।୧୦:** ଅକ୍ଟୋବର ୧୫ରୁ ହାଇକୋର୍ଟରେ ଦଶହରା ପୂଜା ଅବକାଶ ଆରମ୍ଭ ହେଉଛି। ଏଥିପାଇଁ ଅକ୍ଟୋବର ୨୪ ପର୍ଯ୍ୟନ୍ତ ଅଦାଲତ କାର୍ଯ୍ୟ ବନ୍ଦ ରହିବ। ୨୫ ତାରିଖରୁ ଅଦାଲତ କାର୍ଯ୍ୟ ଆରମ୍ଭ ହେବ। ଏହି ସମୟ ମଧ୍ୟରେ ଅବକାଶକାଳୀନ ବିଚାରପତି ଭାବେ ଜଷ୍ଟିସ ସଞ୍ଜୁ ପଣ୍ଡା, ଜଷ୍ଟିସ ଏସ୍.କେ. ମିଶ୍ର, ଜଷ୍ଟିସ କେ.ଆର୍. ମହାପାତ୍ର କାର୍ଯ୍ୟନିର୍ବାହ କରିବେ। ଶୁକ୍ରବାର ଥିଲା ହାଇକୋର୍ଟରେ ଶେଷ କାର୍ଯ୍ୟଦିବସ। କାରଣ ଶନିବାର ହେଉଛି ଦ୍ୱିତୀୟ ଶନିବାର।

# ପୁରୀ ହିଂସା, ପୁଣି ୬ ଗିରଫ

## ଗିରଫଦାରି ସଂଖ୍ୟା ୬୬ରେ ପହଞ୍ଚିଲା

ପୁରୀ ଅଫିସ,୧୨।୧୦:

ପୁରୀ ହିଂସା ଘଟଣାରେ ଅଭିଯୁକ୍ତଙ୍କ ତାଲିକା ବଢିବାରେ ଲାଗିଛି। ପୋଲିସର ଗିରଫଦାରି ମଧ୍ୟ ବଢୁଛି। ପୂର୍ବରୁ ପୋଲିସ ୬୦ ଜଣଙ୍କୁ ଗିରଫ କରିଥିବା ବେଳେ ଶୁକ୍ରବାର ଆଉ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ବଡ଼ଦାଣ୍ଡରେ ଟ୍ରାଫିକ ପୋଷ୍ଟ ପୋଡ଼ାଜଳା ଓ ଢେଲାମାଡ଼ ଘଟଣାରେ ଟାଉନ ଥାନା ପୋଲିସ ରୁଜୁ କରିଥିବା କେସ୍ (ନଂ.୧୬୮/୧୮) ବଳରେ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ତିଆଡ଼ି ସାହିର ଚିତ୍ତରଞ୍ଜନ ଦୀକ୍ଷିତ ଓ କୁମ୍ଭାରପଡ଼ାର ବାପି ମୁଦୁଲି। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନା ପୋଲିସ କେସ୍ (ନଂ.୧୮୫/୧୮)ରେ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦୋଳମଣ୍ଡପ ସାହିର ରଘୁନାଥ ଦାସ, ସଦର ଥାନା ଅନ୍ତର୍ଗତ ଦାଗିଣିଆ ଗ୍ରାମର ଗଦାଧର ପାଲଟାସିଂ, ପୁରୀ ଧମନକୋଟି ସାହିର ସୁରେନ୍ଦ୍ର ପରିଡ଼ା ଏବଂ ବାସେଳି ସାହି ପାଣିକାତ ଲେନ୍‌ର ଦୁଷ୍ମନ୍ତ ଖଟେଇ।
ସୂଚନାଯୋଗ୍ୟ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧକରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ଏହା ହିଂସାର ରୂପ ନେଇଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଦି ଭଙ୍ଗାରୁଜା ହୋଇଥିଲା। ସହରରେ ବ୍ୟାପକ ହିଂସା ଘଟିଥିଲା।




CRIMSOUNE CLUB

FASHION WEAR: ODISHA: BHUBANESWAR: BHAWANI MALL: (Ph: 0674-6002132), FORUM MART: (Ph: 0674-2380834), KESHRI MALL: (Ph: 0674-2532877), PAL HEIGHT: (Ph: 0674-6055700), BALAGIR: (Ph: 06652-232801), BHAWANIPATNA: (Ph: 06670-231500), CUTTAK: (Ph: 0671-2418625), JAJPUR ROAD: (Ph: +91 9776525254), TALCHER: (Ph: 0676-0242888), ANGUL: (Ph: +91 9437015719), RAYAGADA: (Ph: +91 9437055033) | SIS: Tulsi Showroom (Kantabanji), Planet Harjeet (Sambalpur), Indira Plaza (Rourkela), Kaluram Durgaprasad Megashop (BARIPADA), SRI DURGA RETAIL PVT LTD, (BERHAMPUR), The Fashion Planet (Dhenkanal), Modi Collection (ANGUL), PLAZA FASHION WORLD (BARIPADA), S.G Fashion (Rajkhariar), Kanak Garment (KEONJHAR), Triveni Royal (JAJPUR ROAD), Fashion House (Semiliguda), Shree Ashoka Fashions Shop (Bhadrak) | JRS FASHION. NEW STORE: Radhagobinda Market Complex Baripada, Odisha (Ph: +91-9861271830) | Sai Garments Plot No- 4763/4764, Khatano-3470/3277, Dhenkanal Mauza, Meena Bazar Dhenkanal, Odisha (Ph: +91-9853130307) | Also available at all leading stores & Reliance Trends | Mail us: mail@crimsouneclub.com

Now available at: www.crimsouneclub.com | JABONG MYNTRA AJIO Flipkart snapdeal paytm Fynd LIMEROAD

# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ଶନିବାର, ଅକ୍ଟୋବର ୧୩/୨୦୧୮ Dhenkanal-Angul, Saturday, October 13 /2018



DADLS-140

ଓଡ଼ିଶା ସରକାର

e-Bitaran Odisha

## ୧୦ ଦିନରେ



## ୨୦ ଲକ୍ଷ

## ହିତାଧିକାରୀଙ୍କୁ ମିଳିଲା ଓଡ଼ିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ନୂଆ ରାସନ କାର୍ଡ

"ଜଣେ ବି ଗରିବ ଲୋକଙ୍କୁ
ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବାକୁ
ମୁଁ ଦେବି ନାହିଁ !"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

15001/13/0308/1819

@Naveen_Odisha CMO.Odisha @CMO_Odisha

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପିନୁ
ପରିବାରବର୍ଗ


ବୁଢ଼ୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




**SALE**

Dushera Dhamaka sales for preowned car. Renault Koleous 4X4MT 2014, Audi Q7 2013, Figo Titanium 2015, Figo Titanium 2010, Eco Sport Titanium 2013, Etios 2013, Ritz 2010. Contact: 8750472269. D-8885




**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

ସୁନ୍ଦରପଦା କୁହା ମୌଜାରେ ଘରବାରି ପ୍ଲଟ ବିକ୍ରିହେବ। 9861964818, 9439364818, 9337766961. D-8670

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Premium 3BHK Vaastu based North/ South facing duplex at Benupur, near Hanspal Chhaka, Bhubaneswar. 9040106942, 9777617166. D-8776

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 9348253463, 8908292617.** D-8889

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Booking simplex 2BHK 1200 sqft. land Tankapaniroad Saitemple 26,19,000/- 7735738102. D-8741

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8869

Gharabari plot with 30' wide revenue road and electricity near Patia station, Bhubaneswar. 9437827966. D-8875

New ready to move bungalow sale at DPS School Nakhara, Bhubaneswar. Price 90 lakhs. 9437260818. D-65023

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-8890

Gharabari plot with boundary near Utkal Height Pahala, Nakhara OMFED, East College Bazarsahi, NIT Chandaka, Arugul near IIT: 9439889903, 9861158141. D-65024




**Construct your dream home @450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan– SMPL: 9439483779.** D-8891




All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

**Happy Birthday Wish**



(ବୁଢ଼ୀ)

**ମଧୁସ୍ମିତା ମହାରଣା**

ଜୀବନ ତୋହର ସରସ ସୁନ୍ଦର
ରଖିଥାନ୍ତୁ ଭଗବାନ।
ଆମ ସ୍ମୃତିପଟେ ତୋର
ପ୍ରତିଛବି ରହିଥାଉ ସବୁଦିନ।

ଜଗତରନାଥ ଜଗନ୍ନାଥ ତୋର ଚଲାପଥକୁ କୁସୁମିତ ଓ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ବଡ଼ବାବା, ମାମା, ବାବା, ବୋଉ, ତିନିମାମୁ, ତିନିମାଇଁ, ମଉସା, ମାଉସୀ, ଭାଉଜ, ବାବୁନନା, ବବିନନା, ଲିପୁନନା, ବାପୁନନା, କାଳିଆନନା, ପପୁନନା, ତପୁନନା, ଚୁଇଁନା, ଗୁଗୁ, ଟିକିପୁଅ, ଗୁଡ଼ି, ରାନୀ, ପ୍ରିୟଙ୍କା ଓ ପରିବାରବର୍ଗ। ଧ-୬୫୦୨୨

**ଜନ୍ମଦିନ ଶୁଭେଚ୍ଛା**



(ପିନୁ)

**ଭାବ୍ନା ଦାଶ**

ପିତା- ଶ୍ରୀବିବେକାନନ୍ଦ ଦାଶ (ପିଣ୍ଟୁ), ମାତା- ଶିପ୍ରା ଦାଶ (କୁନୁ)
ଜନ୍ମ ତାରିଖ: ୧୩।୧୦।୨୦୧୩ (ମହାନବମୀ, ଦଶହରା)
ଗ୍ରାମ/ ପୋ- ପଳସା, ଜିଲ୍ଲା- ଜଗତ୍‌ସିଂହପୁର

ତୋର ପଞ୍ଚମ ଜନ୍ମବାର୍ଷିକ ଉତ୍ସବ ଅବସରରେ ଶ୍ରୀଗଣେଶ ଓ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ, ନିରାମୟ ଜୀବନ ପ୍ରଦାନ କରିବା ସହିତ ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭେଚ୍ଛା ସହ: ବାବା, ମାଆ, ବୋଉମା(ଜେଜେମା), ମାମୁ, ଅଜା, ବୋଉ(ଆଈ), ସାନଅଜା, ମାଉସୀମାନେ ଓ ପରିବାରବର୍ଗ। ଧ-୮୮୧୫

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ୩ ଦିନ ପରେ ମୃତଦେହ ଉଦ୍ଧାର

ପୁରୀ ଅଫିସ,୧୨।୧୦: ଶ୍ରୀବିହାର ନିକଟସ୍ଥ ବେଳାଭୂମିରୁ ଶୁକ୍ରବାର ଏକ ଅଚିହ୍ନା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ସମୁଦ୍ରକୂଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବେଲେଶ୍ୱର ମନ୍ଦିର ନିକଟ ସମୁଦ୍ରରେ ନିଖୋଜ ହୋଇଥିବା ଝାଡ଼ଖଣ୍ଡର ଦୁଇ ପର୍ଯ୍ୟଟକଙ୍କ ମଧ୍ୟରୁ ଏହା ଜଣକର ମୃତଦେହ ବୋଲି ପୋଲିସ ଅନୁମାନ କରୁଛି। ଗତ ତିନିଦିନ ଧରି ମୃତଦେହଟି ବେଳାଭୂମିରେ ପଡିରହି ପଚିଶଢ଼ି ଯାଇଛି। ଗୁରୁବାର ପୋଲିସ ମୃତଦେହ ସମ୍ପର୍କରେ ଖବର ପାଇଥିଲେ ହେଁ ଉଦ୍ଧାର ପାଇଁ କୌଣସି ବ୍ୟବସ୍ଥା କରି ନ ଥିଲା। ବାତ୍ୟା ଦୃଷ୍ଟିରୁ ମୃତଦେହ ଉଦ୍ଧାର କରିବାରେ ବିଳମ୍ବ ଘଟିଥିଲା ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପ୍ରସଙ୍ଗ

# ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

**କ୍ରାଇମବ୍ରାଞ୍ଚକୁ ଚିଠି ଲେଖିଲେ ପରିବହନ କମିଶନର**

କଟକ ଅଫିସ, ୧୨।୧୦

ଟ୍ରାଫିକ୍ ନିୟମ ପାଳନ କରୁ ନ ଥିବା ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ନିୟମ ରହିଛି। ସୁପ୍ରିମ୍‌କୋର୍ଟଙ୍କ ରୋଡ୍ ସୁରକ୍ଷା କମିଟିର ନିୟମ ଅନୁଯାୟୀ ଏଭଳି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ୩ ମାସ ମଧ୍ୟରେ ରଦ୍ଦ କରିବା ବ୍ୟବସ୍ଥା ରହିଛି। ଏହି କ୍ଷମତା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ)କୁ ଦିଆଯାଇଛି। କିନ୍ତୁ ୩ ମାସ ପରେ ଟ୍ରାଫିକ୍ ନିୟମ ଖିଲାପକାରୀଙ୍କ ଲାଇସେନ୍ସ ରଦ୍ଦ କରାଯାଇପାରିବ ନାହିଁ। ହେଲେ ଓଡ଼ିଶାରେ ପ୍ରାୟ ସବୁଠି ପୋଲିସ ନିର୍ଦ୍ଧାରିତ ସମୟ ମଧ୍ୟରେ ଖିଲାପକାରୀଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ନିମନ୍ତେ ଆର୍‌ଟିଓକୁ ପଠାଉନାହିଁ। ଫଳରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନାହିଁ। ଓଡ଼ିଶା ପୋଲିସର ଏଭଳି ଅବହେଳା ଯୋଗୁ ସୁପ୍ରିମ୍‌କୋର୍ଟଙ୍କ ନିୟମ ପାଳନ ହୋଇପାରୁ ନାହିଁ। ଏହାଛଡ଼ା ଲୋକମାନଙ୍କ ଟ୍ରାଫିକ୍ କଟକଣା ପ୍ରତି ଭୟ ରହୁନାହିଁ। ଏନେଇ ଶୁକ୍ରବାର କ୍ରାଇମବ୍ରାଞ୍ଚକୁ ଚିଠି ଲେଖିଛନ୍ତି ଓଡ଼ିଶା ପରିବହନ ବିଭାଗ କମିଶନର ସଞ୍ଜୀବ ପଣ୍ଡା। ଦୁଇ ମାସ ମଧ୍ୟରେ ରଦ୍ଦ ହେବାକୁ ଥିବା ଲାଇସେନ୍ସ ଆରଟିଓକୁ ପଠାଇବା ନିମନ୍ତେ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶନାମା ଜାରି କରିବାକୁ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟଙ୍କୁ ପରିବହନ କମିଶନର ପଣ୍ଡା ଅନୁରୋଧ କରିଛନ୍ତି।

# ଚିଟ୍‌ଫଣ୍ଡ ଘୋଟାଲା: ଚୌଦ୍ୱାରର ୩ ସ୍ଥାନରେ ସିବିଆଇ ଚଢାଉ

ଚୌଦ୍ୱାର, ୧୨।୧୦ (ଡି.ଏନ.ଏ.)-

ଚିଟ୍‌ଫଣ୍ଡ ଘୋଟାଲାରେ ଚୌଦ୍ୱାର ଥାନା ଅନ୍ତର୍ଗତ ୩ଟି ସ୍ଥାନରେ ଶୁକ୍ରବାର ସିବିଆଇ ଚଢାଉ କରିଛି। ସିବିଆଇର ୨୦ଜଣିଆ ଟିମ୍ ଚୌଦ୍ୱାର ଥାନା ଅଧୀନ ୧୬ନଂ. ୱାର୍ଡ ଗୋଡିପାଟଣା ଗ୍ରାମର ସୁଧୀର ବେହେରା, ମନୋଜ ସୁବୁଦ୍ଧି ଓ ବାଣୀପଦା ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗ୍ରାମର ସୁବାସ ଚନ୍ଦ୍ର ଧଳଙ୍କ ଘରେ ଏକକାଳୀନ ଚଢାଉ କରିଥିଲା । ମନୋଜ ସାରଦା ଚିଟ୍‌ଫଣ୍ଡ ସଂସ୍ଥା ସହ ସଂପୃକ୍ତ ଥିବାବେଳେ ସୁଧୀର ଓ ସୁବାସ ରିୟଲ ଭିଜନ ଚିଟ୍‌ଫଣ୍ଡ ସଂସ୍ଥା ସହିତ ଜଡିତ ଥିବା ସମ୍ପର୍କରେ ଜଣାପଡିଛି। ୩ ବର୍ଷ ତଳେ ମଧ୍ୟ ସୁଧୀରଙ୍କ ଘରେ ସିବିଆଇ ଚଢାଉ କରିଥିଲା। ସେହିଦିନଠାରୁ ସୁଧୀର ଓ ତାଙ୍କ ପରିବାର ସଦସ୍ୟ ଉକ୍ତ ଘରେ ରହୁ ନ ଥିବାବେଳେ ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ସିବିଆଇ ଅଧିକାରୀମାନେ ବହୁ ସମୟ ଧରି ତାଙ୍କ ଘର ଆଗରେ ଅପେକ୍ଷା କରିବା ପରେ ନିରାଶ ହୋଇ ଫେରିଥିଲେ। ମନୋଜଙ୍କ ଘର ଉପରେ ସିବିଆଇ ଅଧିକାରୀମାନେ ଚଢଉ କରି ଅନେକ କାଗଜପତ୍ର ଯାଞ୍ଚ କରିବା ସହିତ କିଛି ଦସ୍ତାବିଜ ସାଙ୍ଗରେ ନେଇଯାଇଛନ୍ତି। ସେହିପରି ସୁବାସଙ୍କ ଘର ଉପରେ ସିବିଆଇ ଟିମ୍‌ର ସଦସ୍ୟମାନେ ଚଢାଉ କରିବା ସହ ସେ ପଢିଥିବା ନିଗମାନନ୍ଦ ବିଦ୍ୟାପୀଠକୁ ଯାଇ ରେକର୍ଡ ଯାଞ୍ଚ କରିଥିଲେ। ସାରଦା ଓ ରିୟଲ ଭିଜନ ଚିଟ୍‌ଫଣ୍ଡ ସଂସ୍ଥା ଲୋକଙ୍କଠାରୁ ଅର୍ଥ ତୋସରପାତ କରିଥିବା ଅଭିଯୋଗ ହୋଇଥିଲା। ଏହି ଚଢାଉବେଳେ ଚୌଦ୍ୱାର ପୋଲିସ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଥିବା ଥାନାଧିକାରୀ ଯତୀନ୍ଦ୍ରାନାଥ ସେଠୀ କହିଛନ୍ତି।

# ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଗିରଫ

## ୯୬,୫୦୦ ଟଙ୍କା, ସୁନା କଏନ ଗାଡ଼ିରୁ ଜବତ

କଟକ ଅଫିସ, ୧୨।୧୦-

ଯାଜପୁର ଜିଲା କଳିଙ୍ଗନଗରଠାରେ ଥିବା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀଙ୍କୁ ଭିଜିଲାନ୍ସ ଶୁକ୍ରବାର ଗିରଫ କରିଛି। ଗୁରୁବାର ସନ୍ଧ୍ୟାରେ ପାଣିଗ୍ରାହୀ ଏକ ବୋଲେରୋ(ଓଆର୍‌୦୯ଏନ୍-୭୫୪୨)ରେ ଘରକୁ ଯାଉଥିବାବେଳେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ତାଙ୍କୁ ଖଣ୍ଡଗିରି ନିକଟରେ ଅଟକାଇଥିଲେ। କାରଣ ପାଣିଗ୍ରାହୀ ବିପୁଳ ପରିମାଣର ଲାଞ୍ଚ ନେଇ ଯାଉଥିବା ଖବର ଭିଜିଲାନ୍ସକୁ ମିଳିଥିଲା। ତେବେ ଭିଜିଲାନ୍ସ ଅଧିକାରୀମାନେ ପାଣିଗ୍ରାହୀଙ୍କ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ଗାଡ଼ିରୁ ନଗଦ ୯୬ହଜାର ୫୦୦ ଟଙ୍କା ଓ ୧୦ ଗ୍ରାମ ଓଜନର ଏକ ସୁନା କଏନ ମିଳିଥିଲା। ପାଣିଗ୍ରାହୀ ଉକ୍ତ ଟଙ୍କା ଓ ସୁନା କଏନ ହିସାବ ଭିଜିଲାନ୍ସ ଅଧିକାରୀମାନଙ୍କୁ ଦେଇପାରି ନ ଥିଲେ। ଏହା ପରେ ଭିଜିଲାନ୍ସ ପକ୍ଷରୁ ପାଣିଗ୍ରାହୀଙ୍କ ଭୁବନେଶ୍ୱର ଘରକୁ ଯାଞ୍ଚ କରାଯାଇଥିଲା। ଏହାପରେ ପାଣିଗ୍ରାହୀଙ୍କ ଦଖଲରେ ଥିବା ଅନ୍ୟାନ୍ୟ ସମ୍ପତ୍ତିର ସୁରାକ ଭିଜିଲାନ୍ସ ପାଇଥିଲା। ଏହାକୁ ଭିତ୍ତିକରି ଭିଜିଲାନ୍ସ ଅଧିକ ତଦନ୍ତ ଚଳାଇଥିଲା। ତଦନ୍ତ ଅନୁଯାୟୀ ପାଣିଗ୍ରାହୀଙ୍କ ଅନୁଗୋଳଠାରେ ଗୋଟିଏ ପ୍ଲଟ ଥିବାବେଳେ ଭୁବନେଶ୍ୱରର ଖଣ୍ଡଗିରି ନିକଟରେ ଗୋଟିଏ ଦୁଇ ମହଲା କୋଠା, ୪୪୨ ଗ୍ରାମ ସୁନା (ସୁନା କଏନ ସହିତ), ୧କେଜି ୧୬୮ ଗ୍ରାମ ରୁପା, ଗୋଟିଏ ଟ୍ରାଭେରା କାର୍, ଗୋଟିଏ ମାରୁତି ରିଟ୍‌ଜ କାର୍, ଗୋଟିଏ ମାରୁତି ୮୦୦ କାର୍, ଗୋଟିଏ ହୋଣ୍ଡା ଆକ୍ଟିଭା ସ୍କୁଟର, କ୍ରଶର ୟୁନିଟ୍, ଏଲ୍‌ଆଇସି ଜମା, ବ୍ୟାଙ୍କ ଜମା, ଶେୟାର ବଣ୍ଡ, ବିଦେଶ ଗସ୍ତ ସମ୍ପର୍କିତ ଏୟାର ଟିକେଟ ରହିଥିବା ସମ୍ପର୍କରେ ଜଣାପଡ଼ିଥିଲା। ପାଣିଗ୍ରାହୀଙ୍କ ପ୍ରାୟ ୧ କୋଟି ୩୬ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି, ଯାହାର ସେ କୌଣସି ହିସାବ ଦେଇପାରି ନ ଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତାଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୪୬/୨୦୧୮ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ପାଣିଗ୍ରାହୀଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିଲା। ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଭୁବନେଶ୍ୱର ଅପରେଶନ ସେଣ୍ଟର ବୁଲିଲେ କର୍ନାଟକ ବିଧାନସଭା ଏଷ୍ଟିମେଟ କମିଟି

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)- କର୍ନାଟକ ବିଧାନସଭାର ଏଷ୍ଟିମେଟ କମିଟି ଅଧ୍ୟକ୍ଷ ବିଧାୟକ କେ. ଶ୍ରୀନିବାସ ଗୌଡାଙ୍କ ନେତୃତ୍ୱରେ କର୍ନାଟକ ସରକାରଙ୍କ ୭ ଅଧିକାରୀ ଭୁବନେଶ୍ୱର ସ୍ମାର୍ଟ ସିଟି ପରିଦର୍ଶନରେ ଆସିଛନ୍ତି। ସେମାନେ ଭୁବନେଶ୍ୱର ଅପରେଶନ ସେଣ୍ଟରକୁ ଯାଇ ସ୍ମାର୍ଟ ସିଟି ପ୍ରକଳ୍ପଗୁଡିକରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପକୁ ଅନୁଧ୍ୟାନ କରିଛନ୍ତି। ପାର୍କିଂ ପରିଚାଳନା, ଟ୍ରାଫିକ୍ ସିଗନାଲ, ସ୍ମାର୍ଟ ଜନପଥ, ଓଡ଼ିଶୀ ସିଟି କାର୍ଡ ସହିତ କମନ ସିଟି ପେମେଣ୍ଟ ସିଷ୍ଟମ ପ୍ରକଳ୍ପଗୁଡିକ ବିଷୟରେ ଅବଗତ ହେବା ସହ ଏହାର ପ୍ରଶଂସା କରିଛନ୍ତି। ପରେ କମିଟି ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଥିବା ଐତିହାସିକ ସ୍ଥାନଗୁଡିକ ପରିଦର୍ଶନ କରିବା ସହିତ କୋଣାର୍କ ମନ୍ଦିର ବୁଲି ଦେଖିବାର ଯୋଜନା ରହିଛି।


# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ଶରତ ଚନ୍ଦ୍ର ପଣ୍ଡା**
ଆବିର୍ଭାବ: ୦୧।୦୩।୧୯୩୩
ତିରୋଧାନ: ୨୫।୦୯।୨୦୧୭

ଚାହୁଁ ଚାହୁଁ ବର୍ଷେ ପୂରିଗଲା ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ସ୍ନେହ ଆଦର ବାନ୍ଧି ରଖିବାର କ୍ଷମତା ସବୁବେଳେ ମନେପଡୁଥିବ। ତୁମ ଆଶୀର୍ବାଦ ଆମ ଉପରେ ଥାଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ତ୍ରୀ, ଭାଇ, ଭାଇବୋହୂ, ପୁଅ, ବୋହୂ, ନାତିନାତୁଣୀ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ-୬୫୧୧୨

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ବିରଞ୍ଚି ନାରାୟଣ ପ୍ରଧାନ**
ଶିକ୍ଷକପଡ଼ା, ଅନୁଗୋଳ
ଜନ୍ମ: ୨୦।୧୨।୧୯୩୨
ତିରୋଧାନ: ୦୩।୧୦।୨୦୧୮

ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପତ୍ନୀ- ପୁଷ୍ପରାନି ପ୍ରଧାନ, ପୁଅ- ରାଜେନ୍ଦ୍ର କୁମାର ପ୍ରଧାନ, ଧୀରେନ୍ଦ୍ର କୁମାର ପ୍ରଧାନ, ଝିଅ- ଶାନ୍ତିରାଣୀ ପ୍ରଧାନ, ବୋହୂ, ନାତୁଣୀ, ନାତି ଓ ପ୍ରଧାନ ପରିବାରବର୍ଗ। ଧ-୮୮୯୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଫକୀର ମିଶ୍ର**
ଆବିର୍ଭାବ: ୧୯୨୮
ତିରୋଧାନ: ୨୦୧୭
ବିଶ୍ୱନାଥପୁର, ସାକ୍ଷୀଗୋପାଳ

ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି କରାନ୍ତୁ କେବଳ ଏତିକି ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁବାନ୍ଧବ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୮୮୯୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦଶାହ ଉପଲକ୍ଷେ**



**ସ୍ୱର୍ଗତ ପରେଶ ଚନ୍ଦ୍ର ଦାଶ**
ପୂର୍ବତନ ମୁଖ୍ୟଯନ୍ତ୍ରୀ ଜଳସମ୍ପଦ ବିଭାଗ
ଆବିର୍ଭାବ: ୨୬।୦୯।୧୯୪୭
ତିରୋଧାନ: ୦୪।୧୦।୨୦୧୮

ବିଧିର ବିଧାନ ବିଚିତ୍ର- ସେଦିନ ଥିଲା ଶ୍ରାଦ୍ଧୋତ୍ସବର ପବିତ୍ର ପରିବେଶ, ଏକତ୍ର ହୋଇଥିଲେ ସମସ୍ତ ବନ୍ଧୁ, ପରିଜନ ଓ ସହୋଦରମାନେ। ଆନନ୍ଦର ଆତିଶଯ୍ୟରେ ଆପଣ ଗପିଚାଲିଲେ.. ହଠାତ୍ କଥା ଅଟକି ଗଲା ଓଠରେ.. ନିର୍ବାକ୍, ନିସ୍ପନ୍ଦ ଶରୀର, ସବୁଚେଷ୍ଟା ବିଫଳ ହେଲା, ଆଖିଖୋଲି କାହାକୁ ଚାହିଁଲେନି ଆପଣ, ଅସମୟରେ କେଉଁ ଅଜଣା ରାଜ୍ୟକୁ ଚାଲିଗଲେ, ରହିଗଲା ଖାଲି ଅସରନ୍ତି ସ୍ମୃତି ଆଉ ପ୍ରଶ୍ନବାଚୀ। ହେ ଦେବାତ୍ମା ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୮୮୭୮

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅମ୍ବିକା ଚରଣ ପଟ୍ଟନାୟକ**
ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ଆବିର୍ଭାବ: ୩୧।୦୩।୧୯୩୭
ତିରୋଧାନ: ୦୩।୧୦।୨୦୧୮

ଚାହୁଁ ଚାହୁଁ ବିତିଗଲା ଦଶଦିନ, ଅଫେରା ରାଇଜେ ତୁମେ,
ବିଶ୍ୱାସ ହେଉନି ତୁମେ ନାହଁ ବୋଲି, ଝୁରି ହେଉଅଛୁ ଆମେ।
ପୁଅ ଝିଅ ପତ୍ନୀ ଜ୍ୱାଇଁ ଓ ନାତୁଣୀ, ପୁତୁରା ଝିଆରି ଯେତେ,
ସଭିଏଁ କାନ୍ଦନ୍ତି ମୁଣ୍ଡବାଡେଇ, ଫେରିବନି ତୁମେ ସତେ।
ଆତ୍ମାର ତୁମ ସଦ୍‌ଗତି ହେଉ, ଏତିକି ପ୍ରାର୍ଥନା ଆମ,
ପରମାତ୍ମା ସଙ୍ଗେ ମିଶୁ ତବ ଆତ୍ମା, ପୂର୍ଣ୍ଣ ହେଉ ମନସ୍କାମ।
ଇତି ତୁମର: ସ୍ତ୍ରୀ- ରୁନି, ପୁଅ-ମୁନା, କୁନା, ବୋହୂ- ପୁଷ୍ପ, ଗୁଲି, ପୁତୁରା- ଟୁଟୁ, ମିଠୁ, ଗିଟୁ, ଜ୍ୱାଇଁ- ବାବୁଲି, ଝିଆରୀ- ଗୀତି, ଟିକିଲି, ନାତି ଓ ନାତୁଣୀ- ସିଲ୍‌କି ଓ ଶୁଭମ। ଧ-୮୮୮୪


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ରାଶ୍ୟାଧିପତିଙ୍କ ସୁପ୍ରଭାବରେ ମାନସିକ ସନ୍ତୁଳନ ରକ୍ଷା କରିବାରେ ଅସମର୍ଥ ହେବେ। ପ୍ରତ୍ୟେକ କାମ ଟିକିଏ ବିଳମ୍ବ ଓ ଝମେଲା ଭିତରେ ହିଁ ହେବ, କିନ୍ତୁ ଯଦି ତରବରିଆ ପଦକ୍ଷେପ ନେବେ ତେବେ ବେଶି ହଇରାଣ ହେବେ। ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବୃଷ**
ସ୍ୱସ୍ଥାନସ୍ଥ ଶୁକ୍ର ହେତୁ ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା, ପ୍ରଶାସନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଜିଯିବାର ସମ୍ଭାବନା ରହିଛି।

**ମିଥୁନ**
ସୁବିଧା ସୁଯୋଗ ରହିଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ କର୍ମମୁଖର ହେବେ। କଳା, ସାହିତ୍ୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ**
କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ।

**ସିଂହ**
ବାକି ପଡିଥିବା କାମକୁ ସମ୍ପୂର୍ଣ୍ଣ କରିବା ସକାଶେ କର୍ମକ୍ଷେତ୍ରରେ କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିବେ। ପ୍ରତ୍ୟେକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ସଭାସମିତିରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ମାଲିମକଦ୍ଦମା, ଯାତ୍ରା, ଗବେଷଣା ତଥା ପରିବହନରେ ଲାଭବାନ ହେବେ ।

**କନ୍ୟା**
ସହକର୍ମୀଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇବେ। ଯାତ୍ରା କାଳରେ କୌଣସି ଖଳ ଲୋକଙ୍କ କଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରି ହଇରାଣ ହେବାକୁ ପଡିପାରେ। ମାଲି ମକଦ୍ଦମା, ତର୍କବିତର୍କ, ସଭା ସମିତି, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। କଚେରି ମାମଲାରେ ବିଳମ୍ବ ଜନିତ ଅଶାନ୍ତି ଅନୁଭବ କରିପାରନ୍ତି।

**ତୁଳା**
ଅଯଥାରେ ବିରକ୍ତି ପ୍ରକାଶ କରି ବିଭିନ୍ନ ପ୍ରକାର କଥା କହିବା କାରଣରୁ ବିବାଦ ବଢ଼ିପାରେ। ସାମାଜିକ ଓ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା,ସାହିତ୍ୟ, ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଯେତେ ଚେଷ୍ଟା କଲେ ମଧ୍ୟ ହଠାତ୍ କୌଣସି ଆଶାନୁରୂପ ସଫଳତା ମିଳି ନ ପାରେ।

**ବିଛା**
ଦୀର୍ଘ ଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଆଲୋଚନାକାଳରେ ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ପରୋକ୍ଷରେ ସମାଲୋଚିତ ହେବେ।

**ଧନୁ**
କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷ ଶତ୍ରୁତା କରିପାରନ୍ତି। ଆଜି ଦିନଟିରେ ଯାନବାହନରେ ସତର୍କତା ରକ୍ଷା କରନ୍ତୁ, ଆଲୋଚନା ମାଧ୍ୟମରେ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। ବାଣିଜ୍ୟ,ବ୍ୟବସାୟରେ ଉନ୍ନତି କରିବେ।

**ମକର**
ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ନଚେତ୍ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି କାରବାର ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ**
ଦୀର୍ଘଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ବନ୍ଧୁଙ୍କ ମାଧ୍ୟମରେ ତାହା ଅତି ସୁବିଧାରେ ପାଇଯିବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁମାନଙ୍କ ସହ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବି ଚିନ୍ତି କାମ କରିବା ଭଲ ହେବ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବ।

**ମୀନ**
ବହୁପୂର୍ବରୁ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ, କିନ୍ତୁ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ । ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଆଶ୍ୱିନ ଶୁକ୍ଳ ପଞ୍ଚମୀ, ଶନିବାର, ଅକ୍ଟୋବର ୧୩ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧୨।୦୮ମି. ପର୍ଯ୍ୟନ୍ତ ଅନୁରାଧା/ବିଛା, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୩୦ମି. ଗତେ ଘ୧।୦୦ମି. ମଧ୍ୟେ, ଘ୨।୨୫ମି. ଗତେ ଘ୩।୫୨ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୧୧ମି. ଗତେ ଘ୮।୩୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮।୩୯ମି. ଗତେ ଘ୧୦।୦୬ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ଶନିବାର, ଅକ୍ଟୋବର ୧୩/୨୦୧୮ | Dhenkanal-Angul, Saturday, October 13 /2018 | ( ପୃଷ୍ଠା-୧)




**ଏସିଆନ ପାରା ଗେମ୍ସ: ଡବଲ୍ସରେ ପ୍ରମୋଦଙ୍କୁ ବ୍ରୋଞ୍ଜ**
ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ଏସଏଲ୩ ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ।
୧୫

୦୬
**ଅଭିନୟ ବନ୍ଦ କରିନାହିଁ: ନେହା ଧୁପିଆ**
କିଛିଦିନ ମଧ୍ୟରେ ମା' ହେବାକୁ ଯାଉଥିବା ନେହା କହନ୍ତି, ସେ ଏଥିପାଇଁ ଅଭିନୟ ବନ୍ଦ କରୁନାହାନ୍ତି।




୫ ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ କଲେଜିୟମ୍ ସୁପାରିସ — ପୃଷ୍ଠା ୧୧

ଆଜିଠୁ ମହାନଦୀ ଟ୍ରିବ୍ୟୁନାଲ ଶୁଣାଣି ଆରମ୍ଭ — ପୃଷ୍ଠା ୦୫


# ପାହାଡ଼ ଧସି ୧୨ ମୃତ

■ ସ୍ପଷ୍ଟ କରୁନାହିଁ ଜିଲା ଓ ପୋଲିସ ପ୍ରଶାସନ
■ ତିତ୍‌ଲି ପାଇଁ ଗୁମ୍ଫାରେ ନେଇଥିଲେ ଆଶ୍ରୟ

ପାରଳାଖେମୁଣ୍ଡି(ସ୍ୱ.ପ୍ର.)/ ଭୁବନେଶ୍ୱର(ବ୍ୟୁରୋ),୧୨।୧୦

ଆନ୍ଧ୍ର ସୀମାନ୍ତ ତଥା ଗଜପତି ଜିଲା ରାୟଗଡ଼ ବ୍ଲକର ଗଙ୍ଗାବାଡ଼ ପଞ୍ଚାୟତ ଅନ୍ତର୍ଗତ ବାରଘର ଗାଁରେ ପାହାଡ଼ ଧସି ୧୨ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଗତ ବୁଧବାର ତିତ୍‌ଲି ପ୍ରଭାବରେ ଗାଁରେ ବନ୍ୟାପାଣି ପଶିବା ପରେ କେତେଜଣ ଲୋକ ନିକଟସ୍ଥ ପାହାଡ଼ରେ ଥିବା ଗୁମ୍ଫାରେ ଆଶ୍ରୟ ନେଇଥିଲେ। ପାଣି ଛାଡ଼ି ନ ଥିବାରୁ ସେମାନେ ଶୁକ୍ରବାର ସୁଦ୍ଧା ଫେରି ନ ଥିଲେ। ହେଲେ ଲଗାଣ ବର୍ଷା ଯୋଗୁ ପାହାଡ଼ ଧସିଯାଇ ଆଶ୍ରୟ ନେଇଥିବା ଗ୍ରାମବାସୀଙ୍କ ମଧ୍ୟରୁ ୧୨ ଜଣ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ଏହାସହ ଅନ୍ୟ ୪ ଜଣ ଫସିରହିଥିବା ମଧ୍ୟ ଅନୁମାନ କରାଯାଉଛି। ମୃତକଙ୍କ ମଧ୍ୟରେ ୫ ଜଣ ଶିଶୁ ଥିବା କୁହାଯାଉଛି। ତେବେ ଗୁମ୍ଫାରେ ଆଶ୍ରୟ ନେଇଥିବା ବାରଘର ଗ୍ରାମବାସୀଙ୍କ ମଧ୍ୟରେ ଥିଲେ ଦଣ୍ଡପାଣି ଭୂୟାଁ (୪୫), ଦୀନେଶ ଭୂୟାଁ(୭), ଚମ୍ପା ଶବର (୬୫), ଜୟଚନ୍ଦ୍ର ଭୂୟାଁ (୩୦), ସୋମନାଥ ଜାନି (୬୦), ସୁମିତ୍ରା ଭୂୟାଁ (୪୦), ଜିଞ୍ଜି ଶବର (୭), ଶ୍ରୀମତୀ ଜାନି (୨୫), ଲାଲୁ ବେହେରା (୫), ଗଙ୍ଗାଧର ବେହେରା (୪୫), ଗଗନ ଜାନି(୧୮), ମୀନାକ୍ଷୀ ଶବର(୧୫)। ଆଉ କେତେଜଣଙ୍କ ନାମ ଜଣାପଡ଼ିନାହିଁ। ଏନେଇ ଗଜପତି ଜିଲା ଓ ପୋଲିସ ପ୍ରଶାସନ ମୃତ୍ୟୁ ସମ୍ପର୍କରେ କିଛି ସ୍ପଷ୍ଟ କରିନାହିଁ। ଏସ୍‌ଆରସି ବିଷ୍ଣୁପଦ ସେଠୀ କହିଛନ୍ତି ଯେ, ମୃତ୍ୟୁ ସଂକ୍ରାନ୍ତରେ ସ୍ପଷ୍ଟ ସୂଚନା ନାହିଁ। ଗଜପତି ଏସ୍‌ପିଙ୍କୁ ଶନିବାର ସକାଳେ ଘଟଣାସ୍ଥଳକୁ ଯାଇ ରିପୋର୍ଟ ଦେବାକୁ କୁହାଯାଇଛି। ଗଜପତି ଜିଲାପାଳ ଅନୁପମ ସାହା କହିଛନ୍ତି ଯେ, ଶନିବାର ଏସ୍‌ପି ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ଯାହା କିଛି କହିହେବ। ଗଜପତି ଏସ୍‌ପି ଅମୂଲ୍ୟ କୁମାର ଦାସ କହିଛନ୍ତି ଯେ, ଆମ ପାଖରେ ଏ ସମ୍ପର୍କରେ ଖବର ପହଞ୍ଚିଛି। ଯେଉଁ ଜାଗାରେ ଭୂସ୍ଖଳନ ହୋଇଛି ବୋଲି କୁହାଯାଉଛି ତାହା ମୁଖ୍ୟ ରାସ୍ତାଠାରୁ ୭/୮ କିଲୋମିଟର ଦୂରରେ ରହିଛି। ହେଲେ ରାତି ଓ ଦୁର୍ଗମ ଅଞ୍ଚଳ ଯୋଗୁ ସେଠାକୁ ଯିବା ସମ୍ଭବ ହେଉନାହିଁ। ଶନିବାର ସକାଳେ ସେଠାକୁ ଯିବୁ।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଏନେଇ ବିଳମ୍ବିତ ରାତିରେ ଟୁଇଟ୍ କରି ସୂଚନା ଦେଇଛନ୍ତି, ଯେ ପାହାଡ଼ ଧସିବା ଓ ତିତ୍‌ଲି ପ୍ରଭାବରେ ଗଜପତି ଜିଲାର ମୋଟ ୧୭ ଜଣଙ୍କ ମୃତ୍ୟୁ ହୋଇଛି।

# ଉଜାଡ଼ିଦେଲା 'ତିତ୍‌ଲି' ବର୍ଷା



ବ୍ରହ୍ମପୁର-କନିଷ୍ଠ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ବଳରାମପୁରଠାରେ ବାହୁଦା ନଦୀରେ ଭାସି ଯାଇଥିବା ଏକ ଗାଡ଼ିରୁ ଲୋକଙ୍କୁ ଉଦ୍ଧାର କରାଯାଉଛି।

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ସାମୁଦ୍ରିକ ଝଡ଼ 'ତିତ୍‌ଲି' ଉପକୂଳ ଅତିକ୍ରମ କରି ଯାଇଥିଲେ ମଧ୍ୟ ଏହାର ପ୍ରଭାବରେ ଦକ୍ଷିଣ ଓଡିଶା ଛାରଖାର ହୋଇଯାଇଛି। ଝଡ଼ ଏବଂ ଏହାର ପରବର୍ତ୍ତୀ ବର୍ଷା ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାକୁ ଉଜାଡି ଦେଇଛି । ପୁରୀ, କନ୍ଧମାଳ ଓ କେନ୍ଦ୍ରାପଡା ଜିଲା ମଧ୍ୟ ଏଥିରେ ପ୍ରଭାବିତ ହୋଇଛି। ଘରଦ୍ୱାର, ରାସ୍ତାଘାଟ, ବିଲବାଡି ଚାରିଆଡ ଜଳାର୍ଣ୍ଣବ। ଅନେକ ସ୍ଥାନରେ ଘରଦ୍ୱାର ଭାଙ୍ଗି ଯାଇଥିବାବେଳେ ବିଦ୍ୟୁତ୍ ଓ ଟେଲି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବିଭିନ୍ନ ଅଞ୍ଚଳରେ ଲୋକମାନେ ପାଣି ଘେରରେ ରହିଛନ୍ତି। ବର୍ଷା ପାଣିରେ ବଂଶଧାରା ଓ ଋଷିକୁଲ୍ୟା ନଦୀ ଫୁଲି ବିପଦ ସଙ୍କେତ ଉପରକୁ ଚାଲିଯାଇଛି। ଗତ ଦୁଇଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁ ଉପକୂଳ ଓଡିଶା ମଧ୍ୟ ବର୍ତ୍ତି ନାହିଁ। ☞ପୃଷ୍ଠା-୫

## କର୍ମଚାରୀଙ୍କ ପୂଜା ଛୁଟି ବାତିଲ

### ୩ ଜଣିଆ ମନ୍ତ୍ରୀସ୍ତରୀୟ କମିଟି ଗଠିତ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ସାମୁଦ୍ରିକ ଝଡ 'ତିତ୍‌ଲି' ପ୍ରଭାବରେ ବର୍ଷା ଏବଂ ଏଥିଯୋଗୁ ସୃଷ୍ଟି ହୋଇଥିବା ବନ୍ୟାର ମୁକାବିଲା ପାଇଁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ୩ ଜଣିଆ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରିଛନ୍ତି। ଏହି ଟିମ୍‌ରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ସଦସ୍ୟ ରହିଛନ୍ତି। ଏହି ଟିମ୍ ତୁରନ୍ତ ଗଞ୍ଜାମ, ଗଜପତି ଓ ରାୟଗଡା ☞ପୃଷ୍ଠା-୫

**କଟକଣା ଜାରିକଲେ ସିଜେଆଇ**

## ବିଚାରପତିଙ୍କୁ ଛୁଟି ମନା

ନୂଆଦିଲ୍ଲୀ,୧୨।୧୦

ଅତି ଜରୁରୀ ନ ହେଲେ ବିଚାରପତିମାନେ କାର୍ଯ୍ୟଦିବସରେ ଛୁଟି ନେଇପାରିବେ ନାହିଁ। କୋର୍ଟଗୁଡ଼ିକରେ ବର୍ଷ ବର୍ଷ ଧରି ବହୁସଂଖ୍ୟକ ମାମଲା ଗଡୁଥିବାରୁ ଉଚିତ ସମୟରେ ସେଗୁଡ଼ିକର ବିଚାର ପାଇଁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ଶୁକ୍ରବାର ବିଚାରପତିମାନଙ୍କ ଛୁଟି ଉପରେ କଟକଣା ଜାରି କରିଛନ୍ତି।

ଜଷ୍ଟିସ୍ ଗୋଗୋଇ ଅକ୍ଟୋବର ୩ରେ ୪୬ତମ ସିଜେଆଇ ଭାବେ ଶପଥ ନେଇଥିଲେ। ଏହାର ଦୁଇଦିନ ପରେ ସେ ହାଇକୋର୍ଟଗୁଡ଼ିକର ମୁଖ୍ୟ ବିଚାରପତି ଓ ଅନ୍ୟୂନ ୨ ବରିଷ୍ଠ ବିଚାରପତିଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଥିଲେ। ସମୟବଦ୍ଧ ଭାବେ ମାମଲାଗୁଡ଼ିକର ଶୁଣାଣି ଓ ନ୍ୟାୟପାଳିକାରେ ଦୁର୍ନୀତି ରୋକିବା ଉପରେ ସେ ସେମାନଙ୍କଠାରୁ ପରାମର୍ଶ ଲୋଡିଥିଲେ। ବିଚାରପତିମାନେ ମଧ୍ୟ ଅନୁରୂପ ଭାବେ ଏହାର ସମାଧାନ ପାଇଁ ତାଙ୍କୁ କେତେକ ପ୍ରସ୍ତାବ ଦେଇଥିଲେ। ନ୍ୟାଶନାଲ୍ ଜୁଡିସିଆଲ୍ ଡାଟା ଗ୍ରୀଡ୍ ଅନୁସାରେ ଦେଶର ତଳ କୋର୍ଟଗୁଡ଼ିକରେ ୨.୭୭ ମାମଲା ବିଚାରାଧୀନ ଅଛି। ୨୪ ହାଇକୋର୍ଟରେ ୪.୩ ନିୟୁତ ମାମଲା ଫଇସଲା ନ ହୋଇ ପଡ଼ିରହିଛି। ସେହିପରି ସୁପ୍ରିମକୋର୍ଟରେ ୫୫, ୯୪୬ ମାମଲା ଗଡୁଥିବା ଜଣାପଡ଼ିଛି। ଏସବୁକୁ ନେଇ ସିଜେଆଇ ଗୋଗୋଇ ଏକ କାର୍ଯ୍ୟକ୍ରମରେ ଚିନ୍ତାବ୍ୟକ୍ତ କରିଥିଲେ। ଏଥିସହ ତ୍ରିସ୍ତରୀୟ ବିଚାର ପ୍ରକ୍ରିୟାରେ କୋର୍ଟଗୁଡ଼ିକ ଉପରୁ ମାମଲା ବୋଝ ହଟାଇବା ପାଇଁ ତାଙ୍କ ପାଖରେ ଏକ ଯୋଜନା ☞ପୃଷ୍ଠା-୫





**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


**ଆଜିର ମନ୍ତବ୍ୟ**

"ନୈତିକତାର ବିପରୀତ ଦିଗରେ ଯାତ୍ରା କରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।
—ଶକ୍ତିସିନ୍ ଗୋହିଲ୍, କଂଗ୍ରେସ ମୁଖପାତ୍ର


NECC NATIONAL EGG CO-ORDINATION COMMITTEE — 12.10.2018 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 61 | 107 | 117 |
| DKL | 61 | 107 | 117 |
| BDK | 62 | 109 | 119 |
| BLS | 64 | 111 | 121 |
| ANG | 62 | 109 | 119 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers


## ମୁଖ୍ୟମନ୍ତ୍ରୀଙ୍କ ୩ ଜିଲା ଗସ୍ତ ଆଜି

ଭୁବନେଶ୍ୱର(ବ୍ୟୁରୋ)/ ବ୍ରହ୍ମପୁର ଅଫିସ,୧୨।୧୦

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଗଞ୍ଜାମ, ଗଜପତି ଓ ରାୟଗଡ଼ା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଆକାଶମାର୍ଗରୁ ଆସିକା ଓ ପୁରୁଷୋତ୍ତମପୁର ଅଞ୍ଚଳର ଉଦ୍‌ବେଗଜନକ ଅବସ୍ଥା ଅନୁଧ୍ୟାନ କରିବେ। ସୂଚନାଯୋଗ୍ୟ, ଋଷିକୁଲ୍ୟା ନଦୀ ବନ୍ୟାରେ ମୁଖ୍ୟତଃ ଆସିକା ଓ ପୁରୁଷୋତ୍ତମପୁର ଅଞ୍ଚଳ ଅବସ୍ଥା ସଙ୍ଗିନ ହୋଇଯାଇଛି । ପାଣି ଘେରରେ ହଜାର ହଜାର ଲୋକ ଅଛନ୍ତି। ଉଦ୍ଧାର କାର୍ଯ୍ୟ ପାଇଁ ଦୁଇଟି ହେଲିକପ୍ଟର ଶୁକ୍ରବାର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ପହଞ୍ଚିଥିଲା। ସନ୍ଧ୍ୟା ହୋଇଯିବାରୁ ହେଲିକପ୍ଟର ଉଦ୍ଧାର କାର୍ଯ୍ୟକୁ ନ ଯାଇ ଗୋଳାବନ୍ଧସ୍ଥିତ ମିଲିଟାରୀ କ୍ୟାଣ୍ଟନମେଣ୍ଟରେ ☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

## ସୁରକ୍ଷା ରଣନୀତି

**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷ ଜାନୁୟାରୀ-ଅଗଷ୍ଟରେ ଭାରତ ଏବଂ ଆଜାରବେଜାନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୬୫୭.୯ ନିୟୁତ ଡଲାର ରହିଛି।
—ବାଣିଜ୍ୟ ମନ୍ତ୍ରଣାଳୟ



■ପ୍ରଦୂଷଣ ବଢ଼ାଇଛି ତାଳଚେରବାସୀଙ୍କ ଚିନ୍ତା

# ଖଣି ଖାଦାନ କ୍ଷତିଗ୍ରସ୍ତ ପ୍ରଜା ସଂଘର ବିକ୍ଷୋଭ

**ଅନୁଗୋଳ ଅଫିସ, ୧୨ା୧୦**

ତାଳଚେର ଖଣି ଖାଦାନ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ୬ ଦଫା ଦାବି ନେଇ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତାଳଚେରରେ ଦିନକୁ ଦିନ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଫଳରେ ଅଞ୍ଚଳବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ପ୍ରଦୂଷଣ ରୋକିବାକୁ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଅନୁଗୋଳ ଏସ୍‌ପିଙ୍କ ନିକଟକୁ ମଧ୍ୟ ପ୍ରେରଣ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।

ତାଳଚେର ଅଞ୍ଚଳରେ ଏମ୍‌ସିଏଲ୍‌ର ବିଭିନ୍ନ କୋଇଲା ଖଣି ସହ ଏନ୍‌ଟିପିସିର ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ୩ଟି କୋଲ ୱାସରୀ କାର୍ଯ୍ୟକରୁଛି। ଫଳରେ ଦିନକୁ ଦିନ ପ୍ରଦୂଷଣ ବଢ଼ିବାରେ ଲାଗୁଛି। ଏହି କାରଣରୁ ତାଳଚେରର ବହୁ ଲୋକ ରୋଗଗ୍ରସ୍ତ ହୋଇପଡୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଏଠାରୁ କୋଟି କୋଟି ଟଙ୍କା ରାଜସ୍ୱ ନେଉଥିବାବେଳେ ସ୍ଥାନୀୟ ବାସିନ୍ଦା ଦୁର୍ଦ୍ଦଶା ଭୋଗୁଛନ୍ତି। ଏପରିକି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ କେତେକ କମ୍ପାନୀ ଖୋଲାଖୋଲି ଭାବେ ଉଂଲଘନ କରୁଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏମ୍‌ସିଏଲ୍‌ରେ ୩୦ ହଜାର କର୍ମଚାରୀ କାର୍ଯ୍ୟକରୁଥିବା ବେଳେ ମାତ୍ର ୩ ହଜାର ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ତେଣୁ ସ୍ଥାନୀୟ ଲୋକଙ୍କୁ ଅଧିକ ନିଯୁକ୍ତି ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଉକ୍ତ ଅଞ୍ଚଳରେ ମାଲବାହୀ ଟ୍ରେନ୍ ଗୁଡ଼ିକ ଯାତାୟତ କରୁଥିବାରୁ ସେଥିରୁ ମଧ ପ୍ରଦୂଷଣ ସୃଷ୍ଟି ହେଉଛି। ଏଥିରେ ଭଲ ଭାବେ ଜରିପାଲ ଘୋଡ଼ାଯାଇ ଯାତାୟାତ କରିବାକୁ ଦାବି କରାଯାଇଛି। ଏଥିସହ କଣିଁହାରୁ ଗୋଟିଏ ଯାତ୍ରୀବାହୀ ଟ୍ରେନ ତାଳଚେର ଦେଇ ଭୁବନେଶ୍ୱର ଚଳାଚଳ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଏକ ଦାବିପତ୍ର ମନୋଜ କୁମାର ପ୍ରଧାନ ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି। ମଧ୍ୟାହ୍ନରେ ଏକ ବିଶାଳ ରାଲି ଷ୍ଟାଡିୟମ ନିକଟରୁ ବାହାରି ବଜାର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରାଯାଇଥିଲା।



ଖଣି ଖାଦାନ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

## ଜନ ଶୁଣାଣି ଶିବିର

**ବଅଁରପାଳ, ୧୨ା୧୦(ଡି.ଏନ.ଏ.)**

ବଅଁରପାଳ ବ୍ଲକ ପରିସରରେ ଶୁକ୍ରବାର ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ନେତ୍ରାନନ୍ଦ ମଲ୍ଲିକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସୋସିଆଲ ଅଡିଟର ସୁଧାଂଶୁ କୁମାର ସ୍ୱାଇଁ, ଜିଲା ସଂଯୋଜକ କିଶୋର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ନକଲି ପ୍ରଦୂଷଣ ଯାଞ୍ଚ ଭ୍ୟାନ୍ ଜବତ

**ଅନୁଗୋଳ ଅଫିସ, ୧୨ା୧୦**

ଜାତୀୟ ପ୍ରଦୂଷଣ ଯାଞ୍ଚ ଗାଡ଼ି ବୋଲି ଦର୍ଶାଇ ଏକ ସଂସ୍ଥା ପକ୍ଷରୁ ଦୀର୍ଘ ଦିନ ହେବ ଅନୁଗୋଳ ଓ ତାଳଚେର ଅଞ୍ଚଳର ବିଭିନ୍ନ ଗାଡ଼ି ମାଲିକଙ୍କଠାରୁ ଯାଞ୍ଚ ଆଳରେ ଲକ୍ଷ ଲକ୍ଷ ଟଙ୍କା ଠକି ନିଆଯାଇଥିବା ବେଳେ ଗୁରୁବାର ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଗୋଟିଏ ଗାଡ଼ିକୁ ଜବତ କରିଛନ୍ତି। ଘଟଣାରୁ ପ୍ରକାଶ, ସମ୍ପୃକ୍ତ ସଂସ୍ଥା ଜାତୀୟ ପ୍ରଦୂଷଣ ଯାଞ୍ଚ ଫଳକ ଲଗାଇ ଅନୁଗୋଳ ଓ ତାଳଚେର ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଏକାଧିକ ଭ୍ୟାନ ରଖି ଗାଡିଗୁଡ଼ିକର ପ୍ରଦୂଷଣ ଯାଞ୍ଚ କରୁଥିଲା। ଏଥିସହ ନକଲି ସାର୍ଟିଫିକେଟ ପ୍ରଦାନ କରି ଲକ୍ଷାଧିକ ଟଙ୍କା ହଡପ କରୁଥିଲା। ବିଭିନ୍ନ ସୂତ୍ରରୁ ଅଭିଯୋଗ ପାଇବା ପରେ ଗତ ୧୧ ତାରିଖରେ ଅନୁଗୋଳ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀମାନେ ବିଭିନ୍ନ ଯାଗାରେ ଚଢ଼ାଉ କରିଥିଲେ। ହେଲେ ଆଗୁଆ ସୂଚନା ପାଇ ଉକ୍ତ ସଂସ୍ଥା ତାର ସମସ୍ତ ଭ୍ୟାନକୁ ଲୁଚାଇବାରେ ସକ୍ଷମ ହୋଇଥିଲେ ମଧ୍ୟ ଗୋଟିଏ ଗାଡ଼ି (ନଂ.ଓଆର୧୯ଏଲ–୩୧୯୫)କୁ ପରିବହନ ଅଧିକାରୀ ଜବତ କରିବାରେ ସଫଳ ହୋଇଛନ୍ତି। ଉକ୍ତ ଭ୍ୟାନରେ ନକଲି ଯାଞ୍ଚ ମେଶିନ ଲାଗିଥିବା ଦେଖିବାକୁ ମିଳିଛି। ଗାଡି ଜବତ କରାଯାଇ ମାଲିକଙ୍କ ସମ୍ପର୍କରେ ଅଧିକ ତଦନ୍ତ ଜାରିଥିବା ପରିବହନ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।









# ରାଜ୍ୟ ସରକାର ବାତ୍ୟା ମୁକାବିଲା କରିବାରେ ବିଫଳ: ବିରୋଧୀ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ବାତ୍ୟା ତିତ୍‌ଲି ପ୍ରଭାବରେ ଗଜପତି, ରାୟଗଡା ଏବଂ ଗଞ୍ଜାମ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି କରିଥିବା କହୁଥିଲେ ସୁଦ୍ଧା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବିଫଳତାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ଅନ୍ୟପଟେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଏଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ଚିନ୍ତା କରି ନ ଥିବା କହିଛନ୍ତି। ଏଥିରୁ ସରକାରଙ୍କ ଅପାରଗତା ପ୍ରତିଫଳିତ ହେଉଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟ ସରକାରଙ୍କ ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ନେଇ କହିଛନ୍ତି ଯେ, ବାତ୍ୟା ''ତିତ୍‌ଲି'' ସ୍ଥଳଭାଗକୁ ଛୁଇଁବା ପରବର୍ତ୍ତୀ ସମୟରେ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା, ପବନ ଓ ବନ୍ୟାଜନିତ କ୍ଷୟକ୍ଷତିର ମୁକାବିଲା କରିବା ଏବଂ ଜନସାଧାରଣଙ୍କୁ ଉଦ୍ଧାର କରିବାରେ ରାଜ୍ୟ ସରକାର ଶୋଚନୀୟଭାବେ ବିଫଳ ହୋଇଛନ୍ତି। ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ସରକାର ପରବର୍ତ୍ତୀ ସ୍ଥିତି ପ୍ରତି ସଜାଗ ରହିଲେନାହିଁ। ସେଥିପାଇଁ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା ଆଦି ଜିଲାରେ ବର୍ଷା ଓ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ଧାରଣ କରିଛି । ବାତ୍ୟା ସ୍ଥଳଭାଗ ଛୁଇଁବା ପରେ କିଛି ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିଲା। ସେହି ସବୁ ଜିଲାରେ ଏକାଧିକ ଏନ୍‌ଡିଆରଏଫ୍ ଏବଂ ଓଡ୍ରାଫ ଟିମ୍ ମୁତୟନ କରାଯିବା ଜରୁରୀ ଥିଲା। କିନ୍ତୁ ତାହା କରାଗଲା ନାହିଁ। ଏଥିପାଇଁ ଶତାଧିକ ପଞ୍ଚାୟତର ଅଧିବାସୀ ପାଣି ଘେରରେ ରହିଛନ୍ତି। ସେହିସବୁ ଲୋକଙ୍କୁ ତୁରନ୍ତ ଉଦ୍ଧାର କରି ଖାଦ୍ୟ, ଔଷଧ, ପାନୀୟ ଜଳ ଯୋଗାଇବା ସହିତ ଗୃହପାଳିତ ପଶୁଙ୍କ ପାଇଁ ଖାଦ୍ୟ ଯୋଗାଇବା ଏବଂ ସେମାନଙ୍କୁ ନିରାପଦ ସ୍ଥାନକୁ ଆଣିବା ଲାଗି ନିରଞ୍ଜନ ଦାବି କରିଛନ୍ତି। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ମଧ୍ୟ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତ୍ୱରାନିତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ମଧ୍ୟ ରାଜ୍ୟ ସରକାରଙ୍କ ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ନେଇ ଶାସକ ଦଳ ନେତାଙ୍କୁ ଟାର୍ଗେଟ କରିଛି। ତିତ୍‌ଲି ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷାଜନିତ ଦୁର୍ଦ୍ଦଶାର ମୁକାବିଲା ଲାଗି ଯୁବବର୍ଗ ଆଗେଇ ଆସି ସହଯୋଗର ହାତ ବଢାଇବା ପାଇଁ ଭାଜପା ଅନୁରୋଧ କରିଛି । ବାତ୍ୟା ଓ ଲଗାଣ ବର୍ଷା ନେଇ ପାଣିପାଗ ବିଭାଗ ସ୍ପଷ୍ଟ ପୂର୍ବାନୁମାନ କରିଥିଲା। ମାତ୍ର ରାଜ୍ୟ ସରକାରଙ୍କ ପ୍ରସ୍ତୁତିର ବିଫଳତା ଯୋଗୁ ଅଧିକାଂଶ ଅଞ୍ଚଳର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଯେକୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ବୋଲି ଘୋଷଣା କରିଦେଲେ। କିନ୍ତୁ ଭୁଲ୍ କାରଣରୁ ସମସ୍ୟାକୁ ସାମ୍ନା କରିବାରେ ପ୍ରଶାସନ ବିଫଳ ହୋଇଥିବା ମୁଖ୍ୟ ଶାସନ ସଚିବ ପାଢୀ ସ୍ୱୀକାର କରିଛନ୍ତି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ସରକାର ସଚିବାଳୟରେ ଘନଘନ ସମୀକ୍ଷା ବୈଠକ କରି କେବଳ ବାହାବା ନେବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ତୃଣମୂଳସ୍ତରରେ ସମ୍ଭାବ୍ୟ ଦୁର୍ବିପାକର ମୁକାବିଲା ପାଇଁ ସରକାରଙ୍କ କୌଣସି ପ୍ରସ୍ତୁତି ନ ଥିଲା । ବାତ୍ୟାକୁ ଦୃଷ୍ଟିରେ ରଖି ୩ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବା ନେଇ ସରକାର କହିଥିବା ମିଛର ପର୍ଦ୍ଦାଫାଶ ହୋଇଛି । ସରକାରଙ୍କ ଜିରୋ କାଜୁଆଲିଟିର ବଡ ଘୋଷଣା ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଓଡିଶାର ଏହି ବିପର୍ଯ୍ୟୟ ସମୟରେ କେନ୍ଦ୍ର ସରକାର ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦେବେ। ଏନେଇ ଗୁରୁବାର ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହଙ୍କୁ ସାକ୍ଷାତ କରି ସବୁ ପ୍ରକାର ସହଯୋଗ ପାଇଁ ଦୃଢ ପ୍ରତିଶ୍ରୁତି ପାଇଥିବା ସମୀର କହିଛନ୍ତି।

## ■ କଟକଣା ମାନୁନାହାନ୍ତି ମତ୍ସ୍ୟଜୀବୀ

# ବାତ୍ୟା ବେଳେ ସମୁଦ୍ରରେ ଥିଲା ୧୧୫ ବୋଟ୍

ପାରାଦୀପ,୧୨।୧୦ (ସ୍ୱ.ପ୍ର.)

■ ୨ ବୋଟ୍, ୧୩ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କଲା କୋଷ୍ଟଗାର୍ଡ
■ ବିପଦ ବଳୟରେ ଥିଲେ ୪୫ ବୋଟ୍

ଝଡ଼ ବାତ୍ୟା ଆଶଙ୍କା ସୃଷ୍ଟି ହେଲେ ସାଧାରଣତଃ ପ୍ରଥମେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା ଦିଆଯାଏ। ସମୁଦ୍ରକୁ ମାଛ ମାରିବାକୁ ଯିବାକୁ ସେମାନଙ୍କୁ ବାରଣ କରାଯାଏ ଏବଂ ଯେଉଁମାନେ ସମୁଦ୍ର ମଧ୍ୟରେ ଥାନ୍ତି ସେମାନଙ୍କୁ କୂଳକୁ ଫେରିଆସିବାକୁ କୁହାଯାଏ। ଚଳିତଥର ତିତ୍‌ଲି ବାତ୍ୟା ପୂର୍ବରୁ ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ ଆବଶ୍ୟକ ସତର୍କ ସୂଚନା ଦିଆଯାଇଥିଲା। ଗଣମାଧ୍ୟମରେ ମଧ୍ୟ ଏହାକୁ ନେଇ ଜୋରଦାର ପ୍ରଚାର କରାଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ବାତ୍ୟା ସମୟରେ ଓଡ଼ିଶାର ୪୮୦ କିମି ପୂର୍ବ ଉପକୂଳ ସମୁଦ୍ର ମଧ୍ୟରେ ୧୧୫ଟି ମାଛଧରା ବୋଟ୍ ରହିଥିଲେ। ସେମାନଙ୍କ ମଧ୍ୟରୁ ଗୋପାଳପୁର ସୀମାରେ ୪୫ଟି ବୋଟ୍ ବିପଦ ବଳୟ ମଧ୍ୟରେ ଥିଲେ। ସେଥିମଧ୍ୟରୁ ଅତି ବିପଦଜ୍ଜନକ ଭାବେ ଥିବା ୨ଟି ବୋଟ୍ ଓ ସେଥିରେ ଥିବା ୧୩ ମତ୍ସ୍ୟଜୀବୀଙ୍କୁ କୋଷ୍ଟଗାର୍ଡ ଶୁକ୍ରବାର ଉଦ୍ଧାର କରିଛି। ଉଦ୍ଧାର ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଛି ବୋଲି ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ କଟକଣା ସତ୍ତ୍ୱେ ସମୁଦ୍ରରେ ମାଛଧରା ବୋଟ୍ ରହିବା ଘଟଣାକୁ ନେଇ କୋଷ୍ଟଗାର୍ଡ ଅସନ୍ତୋଷ ପ୍ରକାଶ କରିଛି।

ସୂଚନା ଅନୁଯାୟୀ, ତିତ୍‌ଲି ପାଇଁ ସରକାର ଅକ୍ଟୋବର ୮ରୁ ୧୨ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା ଲଗାଇଥିଲେ। କିନ୍ତୁ ୯ ତାରିଖରେ ସମୁଦ୍ରରେ ୧୧୫ ବୋଟ୍ ଓଡ଼ିଶା ଉପକୂଳର ବିଭିନ୍ନ ସ୍ଥାନରେ ମାଛ ଧରୁଥିବା କୋଷ୍ଟଗାର୍ଡର ଡୋନିୟର ଏୟାରକ୍ରାଫ୍ଟ ଯୋଗେ ଦେଖିବାକୁ ମିଳିଥିଲା। ୧୦ ତାରିଖରେ କୋଷ୍ଟଗାର୍ଡକୁ ସୂଚନା ମିଳିଥିଲା ଯେ ଗୋପାଳପୁର ସୀମାରେ ଆନ୍ଧ୍ରର ୪୫ ବୋଟ୍ ବିପଦରେ ପଡ଼ିଛନ୍ତି। ସମୁଦ୍ର ଅଶାନ୍ତ ଥିବା ସତ୍ତ୍ୱେ କୋଷ୍ଟଗାର୍ଡ ଅତି ସାହସିକତାର ପରିଚୟ ଦେଇ ୨ଟି ବୋଟ୍‌କୁ ଉଦ୍ଧାର କରିଛି। ଏହି ଉଦ୍ଧାର ସମୟରେ ଓଡ୍ରାଫ୍ ଟିମ୍ ସହଯୋଗ କରିଥିଲା। ବାରମ୍ବାର ସତର୍କ କରାଯିବା ସତ୍ତ୍ୱେ ମତ୍ସ୍ୟଜୀବୀମାନେ ସମୁଦ୍ରରେ ରହିବା ଘଟଣା ଏକାଧିକଥର ଦେଖିବାକୁ ମିଳିଲାଣି, ଯାହାକୁ ନେଇ କୋଷ୍ଟଗାର୍ଡ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି।


କୋଷ୍ଟଗାର୍ଡ ପକ୍ଷରୁ ଏକ ମାଛଧରା ବୋଟକୁ ଉଦ୍ଧାର କରାଯାଉଛି।

# ରେଳ ଧାରଣାରେ ପଡ଼ିଲା ଗଛ

ମୁନିଗୁଡ଼ା,୧୨।୧୦(ଡି.ଏନ.ଏ.):

ସାମୁଦ୍ରିକ ଝଡ଼ ତିତ୍‌ଲି ପ୍ରଭାବରେ ରାୟଗଡ଼ା ଜିଲା ମୁନିଗୁଡ଼ାରେ ଶୁକ୍ରବାର ସକାଳେ ପବନ ବୋହିଥିଲା । ମୁନିଗୁଡ଼ା ଷ୍ଟେଶନ ଅନ୍ତର୍ଗତ ଅମ୍ବାଦୋଳା ଓ ଦହିଖାଲ ମଧ୍ୟରେ ଏକ ବଡ଼ ଗଛ ଭାଙ୍ଗି ପଡ଼ିଥିଲା। ଫଳରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ମୁନିଗୁଡ଼ା ଷ୍ଟେଶନରେ ସାନ୍ତ୍ରାକାଛି-ଚେନ୍ନାଇ ଏକ୍ସପ୍ରେସ, ଅମ୍ବାଦୋଳା ଷ୍ଟେଶନରେ ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ ଓ ବିଷମକଟକ ଷ୍ଟେଶନରେ ତିରୁପତି-ବିଳାସପୁର ଏକ୍ସପ୍ରେସ ଅଟକି ରହିଥିଲା। ଏହାକୁ ନେଇ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଟଣାସ୍ଥଳରେ ରେଳ କର୍ତ୍ତୃପକ୍ଷଙ୍କ ସମେତ ଅନ୍ୟ କର୍ମଚାରୀମାନେ ପହଞ୍ଚି ଗଛଗୁଡ଼ିକୁ କାଟିବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିବା ମୁନିଗୁଡ଼ା ଷ୍ଟେଶନ ମ୍ୟାନେଜର ପୁରୁଷୋତ୍ତମ ପାଢୀଯୋଶୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ଯୋଗ ଦେବେ ୫୦ କମ୍ପାନୀ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ): ରାଜ୍ୟର ଚାଷୀମାନେ ପାଇବେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ। ହେବ ନାହିଁ ଅଭାବୀ ବିକ୍ରି। ରାଜ୍ୟ ସରକାର କଣ୍ଟ୍ରାକ୍ଟ ଫାର୍ମିଂ ବା ଠିକା ଚାଷ କରିବା ପାଇଁ କମ୍ପାନୀଗୁଡ଼ିକ ସହିତ ବୁଝାମଣା କରିବେ। ସେହି କମ୍ପାନୀଗୁଡ଼ିକ ଚାଷୀଙ୍କୁ ବୈଷୟିକ ସହାୟତା ଯୋଗାଇବା ସହ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ପାଇଁ ବଜାର ସୁବିଧା ସୃଷ୍ଟି କରିବେ। ଚାଷୀଙ୍କୁ ଆଉ ସେମାନଙ୍କ ଧାନ, ଚାଉଳ, ପନିପରିବା, ଡାଲି, ତୈଳବୀଜ ଫସଲ ବିକ୍ରି ନେଇ ସମସ୍ୟା ରହିବ ନାହିଁ। ଏଭଳି ଚିନ୍ତା କରି ସରକାର ଗୁରୁଗାଓଁଠାରେ ଏକ ରୋଡ ଶୋ କରିଥିଲେ। ପ୍ରାୟ ୫୦ କମ୍ପାନୀ ଏଥିପାଇଁ ଆଗ୍ରହ ପ୍ରକାଶ କରିଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ଆସନ୍ତା ନଭେମ୍ବର ୧୧ ତାରିଖରୁ ଆରମ୍ଭ ହେବାକୁ ଥିବା ମେକ୍ ଇନ୍ ଓଡିଶା କନ୍‌କ୍ଲେଭରେ ଏହି କମ୍ପାନୀଗୁଡିକ ଯୋଗ ଦେବେ ବୋଲି ସେ କହିଛନ୍ତି। ତେବେ ବିରୋଧୀ ଦଳଗୁଡିକ ସରକାରଙ୍କ ଏହି ପଦକ୍ଷେପକୁ ସମାଲୋଚନା କରିଛନ୍ତି। ଭାଜପା ମୁଖପାତ୍ର ଗୋଲକ ନାୟକ କହିଛନ୍ତି ଯେ ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର ଚିନ୍ତିତ ନୁହନ୍ତି। ନିର୍ବାଚନ ଆସିବା ବେଳକୁ ସରକାର ଜୁମୁଲା କରନ୍ତି। ପ୍ରକୃତରେ ଆନ୍ତରିକତା ନାହିଁ ବୋଲି ସେ କହିଛନ୍ତି। ପିସିସି କିଷାନ ସେଲ୍‌ର ଅଧକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି ଯେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ରାଜ୍ୟ ସରକାର ଚାଷୀଙ୍କୁ ଭଣ୍ଡିବାକୁ ଯେଉଁ ପନ୍ଥା ଧରିଛନ୍ତି ତାହାକୁ ଆମେ ନିନ୍ଦା କରୁଛୁ।

### ୨୬ ଯାଏ ଚାଲିବ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**କଟକ ଅଫିସ, ୧୨।୧୦:** କଟକରେ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ବାଟ ଫିଟୁନାହିଁ। ଶୁକ୍ରବାର ଥିଲା ପୂଜାଛୁଟି ପୂର୍ବରୁ ଶେଷ କାର୍ଯ୍ୟଦିବସ। ତେଣୁ ଛୁଟି ପୂର୍ବରୁ ଏହି ବିବାଦର ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ଫଳପ୍ରଦ ହୋଇନାହିଁ। ଘଟଣାକୁ ନେଇ ଆଇନଜୀବୀମାନେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଶୁକ୍ରବାର ୪୪ ଦିନ ପୂରିଛି। ପୁନଶ୍ଚ ଏହି ଆନ୍ଦୋଳନ ଅକ୍ଟୋବର ୨୬ ଯାଏ ଜାରି ରହିବ। ଶୁକ୍ରବାର ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଏହି ବିବାଦକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ କୁମାର ବୋଥ୍ରା ଶୁକ୍ରବାର ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ହୋଇଥିଲା।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ଚୁଙ୍ଗୁଡିଆ ଦଳ;**
**ଚାହିଁ ଚାହିଁ ଆସି ଦରବୁଢ଼ୀ ହେଲି,**
**ମୁଣ୍ଡରେ ପାଚିଲା ବାଳ ।**

ପ୍ରତୀକ୍ଷା ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଦ ନ ଜାଣେ କଣ୍ଟାବୁଦା,**
**ଭୋକ ନ ଜାଣେ କଞ୍ଚା ପୋଡ଼ା ।**

ଆଖିକୁ ନିଦ ମାଡ଼ି ଆସିଲେ ବ୍ୟକ୍ତିର ସ୍ଥାନ, କାଳ ବା ପାତ୍ରର କୌଣସି ଜ୍ଞାନ ରହି ନ ଥାଏ। ସେହିପରି କଥାରେ ଅଛି ଭୋକେ ହଜିଯାଏ ବୁଦ୍ଧି। କ୍ଷୁଧାତୁର ପ୍ରାଣୀ ଆହାରେ ଭଲମନ୍ଦ ବିଚାରେ ନାହିଁ, ବାସ୍ ଆକୁଳରେ ଖାଇଯାଏ। ଭୋକିଲା ବ୍ୟକ୍ତିଙ୍କୁ ଯେ କୌଣସି ଖାଦ୍ୟ ମିଳିଲେ ସେଥିରେ ସେ ବାଛବିଚାର ନ କରି ତାକୁ ଆନନ୍ଦରେ ଗ୍ରହଣ କରି ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଓଏଏସ୍ ସ୍ତରରେ ଅଦଳବଦଳ

## ■ ବଦଳିଲେ ରେଭେନ୍ସା ରେଜିଷ୍ଟ୍ରାର

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ସ୍ତରରେ ଶୁକ୍ରବାର ସାମାନ୍ୟ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ବିଜ୍ଞପ୍ତି ଅନୁଯାୟୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ମହେଶ୍ୱର ଅଗସ୍ତିଙ୍କୁ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ୍ ଶକ୍ତି ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ୱତନ୍ତ୍ର ସଚିବ ଥିବା ଅଶୋକ କୁମାର ଦାଶଙ୍କୁ ରେଭେନ୍ସାର ନୂତନ ରେଜିଷ୍ଟ୍ରାର ଭାବେ ଦାୟିତ୍ୱ ମିଳିଛି।

ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ଅତିରିକ୍ତ ସଚିବ ଥିବା ଚିତ୍ତରଞ୍ଜନ ପାତ୍ରଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ମୟୂରଭଞ୍ଜ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଥିବା ତୁଷାରକାନ୍ତ ମହାନ୍ତିଙ୍କୁ କଟକସ୍ଥିତ ଜମି ରେକର୍ଡ ଏବଂ ସର୍ଭେ କାର୍ଯ୍ୟାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। କେନ୍ଦୁଝରର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଥିବା ସମ୍ବିତ କୁମାର ନାୟକଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଗ୍ମ ସଚିବ, ଓପିଏସ୍‌ସିର ଅତିରିକ୍ତ ସଚିବ ଥିବା ସିଓନା ମିଶ୍ରଙ୍କୁ ରାଜସ୍ୱ ପର୍ଷଦର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ରାଜ୍ୟ ଫୁଡ୍ କମିଶନରଙ୍କ ସଦସ୍ୟ ସଚିବ ଥିବା ରାଜଶ୍ରୀ ମହାନ୍ତିଙ୍କୁ ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ, ସିଏଚ୍‌ଏସ୍‌ଇର ପ୍ରଶାସନିକ ଅଧିକାରୀ ଥିବା ଶିବାନୀ ମହାନ୍ତିଙ୍କୁ ଫୁଡ୍ କମିଶନରଙ୍କ ସଦସ୍ୟ ସଚିବ ଭାବେ ନିଯୁକ୍ତି ମିଳିଛି।

ସେହିପରି ଶିଶୁ ଅଧିକାର ସୁରକ୍ଷା କମିଶନ ସଚିବ ଥିବା ଦେବଯାନୀ ଧଳଙ୍କୁ ସିଏଚ୍‌ଏସ୍‌ଇ ପ୍ରଶାସନିକ ଅଧିକାରୀ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ଉପସଚିବ ଥିବା ମାନସୀ ମାନ୍ଧତାଙ୍କୁ ସମାନ ପଦରେ ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗକୁ ବଦଳି କରାଯାଇଛି। ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ପ୍ରଶାସନିକ ଅଧିକାରୀ ଥିବା ସୋନିଆ ବେହେରାଙ୍କୁ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର କମିଶନଙ୍କ ସଚିବ ଭାବେ ଦାୟିତ୍ୱ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଉପଜିଲାପାଳ ଥିବା ସଙ୍ଗୀତା ବେହେରାଙ୍କୁ ଜିଲା ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦାୟିତ୍ୱ, ମହେନ୍ଦ୍ର ମହାପାତ୍ରଙ୍କୁ ସମ୍ବଲପୁର ଡିଆରଡିଏ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ନୀଳଗିରି ତହସିଲଦାର ମନୋରମା ଭୂୟାଁଙ୍କୁ ଭଦ୍ରକ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି।

# ଆଜିଠୁ ମହାନଦୀ ଟ୍ରିବ୍ୟୁନାଲ ଶୁଣାଣି ଆରମ୍ଭ

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ଓଡ଼ିଶା-ଛତିଶଗଡ ମଧ୍ୟରେ ମହାନଦୀ ଜଳବିବାଦ ନେଇ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଶନିବାରଠାରୁ ଶୁଣାଣି ଆରମ୍ଭ କରିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଏବଂ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା ଟ୍ରିବ୍ୟୁନାଲରେ ପକ୍ଷ ରଖିବେ। ଦିଲ୍ଲୀ ଗସ୍ତ ପୂର୍ବରୁ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ପ୍ରଦୀପ କହିଛନ୍ତି ଯେ, ଛତିଶଗଡ ମହାନଦୀ ଜଳ ଅଟକାଇଥିବା ସମ୍ପର୍କିତ ସମସ୍ତ ତଥ୍ୟ ଟ୍ରିବ୍ୟୁନାଲଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ପକ୍ଷରୁ ମହାନଦୀ ଜଳ ବିବାଦ ସମ୍ପର୍କିତ ଅନ୍ତରୀଣ ରିପୋର୍ଟ ମଧ୍ୟ ପ୍ରଦାନ କରାଯାଇଥିବା ପ୍ରଦୀପ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଉଜାଡ଼ିଦେଲା 'ତିତ୍‌ଲି' ...

ଦିନ ସାରା ଲଗାଣ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଗଜପତି ଜିଲାରେ କାନ୍ଥ ଭୁଶୁଡି ୬ ଜଣଙ୍କର ମୃତ୍ୟୁ ହୋଇଛି। ରାୟଗଡ ଓ ଗୋଷାଣି ବ୍ଲକରେ ୪ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବାବେଳେ କାଶୀନଗର ବ୍ଲକରେ ଜଣେ ଛାତ୍ରୀ ପ୍ରାଣ ହରାଇଛନ୍ତି। ସେହିପରି କନ୍ଧମାଳ ଜିଲାର ଟିକାବାଲି ବ୍ଲକ୍‌ରେ ଜଣଙ୍କର କାନ୍ଥପଡ଼ି ମୃତ୍ୟୁ ହୋଇଥିବାବେଳେ ଫୁଲବାଣୀ ସହରରେ ଜଣେ ବ୍ୟକ୍ତି ବନ୍ୟାପାଣିରେ ଭାସି ଯାଇଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟର ପ୍ରାଥମିକ ରିପୋର୍ଟ ଅନୁଯାୟୀ, ପ୍ରବଳ ବର୍ଷା ଓ ପବନ ଯୋଗୁ ଗଜପତି ଜିଲାର ୭ଟି ବ୍ଲକ ପ୍ରଭାବିତ ହୋଇଥିବାବେଳେ ଗଞ୍ଜାମର ୨୨, ପୁରୀ ୬, କେନ୍ଦ୍ରାପଡା ୯, କନ୍ଧମାଳ ୬ ଏବଂ ରାୟଗଡା ଜିଲାର ୨ଟି ବ୍ଲକ ବର୍ଷା ଯୋଗୁ ପ୍ରଭାବିତ ହୋଇଛି। ୩୮ଲକ୍ଷ ୭୭ ହଜାର ୪୪ ଲୋକ ପାଣିଘେରରେ ଅଛନ୍ତି। ଗଞ୍ଜାମ, କନ୍ଧମାଳ ଓ ପୁରୀ ଜିଲାରେ ୧୫୧୪ ଘର କ୍ଷତିଗ୍ରସ୍ତ ହୋଇଛି। ଗଞ୍ଜାମ ଜିଲାର ୮୫୬୧୨ ହେକ୍ଟର ଜମିରେ ପାଣି ମାଡିଯାଇଛି। ଗଜପତି ଜିଲାରେ ବିଦ୍ୟୁତ୍ ଓ ପରିବହନ ଯୋଗାଯୋଗ ବ୍ୟାହତ ହୋଇଛି। ବାହୁଦା ନଦୀ ଉପରେ ଥିବା କଳିଙ୍ଗଡାଳ ପୋଲ ପ୍ରବଳ ବର୍ଷା ଯୋଗୁ ଧୋଇଯାଇଛି। ଋଷିକୁଲ୍ୟା ନଦୀ ଜଳ ଆସ୍କା ଜେଲ ଭିତରକୁ ପ୍ରବେଶ କରିବା ଯୋଗୁ ଜେଲର ମୁଖ୍ୟ ଫାଟକ କ୍ଷତିଗ୍ରସ୍ତ ହୋଇଛି। ରାୟଗଡା ଜିଲାର ଅନେକ ସ୍ଥାନରେ ବଡ଼ବଡ଼ ଗଛ ଭାଙ୍ଗିପଡିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। କନ୍ଧମାଳ ଜିଲାର ବେଙ୍ଗେଡାଘାଟ ଓ ଦାରିଙ୍ଗିବାଡିରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ହେବା ସହ ୪ଟି ପୋଲ ଭାସିଯାଇଛି। ବର୍ଷା ଓ ପବନ ଯୋଗୁ ୫୦୦୦ ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଥିବାବେଳେ ୧୫୪୩ ମୃତ୍ୟୁ ମୁଖରେ ପଡିଛନ୍ତି। ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ନୌ ସେନାର ସହାୟତା ଲୋଡିବା ସହ କେନ୍ଦ୍ର ସରକାରଙ୍କଠାରୁ ୨ଟି ହେଲିକପ୍ଟର ମାଗିଛନ୍ତି।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦୁଇଦିନ ଧରି ପ୍ରବଳ ବର୍ଷା ଯୋଗୁ ୯ ଜିଲାରେ ୧୦୦ରୁ ୨୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କନ୍ଧମାଳରେ ସର୍ବାଧିକ ୨୩୦.୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଗଜପତି ୨୦୫.୮, କଟକ ୧୬୬.୧,ନୟାଗଡ ୧୬୧.୫, ଖୋର୍ଦ୍ଧା ୧୫୪.୭, ପୁରୀ ୧୨୮.୯, ବୌଦ୍ଧ ୧୧୮.୩, ଢେଙ୍କାନାଳ ୧୦୫.୬ ଏବଂ ଜଗତ୍‌ସିଂହପୁର ଜିଲାରେ ୧୦୫.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଚିବାଳୟଠାରେ ସାମୁଦ୍ରିକ ଝଡ ତିତ୍‌ଲିର ପରବର୍ତ୍ତୀ ପରିସ୍ଥିତି ସମ୍ପର୍କରେ ଗଞ୍ଜାମ, ଗଜପତି ଏବଂ ରାୟଗଡା ଜିଲାର ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି। ସମୀକ୍ଷାରୁ ଜଣାଯାଇଛି ଯେ ୩ ଜିଲାରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ପରିସ୍ଥିତି ଉପରେ ନଜର ରଖିବା ସହିତ ବନ୍ୟା ଯୋଗୁ ବିଭିନ୍ନ ନଦୀରେ ହୋଇଥିବା ଘାଇଗୁଡିକୁ ତୁରନ୍ତ ମରମତି କରିବା, କ୍ଷତିଗ୍ରସ୍ତ ଲୋକଙ୍କୁ ନିରାପଦ ସ୍ଥାନକୁ ନେଇ ରନ୍ଧାଖାଦ୍ୟ ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କ୍ଷତିଗ୍ରସ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର ଓ ଚକ୍ଷୁ ଚିକିତ୍ସା ଶିବିର କରି ମାଗଣାରେ ଚିକିତ୍ସା ସୁବିଧା ଏବଂ ଔଷଧ ଯୋଗାଇ ଦେବାକୁ କୁହାଯାଇଛି। ସଡକ ଯୋଗାଯୋଗ ଓ ବିଦ୍ୟୁତ ସରବରାହ ବ୍ୟବସ୍ଥାକୁ ପୁନଃସ୍ଥାପିତ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ କ୍ଷତିଗ୍ରସ୍ତ ଘର, ପଶୁସମ୍ପଦ ଓ ଅନ୍ୟାନ୍ୟ କ୍ଷୟକ୍ଷତି ସମ୍ପର୍କରେ ଆକଳନ କରି ୭ ଦିନ ମଧ୍ୟରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତିତ୍‌ଲି ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଜି.ଉଦୟଗିରି ଓ କଣ୍ଟାପଡା ବ୍ଲକରେ ୩୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଛି। ଆସ୍କା ଓ ପୁରୁଷୋତ୍ତମପୁର ସହରରେ ବନ୍ୟା ପରିସ୍ଥିତି ଦେଖା ଦେଇଛି। ବର୍ତ୍ତମାନ ସୁଦ୍ଧା ୧୪ଟି ଏନଡିଆରଏଫ ଓ ୧୨ଟି ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ତଥା ରିଲିଫ ବଣ୍ଟନ ପାଇଁ କେନ୍ଦ୍ରକୁ ୨ଟି ହେଲିକପ୍ଟର ମଗାଯାଇଛି। ଗୋପାଳପୁରରେ ଆନ୍ଧ୍ରପ୍ରଦେଶର ୩୦ଟି ବୋଟ୍‌ରେ ଥିବା ଲୋକଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଗର୍ଭବତୀ ମହିଳା ଓ ନବଜାତ ଶିଶୁମାନଙ୍କୁ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଛି।

ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହାୟତା ପାଇଁ ୧୬ ଜିଲାରେ ୧୪ଟି ଏନଡିଆରଏଫ, ୨୬ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ଗଞ୍ଜାମ ଜିଲାରେ ୭ଟି ଏନଡିଆରଏଫ ଏବଂ ଓଡ୍ରାଫ ଟିମ୍ ନିୟୋଜିତ କରାଯାଇଥିବାବେଳେ ଗଜପତିରେ ୪, ପୁରୀରେ ୨ଟି ଏନଡିଆରଏଫ, କେନ୍ଦ୍ରାପଡାରେ ଗୋଟିଏ ଏନଡିଆରଏଫ, ଭଦ୍ରକରେ ୧, ଜଗତ୍‌ସିଂହପୁରରେ ୪, ଯାଜପୁରରେ ୧, ଖୋର୍ଦ୍ଧାରେ ୩, କଟକ ୧, ବାଲେଶ୍ୱର ୪, ମୟୂରଭଞ୍ଜ ୩, କଳାହାଣ୍ଡି ୨, ବୌଦ୍ଧ ୨, ସମ୍ବଲପୁର ୧ ଓ ରାୟଗଡାରେ ୩ଟି ଏନଡିଆରଏଫ୍ ଏବଂ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ପ୍ରଭାବିତ ଜିଲାରେ ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି।

ସାମୁଦ୍ରିକ ଝଡ ଅବପାତ ରୂପ ନେଇ ପୂର୍ବ ଉତ୍ତର ପୂର୍ବ ଦିଗ ଦେଇ ଆସନ୍ତା ୬ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବ। ତେବେ ଏହାର ପ୍ରଭାବରେ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡା ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି।

### କର୍ମଚାରୀଙ୍କ ପୂଜା...

ଜିଲା ଗସ୍ତ କରି ବାତ୍ୟା ତିତ୍‌ଲି ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଥଇଥାନ କାର୍ଯ୍ୟ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏବଂ ଏସ୍‌ସି/ଏସ୍‌ଟି ଉନ୍ନୟନ ମନ୍ତ୍ରୀ ରମେଶ ମାଝି କନ୍ଧମାଳ ଜିଲା ଗସ୍ତ କରିବେ। ଏଥିସହିତ ଦୁର୍ଗାପୂଜା ସମୟରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କୌଣସି ଅଧିକାରୀ କିମ୍ବା କର୍ମଚାରୀ ଛୁଟି ନେଇପାରିବେ ନାହିଁ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ଜାରି କରାଯାଇଥିବା ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ସାମୁଦ୍ରିକ ଝଡ 'ତିତ୍‌ଲି' ପ୍ରଭାବରେ ରାଜ୍ୟରେ ଜାରି ରହିଥିବା ବର୍ଷା ଓ ବନ୍ୟା ପରିସ୍ଥିତିର ମୁକାବିଲା ଲାଗି ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ରାଜ୍ୟ ସରକାର ସରକାରୀ କର୍ମଚାରୀଙ୍କ ଦୁର୍ଗାପୂଜା ଛୁଟିକୁ ବାତିଲ କରି ଦେଇଛନ୍ତି। ଏ ନେଇ ସମସ୍ତ ବିଭାଗ ଓ ବିଭାଗୀୟ ମୁଖ୍ୟ ଦପ୍ତର ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ପୂଜାଛୁଟି କଟାଇବାକୁ ପୂର୍ବରୁ ନେଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କର ଛୁଟିକୁ ମଧ୍ୟ ବାତିଲ କରିବାକୁ କୁହାଯାଇଛି। ଏହାଛଡା କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳର ସମସ୍ତ ଜିଲାରେ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କର ଦୁର୍ଗାପୂଜା ଛୁଟି ସହିତ ଅନ୍ୟାନ୍ୟ ସରକାରୀ ଛୁଟିକୁ ମଧ୍ୟ ଅକ୍ଟୋବର ୨୪ ତାରିଖ ଯାଏ ବାତିଲ କରାଯାଇଛି। ଯଦି ପୂର୍ବରୁ କେହି ଛୁଟି ନେଇଥିବେ ତେବେ ସେମାନଙ୍କର ଛୁଟିକୁ ମଧ୍ୟ ବାତିଲ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ସମସ୍ତ ଜିଲାର ଜିଲାପାଳମାନଙ୍କୁ ସାଧାରଣ ପ୍ରଶାସନ(ଜିଏ) ବିଭାଗ ପକ୍ଷରୁ ଶୁକ୍ରବାର ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ୩...

ଥିବା ଖବର ମିଳିଛି । ଋଷିକୁଲ୍ୟା ଅବବାହିକାର ଶେରଗଡ଼ ବ୍ଲକ ଅନ୍ତର୍ଗତ ତହଁର ଓ ଆଖପାଖ ଅଞ୍ଚଳ ମଧ୍ୟ ବନ୍ୟାରେ ପ୍ରଭାବିତ ହୋଇଛି । ଏହି ଅଞ୍ଚଳ ହେଉଛି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ଯୁବ ବିଜେଡିର ଶତାଧିକ କର୍ମୀ ଏବଂ ବ୍ରହ୍ମପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ନେତୃତ୍ୱରେ କେତେକ କର୍ମୀ ଆସିକା ଓ ଶେରଗଡ଼ ବ୍ଲକ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

### ବିଚାରପତିଙ୍କୁ ...

ରହିଛି ବୋଲି ସେ ସୂଚନା ଦେଇଥିଲେ। ଏବେ ବିଚାରପତିମାନଙ୍କ ଛୁଟି ବାତିଲ କରି ସେ ଅଭିନବ 'ଛୁଟି ବନ୍ଦ' ସୂତ୍ର ବାହାର କରିଥିବା କୁହାଯାଉଛି। ସିଜେଆଇଙ୍କ ନୂଆ ନିର୍ଦ୍ଦେଶ ଅନୁଯାୟୀ, କୌଣସି କାର୍ଯ୍ୟଦିବସରେ କେହି ବିଚାରପତି ଛୁଟି ନେଇପାରିବେ ନାହିଁ। କେବଳ ଅତି ଜରୁରୀ କାମ ଥିଲେ ସେମାନଙ୍କୁ ଛୁଟି ମିଳିବ। ଲିଭ୍ ଟ୍ରାଭେଲ୍ କନ୍‌ସେଶନ୍ (ଏଲ୍‌ଟିସି) ପାଇଁ କେହି ବିଚାରପତି ଯୋଜନା କରିଥିଲେ ତାଙ୍କୁ ଆଗୁଆ ଜଣାଇବାକୁ ପଡ଼ିବ। ସେହିପରି କାର୍ଯ୍ୟ ଦିବସଗୁଡ଼ିକରେ ବିଚାରପତିମାନେ କୌଣସି ଆଲୋଚନାଚକ୍ର ଓ ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ ନାହିଁ। କାରଣ ଏଥିଯୋଗୁ ଅଯଥା ସମୟ ନଷ୍ଟ ହେବା ସହ ମାମଲା ଶୁଣାଣିରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏହା ତଳ କୋର୍ଟରୁ ସର୍ବୋଚ୍ଚ ଅଦାଲତ ଯାଏ ଲାଗୁ ହେବ। କେହି ବିଚାରପତି ବା ବିଭାଗୀୟ ଅଧିକାରୀ ଏହାକୁ ଅବଜ୍ଞା କଲେ ତାଙ୍କ ହାତରୁ ନ୍ୟାୟିକ କାର୍ଯ୍ୟ ପ୍ରତ୍ୟାହାର କରି ନିଆଯିବ। ଏଭଳି କ୍ଷେତ୍ରରେ ହାଇକୋର୍ଟ ମୁଖ୍ୟ ବିଚାରପତିମାନେ ଅବଗତ କରାଇଲେ ସୁପ୍ରିମକୋର୍ଟ ବ୍ୟକ୍ତିଗତ ଭାବେ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ। ସେହିପରି ମାମଲାର ତ୍ୱରିତ ଶୁଣାଣି ପାଇଁ ତଳକୋର୍ଟଗୁଡ଼ିକରେ ଖାଲିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ଉପରେ ମଧ୍ୟ ଜଷ୍ଟିସ୍ ଗୋଗୋଇ ଗୁରୁତ୍ୱାରୋପ କରିଛନ୍ତି। ନିମ୍ନ ଅଦାଲତଗୁଡ଼ିକରେ ଫଇସଲା ଉପରେ ଦୈନନ୍ଦିନ ଭିତ୍ତିରେ ଅନୁଧ୍ୟାନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ୫ ବା ତଦୂର୍ଦ୍ଧ୍ୱ ବର୍ଷ ଧରି କୌଣସି ଆପରାଧିକ ମାମଲା ବିଚାରାଧୀନ ଥିଲେ ଶୀଘ୍ର ଶୁଣାଣି ପାଇଁ ସେଗୁଡ଼ିକୁ ତାଲିକାଭୁକ୍ତ କରିବା ପାଇଁ ମଧ୍ୟ ସିଜେଆଇ ଗୋଗୋଇ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ତିତ୍‌ଲି ବିପ୍ଳାତ ଗଞ୍ଜାମ ଗଲା ୩୫ ଜଣିଆ ଉଦ୍ଧାରକାରୀ ଟିମ୍

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ):** 'ତିତ୍‌ଲି' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉକ୍ତ ଜିଲାଗୁଡ଼ିକରେ ପ୍ରାୟ ୩ଶହ ମିଲିମିଟରରୁ ଅଧିକ ବର୍ଷା ହୋଇଛି। ହଜାର ହଜାର ଲୋକ ପାଣି ଘେରରେ ଫଶି ରହିଛନ୍ତି। ସେମାନଙ୍କ ଉଦ୍ଧାର କାର୍ଯ୍ୟ ଲାଗି ଭୁବନେଶ୍ୱର ବରମୁଣ୍ଡା ଫାୟାର ଷ୍ଟେଶନରୁ ୩୫ ଜଣିଆ ଉଦ୍ଧାରକାରୀ ଟିମ୍ ଗଞ୍ଜାମ ଅଭିମୁଖେ ଯାତ୍ରା କରିଛନ୍ତି। ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ଏହି ଟିମ୍ ସ୍ୱତନ୍ତ୍ର ଗାଡି ଯୋଗେ ଗଞ୍ଜାମ ଯାଇଛନ୍ତି। ସେମାନେ ସାଙ୍ଗରେ ଲାଇଫ୍ ଜ୍ୟାକେଟ, ଟର୍ଚ୍ଚ, ତିନୋଟି ବୋଟ, କଟର ଓ ଅନ୍ୟ ସାମଗ୍ରୀ ନେଇଛନ୍ତି। ଏହି ଟିମ୍ ସେଠାକୁ ଯାଇ ଜଳବନ୍ଦୀ ଥିବା ବିପନ୍ନମାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କ ନିକଟରେ ରିଲିଫ୍ ପହଞ୍ଚାଇବେ। ନିକଟରେ ଏହି ଟିମ୍ ଉଦ୍ଧାର କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇଥିଲେ। କିଭଳି ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇବେ ଏବଂ ବନ୍ୟାରେ ଯେପରି କାହାର ଜୀବନହାନି ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ଟିମ୍‌ର ସଦସ୍ୟମାନେ କହିଛନ୍ତି।

### ବନ୍ୟାଞ୍ଚଳ ଗସ୍ତକରିବ ଭାଜପାର ୩ ପ୍ରତିନିଧି ଦଳ

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ):** ବାତ୍ୟା 'ତିତ୍‌ଲି' ଯୋଗୁ ଦକ୍ଷିଣ ଓଡିଶା ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି। ଶାସକ ଦଳ ନେତାମାନଙ୍କ ଏଥିପ୍ରତି ଜମା ବି ଆନ୍ତରିକତା ନ ଥିବା ଭାଜପା ଅଭିଯୋଗ କରିଛି। ଏହାସହ ଭାଜପାର ବିଭିନ୍ନ ପ୍ରତିନିଧି ଦଳ ବନ୍ୟାଞ୍ଚଳ ଗସ୍ତ କରିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଭାଜପା ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର କହିଛନ୍ତି ଯେ, କେବଳ ଗଣମାଧ୍ୟମରେ ବିଭ୍ରାନ୍ତିକାରୀ ବକ୍ତବ୍ୟ ପ୍ରଦାନ କରି ଶାସକ ଦଳ ଚୁପ୍ ବସିଯାଇଛି। ଏହି ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଭାଜପାର ୩ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ବାତ୍ୟା ଓ ବନ୍ୟାଞ୍ଚଳ ଗସ୍ତକରି ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବେ। ସମୀର ମହାନ୍ତିଙ୍କ ନେତୃତ୍ୱରେ ଓବିସି ମୋର୍ଚ୍ଚାର ପ୍ରତିନିଧି ଦଳ ଆସ୍କା, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚାର ପ୍ରତିନିଧି ଦଳ ଗଞ୍ଜାମ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ କୃଷକ ମୋର୍ଚ୍ଚାର ପ୍ରତିନିଧି ଦଳ ଗଜପତି ଜିଲା ଗସ୍ତ କରିବେ।

### ଭାଜପାର ବୈଠକ

ମାଧପୁର, ୧୨।୧୦(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କୁଦଗାଁ ପଞ୍ଚାୟତର ଖଡରାପଡାଠାରେ ଭାଜପାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତର ପ୍ରମୁଖ ବିଶ୍ୱଭୂଷଣ ପ୍ରଧାନ ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସ୍ତରରୁ କିଭଳି ସଂଗଠନକୁ ସୁଦୃଢ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ପଞ୍ଚାୟତର ସହ ପ୍ରମୁଖ ସୁମନ୍ତ ମେହେର, ଯୁବମୋର୍ଚ୍ଚାର ପୂର୍ବତନ ମଣ୍ଡଳ ସଭାପତି ଗୌରବ ଥାଟି, ସଭାପତି ରଞ୍ଜନ ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସେଠୀ, ଅନଙ୍ଗ ଚାଉଲିଆ, ପ୍ରମୋଦ ଭୋକ୍ତା, ଲବ ବେହେରା, ରମେଶ ତଣ୍ଡିଆ ପ୍ରମୁଖ ଯୋଗଦେଇଥିଲେ।

# ଘରେ ପଶିଲା ସମଲ ଆନିକଟ ପାଣି

■ ଖୋଲିଲା ୨ ଗେଟ୍ ■ ବ୍ୟାପକ ଧାନ ଫସଲ ନଷ୍ଟ

କଣିହାଁ, ୧୨।୧୦(ଡି.ଏନ.ଏ.)-

ଅନୁଗୋଳ ଜିଲା କଣିହାଁ ବ୍ଲକ ଅଞ୍ଚଳରେ 'ତିତ୍‌ଲି' ପ୍ରଭାବରୁ ଗୁରୁବାର ରାତିରୁ ଶୁକ୍ରବାର ଦିନ ତମାମ ବର୍ଷା ଲାଗିରହିଥିଲା। ଫଳରେ ବ୍ରାହ୍ମଣୀ ନଦୀର ଶାଖା ନଦୀ ଟିକିରା, ବାଙ୍ଖୁଲି, ସିଙ୍ଗିଡା ନାଳରେ ଜଳସ୍ତର ବଢିବା ଯୋଗୁ ସମଲ ଆନିକଟରେ ମଧ ଜଳସ୍ତର ବୃଦ୍ଧି ପାଇଛି। ହେଲେ ଆନିକଟ ଗେଟ ଖୋଲା ନ ଯିବାରୁ କମରେଇ ପଞ୍ଚାୟତ ଦଣ୍ଡସିଂହା ଗ୍ରାମର ୨୦ ପରିବାରଙ୍କ ଘରେ ପାଣି ପଶିଯାଇଥିଲା। ଅନେକଙ୍କ ଘରେ ସରୀସୃପ ବୁଲୁଥିବା ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। କଣିହାଁ ବିଡିଓ ରମେଶ କୁମାର ଜେନା, ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ସରପଞ୍ଚ ଦୁଃଖବନ୍ଧୁ ଭୂତିଆ, ବ୍ଲକ କର୍ମଚାରୀ ଶରତ ବିଶ୍ୱାଳ ପ୍ରମୁଖ ସେଠାରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ବ୍ୟାରେଜ ଗେଟ ଖୋଲାଯିବା ପାଇଁ ଉଚ୍ଚ ପ୍ରଶାସନିକ



ଦଣ୍ଡାସିଂହା ଗ୍ରାମରେ ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି ବିଡିଓ।

କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ସନ୍ଧ୍ୟା ସୁଦ୍ଧା ବ୍ୟାରେଜର ଦୁଇଟି ଗେଟ୍ ଖୋଲାଯାଇଥିଲା। ସମଲ ବ୍ୟାରେଜ କଣ୍ଟ୍ରୋଲ ରୁମ୍ ସୂଚନାରୁ ଜଣାଯାଏ, ରେଙ୍ଗାଳି ଡ୍ୟାମ ଗେଟ୍ ଖୋଲି ନାହିଁ। କିଛି ଶାଖା ନଦୀରେ ବଡିପାଣି ଯୋଗୁ ଜଳସ୍ତର ବୃଦ୍ଧି ପାଇଥିଲା। ସମଲ ଆନିକଟର ୨ଟି ଗେଟ୍‌କୁ ୨ ମିଟର ଲେଖାଏଁ ଖୋଲାଯାଇଛି। ପ୍ରବେଶ ଠାରୁ ଅଧିକ ୩୩୯.୫ ଘନଫୁଟ ଜଳ ସେକେଣ୍ଡ ପ୍ରତି ନିଷ୍କାସିତ ହେଉଛି। ତୁରନ୍ତ ବ୍ୟାରେଜ କର୍ତ୍ତୃପକ୍ଷ ପ୍ରଭାବିତ ଦଣ୍ଡସିଂହା ଗ୍ରାମ ପୁରୁଣାସାହି ବାସିନ୍ଦାଙ୍କୁ ବିସ୍ଥାପିତ କରିବା ସହ କ୍ଷତିପୂରଣ ପ୍ରଦାନ କରିବାକୁ କମରେଇ ସରପଞ୍ଚ ଭୂତିଆ ଦାବି କରିଛନ୍ତି। ବିଡିଓ ରମେଶ ଜେନା କହିଛନ୍ତି, ପାଣି କମୁଛି। କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ବର୍ଷା ପାଣି ବିଲରେ ଜମି ରହିବା ସହ ପବନ ଯୋଗୁ ବ୍ଲକ ଅଞ୍ଚଳରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ସମସ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଭାଜପା ନେତା ଅଶୋକ ମହାନ୍ତି, ବିଜେଡି ନେତା କୈଳାସ ସାହୁ, କଂଗ୍ରେସର କୁଶଧ୍ୱଜ ସାମଲ ପ୍ରମୁଖ ଦାବି କରିଛନ୍ତି।

# ମୁଁ ବର୍ତ୍ତମାନ ଅଭିନୟ ବନ୍ଦ କରିନାହିଁ: ନେହା ଧୁପିଆ

ନୂଆଦିଲ୍ଲୀ



ଅକ୍ଟୋବର ୧୯ରେ ଫକ୍ସ ଲାଇଫ୍ ଶୋ' 'ଷ୍ଟାଇଲ୍ଡ ବାଏ ନେହା'ରେ ଦେଖିବାକୁ ମିଳିବେ ଅଭିନେତ୍ରୀ ନେହା ଧୁପିଆ। କିଛିଦିନ ମଧ୍ୟରେ ମା' ହେବାକୁ ଯାଉଥିବା ନେହା କହନ୍ତି, ସେ ଏଥିପାଇଁ ଅଭିନୟ ବନ୍ଦ କରୁନାହାନ୍ତି। ପ୍ରେମ ସହିତ କିଛି ବି ତୁଳନୀୟ ନୁହେଁ। ସେ ପ୍ରଥମ ପିଲାର 'ମା' ହେବାକୁ ଯାଉଛନ୍ତି। ଏଥିପାଇଁ ତାଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହେବନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ତାଙ୍କ କହିବାନୁଯାୟୀ, ଗର୍ଭଧାରଣ ସମୟ ମଧ୍ୟରେ ସେ ଅଭିନୟ ଜାରି ରଖିଛନ୍ତି। ଏପରି କି ପୂର୍ବାପେକ୍ଷା ଅଧିକ କାମ କରିବାକୁ ପଡୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗର୍ଭଧାରଣ କାଳରେ ଅଭିନୟ ଜାରି ରହିବ। ତେଣୁ ଏଥିପାଇଁ ସେ ବ୍ୟସ୍ତ ହେବାର ନାହିଁ। ସୂଚନାଯୋଗ୍ୟ ଯେ, ନେହା ଅଭିନେତା ଅଙ୍ଗଦ ବେଦୀଙ୍କୁ ବିବାହ କରିଛନ୍ତି। ନେହା ଏକାଧାରରେ ଜଣେ ଅଭିନେତ୍ରୀ, ଆଙ୍କର, ହୋଷ୍ଟ ଏବଂ ପ୍ରଯୋଜିକା। ତେଣୁ ତାଙ୍କ ସମ୍ମୁଖରେ ଅନେକ କାର୍ଯ୍ୟ କରିବାକୁ ରହିଛି। ପ୍ରସବର କିଛିଦିନ ପରେ ଯେତେବେଳେ କୁନି ସନ୍ତାନକୁ କିଛି ସମୟ ଘରେ ଛାଡି ଆସିପାରିବି ସେତେବେଳେ ଗୋଟିଏ 'ଭଲ ଭୂମିକା'ରେ ଅଭିନୟ କରିବାକୁ ଆଶା ରଖିଛି। ତେବେ ସେସବୁ ସମୟ କହିବ ବୋଲି ସେ ପ୍ରକାଶ କରିଛନ୍ତି।

■ ଭୁଲ୍ ଚିକିତ୍ସାରୁ ଗଲାଣି ୩ ଜୀବନ

# ନିଶ୍ଚେତକ ମାତ୍ରା ଅଧିକ ହେବାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ଅନୁଗୋଳ ଅଫିସ, ୧୨।୧୦-

ଅନୁଗୋଳରେ ଗତ ଦୁଇ ମାସ ମଧ୍ୟରେ ଭୁଲ ଚିକିତ୍ସା କାରଣରୁ ୩ ଜଣଙ୍କ ଜୀବନ ଗଲାଣି। ତଥାପି ଜିଲା ପ୍ରଶାସନ କି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଗୁରୁବାର ରାତିରେ ଏକ ଘରୋଇ ନର୍ସିଂହୋମରେ ନିଶ୍ଚେତକ ମାତ୍ରା ଅଧିକ ହେବାରୁ ଜଣେ ମହିଳାଙ୍କ ଜୀବନ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଅନୁଗୋଳ ପୋଲିସ ନଂ. ୭୦୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଲାଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଅନୁଗୋଳ କୁଲାଡ଼ ଅଞ୍ଚଳର ପ୍ରଣତି ସ୍ୱାଇଁ(୪୦)ଙ୍କ ପେଟରେ ଷ୍ଟୋନ ହୋଇଥିଲା। ସ୍ୱାମୀ ସମରେନ୍ଦ୍ର ପ୍ରଧାନ ତାଙ୍କୁ ଚିକିତ୍ସା ପାଇଁ ଶିମିଳିପଡାସ୍ଥିତ ଚନ୍ଦନ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ଗୁରୁବାର ସନ୍ଧ୍ୟାରେ ଅପରେଶନ କରାଯିବା ପାଇଁ ନିଶ୍ଚେତକ ଦିଆଯାଇଥିଲା। ତେବେ ଏହାର ୫ ମିନିଟ ପରେ ପ୍ରଣତିଙ୍କ ମୃତ୍ୟୁ ହୋଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା କରା ନ ଯାଇ ଓ ବିଶେଷଜ୍ଞଙ୍କ ବଦଳରେ ଜଣେ ନର୍ସ ଅଧିକ ମାତ୍ରାରେ ନିଶ୍ଚେତକ ଦେବା ଯୋଗୁ ପ୍ରଣତିଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଉତ୍ତ୍ୟକ୍ତ ଲୋକେ ନର୍ସିଂହୋମରେ ଭଙ୍ଗାରୁଜା କରିଥିଲେ। ପରିସ୍ଥିତିକୁ ଦେଖି ନର୍ସିଂହୋମ କର୍ମଚାରୀମାନେ ଫେରାର ହୋଇ ଯାଇଥିଲେ। ଖବରପାଇ ଅନୁଗୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ରାତିସାରା ସେଠାରେ ପୋଲିସ ଜଗି ରହିବା ପରେ ସକାଳେ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ନର୍ସିଂହୋମ କର୍ମଚାରୀ ସେମାନଙ୍କ ଭୁଲକୁ ଲିଖିତ ଆକାରରେ ସ୍ୱୀକାର କରିଥିବାବେଳେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ମଧ୍ୟ ପ୍ରତିଶ୍ରୁତି ମିଳିଥିଲା। ଏହାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ ଜାରି ରଖିଛି।

# ଓଉଖମା ବ୍ରିଜ୍ ଉପରେ ୨ ଫୁଟ ପାଣି

ଭାପୁର, ୧୨।୧୦(ଡି.ଏନ୍.ଏ.)-

ବାତ୍ୟା 'ତିତ୍‌ଲି'ର ପ୍ରଭାବରେ ପ୍ରଭାବିତ ହୋଇଛି ସଦର ବ୍ଲକ ଛଦେଶ ଅଞ୍ଚଳ। ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଛି ଜଳବନ୍ଦୀ ପରିସ୍ଥିତି। ପୁରୁଣା କଟକ-ସମ୍ବଲପୁର ରାସ୍ତାର ଅଉଖମା ନିକଟ ସାପୁଆ ନଦୀ ବ୍ରିଜ୍ ଉପରେ ୨ ଫୁଟ ପାଣି ପ୍ରବାହିତ ହେଉଥିବାରୁ ଶୁକ୍ରବାର ସକାଳ ୭ଟାରୁ ଅପରାହ୍ନ ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ଫଳରେ ଉଭୟ ପାର୍ଶ୍ୱରେ ଅଟକି ରହିଥିଲା ଶତାଧିକ ଯାନବାହନ। ସ୍ଥାନୀୟ ପୋଲିସ, ପ୍ରଶାସନ ପହଞ୍ଚି ଭାପୁର ବଜାରରେ ଟ୍ରାଫିକ୍ ନିନ୍ତ୍ରଣ କରିଥିଲେ। ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ୍ ଟିମ୍ ବ୍ରିଜ୍ ଉପରେ ନଜର ରଖିଥିଲେ।

ସୂଚନାଯୋଗ୍ୟ, ଜିଲାର ଅନ୍ୟତମ ବ୍ୟସ୍ତବହୁଳ ଉକ୍ତ ରାସ୍ତାର ସମ୍ପ୍ରସାରଣ ୨୦୧୪ରେ କରାଯାଇଥିଲା। ହେଲେ ପୁରାତନ ବ୍ରିଜ୍‌କୁ ଏଥିରେ ସାମିଲ କରାଯାଇ ନ ଥିଲା। ଫଳରେ ପୁରୁଣା ବ୍ରିଜ୍‌ର ପୁନରୁଦ୍ଧାର ହୋଇପାରି ନ ଥିଲା। ଏଣୁ ପ୍ରତିବର୍ଷ ବର୍ଷା ହେଲେ ବ୍ରିଜ୍ ଉପରେ ପାଣି ପ୍ରବାହିତ ହୋଇ ସମସ୍ୟା ବଢ଼ାଉଛି।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ରାସ୍ତା ସମ୍ପ୍ରସାରଣ ସମୟରେ ବ୍ରିଜ୍ ଲାଗି ଅଟକଳ କରାଯାଇ ନ ଥିଲା। ଏବେ ଜାତୀୟ ରାଜପଥ ଅଧୀନକୁ ରାସ୍ତା ଯିବା ପରେ ଏଥିଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ପୁନଃସମ୍ପ୍ରସାରଣ ବେଳେ ଏଥିପ୍ରତି ଦୃଷ୍ଟି ଦିଆଯିବ।

■ କାର୍ତ୍ତିକ ନୀତି ଚୂଡ଼ାନ୍ତ

# ଭୋର ୪ଟାରେ ଫିଟିବ ଦ୍ୱାର

## ଏଥର ଦିନରେ ଶୋଇବେ ଠାକୁର

ପୁରୀ ଅଫିସ,୧୨।୧୦:

ଆଶ୍ୱିନ ଶୁକ୍ଳ ଏକଦଶୀ ଅର୍ଥାତ୍ ଅକ୍ଟୋବର ୨୦ରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ କାର୍ତ୍ତିକ ନୀତି। ଏହା ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ମହାପ୍ରଭୁଙ୍କ ରାଧା ଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀ (ଅକ୍ଟୋବର ୨୦)ରୁ ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦଶମୀ (ନଭେମ୍ବର ୧୮) ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାପରେ ୫ଦିନ ଧରି ପଞ୍ଚୁକ ଚାଲିବ। ଶୁକ୍ରବାର ଅନୁଷ୍ଠିତ ନୀତି ସବ୍‌କମିଟି ବୈଠକରେ କାର୍ତ୍ତିକ ମାସର ନୀତି ନିର୍ଘଣ୍ଟ ହୋଇଛି। ଗତବର୍ଷ ଜଗମୋହନ ମରାମତି କାର୍ଯ୍ୟ ଚାଲିଥିବାରୁ ଦିବା ପହୁଡ଼ ପାଇଁ ସୁଯୋଗ ରହୁ ନ ଥିଲା। ହେଲେ ଜଗମୋହନ କାମ ଶେଷ ହୋଇଥିବାରୁ ଚଳିତବର୍ଷ ଦିବା ପହୁଡ଼ ହେବ। ଅର୍ଥାତ୍ ଦିନରେ ଠାକୁର ୨ ଘଣ୍ଟା ଶୋଇବେ ବୋଲି ନୀତି ନିର୍ଘଣ୍ଟ ହୋଇଛି। ଅନ୍ୟପକ୍ଷରେ ଶନିବାର, ରବିବାର ଏବଂ ସ୍ୱତନ୍ତ୍ର ଦିନଗୁଡ଼ିକୁ ବାଦ୍ ଦେଇ ଅନ୍ୟ ସବୁଦିନ ଠାକୁରଙ୍କ ଦିବା ପହୁଡ଼ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ସମସ୍ତ ସେବାୟତ ସହଯୋଗ କରିବାକୁ ବୈଠକରେ ଆଲୋଚନା କରାଯାଇଛି। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ରାତ୍ର ୧୨ଟାରେ ପହୁଡ଼ ନୀତି ସମ୍ପନ୍ନ ହୋଇ ଭୋର ୪ଟାରେ ଦ୍ୱାର ଫିଟିବ। ସାଢେ ୪ଟାରେ ଭିତର ଶୋଧ କରାଯାଇ ଭୋର ୫ଟାରେ ମଙ୍ଗଳ ଆଳତି କରାଯିବାକୁ ନୀତି ନିର୍ଘଣ୍ଟ ହୋଇଛି। ସେହିପରି ଗତ ବର୍ଷ ପରି ଏ ବର୍ଷ ପଞ୍ଚୁକ ୫ ଦିନ ଧରି ଅନୁଷ୍ଠିତ ହେବ। ନଭେମ୍ବର ୧୯ରେ ମହାପ୍ରଭୁଙ୍କ ଠିଆକିଆ ତଥା ଲକ୍ଷ୍ମୀନାରାୟଣ ବେଶ, ୨୦ରେ ବାଙ୍କଚୂଡ଼ ବା ବାମନ ବେଶ, ୨୧ରେ ଆଡ଼କିଆ ତଥା ତ୍ରିବିକ୍ରମ ବେଶ, ୨୨ରେ ଡାଳିକିଆ ବା ଲକ୍ଷ୍ମୀନୃସିଂହ ବେଶ ଏବଂ ନଭେମ୍ବର ୨୩ରେ ସୁନାବେଶ ତଥା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦୀପାବଳି ଅମାବାସ୍ୟାଠାରୁ ପଞ୍ଚୁକ ମଧ୍ୟରେ ସୋମବାର ପଡ଼ିଲେ ବଡ଼ ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି।

### କାର୍ତ୍ତିକ ମାସ ନୀତି ନିର୍ଘଣ୍ଟ

| | |
|---|---|
| ଦ୍ୱାରଫିଟା- | ଭୋର ୪ଟା |
| ଭିତର ଶୋଧ- | ୪ଟା ୩୦ |
| ମଙ୍ଗଳ ଆଳତି- | ୫ଟା |
| ମଇଲମ, ତଡପ ଲାଗି- | ୫ଟା ୩୦ |
| ଅବକାଶ- | ପ୍ରାତଃ ୬ଟା ୧୫ |
| ରାଧା ଦାମୋଦର ବେଶ- | ୬ଟା ୩୦ରୁ ୭ଟା ୩୦ |
| ରୋଷହୋମ- | ୭ଟା |
| ସୂର୍ଯ୍ୟପୂଜା- | ୭ଟା ୧୫ |
| ଦ୍ୱାରପାଳ ପୂଜା- | ୭ଟା ୩୦ |
| ଗୋପାଳ ବଲ୍ଲଭ- | ୮ଟା |
| ସକାଳଧୂପ- | ୮ଟା ୩୦ରୁ ୯ଟା ୩୦ |
| ବାଲଧୂପ- | ପୂର୍ବାହ୍ନ ୧୦ରୁ ୧୦ଟା ୩୦ |
| ଭୋଗମଣ୍ଡପ ଉଠିବ- | ୧୦ଟା ୧୦ |
| ମଇଲମ ଓ ବେଶ- | ୧୦ଟା ୪୫ ରୁ ୧୧ଟା ୩୦ |
| ଭୋଗମଣ୍ଡପ ଶେଷ- | ମଧ୍ୟାହ୍ନ ୧୨ଟା |
| ମଧ୍ୟାହ୍ନ ଧୂପ- | ୧୨ଟା ୩୦ ରୁ ୧ଟା ୩୦ |
| ଦ୍ୱିତୀୟ ଭୋଗ ମଣ୍ଡପ- | ୧ଟାରୁ ୨ଟା |
| ଦକ୍ଷିଣୀଘର ଭୋଗ- | ୨ଟା |
| ମଇଲମ ଓ ବେଶ- | ୨ଟା ୩୦ |
| ଦିବା ପହୁଡ଼- | ୩ଟା |
| ଦ୍ୱାରଫିଟା- | ଅପରାହ୍ନ ୫ଟା |
| ସନ୍ଧ୍ୟା ଆଳତି- | ସନ୍ଧ୍ୟା ୬ଟା |
| ମଇଲମ,ବେଶ- | ୬ଟା ୫ରୁ ୬ଟା ୫୦ |
| ସନ୍ଧ୍ୟାଧୂପ- | ୭ଟା ୨୦ରୁ ରାତ୍ର ୯ଟା |
| ଚନ୍ଦନଲାଗି- | ରାତି ୧୦ଟା |
| ବଡ଼ସିଂହାର ବେଶ- | ୧୧ଟା |
| ବଡ଼ସିଂହାର ଭୋଗ- | ୧୧ଟା ୩୦ |
| ରାତ୍ର ପହୁଡ- | ୧୨ଟା |

ବନ୍ୟା ପ୍ରଭାବିତ ଅଞ୍ଚଳକୁ ସହଯୋଗ ଯୋଗାଇବାକୁ ତୈଳ କମ୍ପାନୀର ସମୀକ୍ଷା ବୈଠକ

# ଗଜପତି ଜିଲା ପାଇଁ ୩ ଗାଡ଼ିରେ ଗଲା ରିଲିଫ ସାମଗ୍ରୀ

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)**

ବାତ୍ୟା ତିତ୍‌ଲି ପ୍ରଭାବରେ ରାଜ୍ୟରେ ଦେଖାଦେଇଥିବା ଲଗାଣ ବର୍ଷା କାରଣରୁ ଜନଜୀବନ ଓ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ପରିପ୍ରେକ୍ଷୀରେ ୩ ତୈଳକମ୍ପାନୀ ତରଫରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡିକରେ ରନ୍ଧନଗ୍ୟାସ, ପେଟ୍ରୋଲ ଏବଂ ଡିଜେଲ ଠିକ୍‌ଭାବେ ଉପଲବ୍ଧ କରାଇବା ସହ ପ୍ରାକୃତିକ ଦୁର୍ବିପାକର ସାମ୍ନା କରୁଥିବା ଲୋକଙ୍କୁ ରିଲିଫ ସାମଗ୍ରୀ ସହ ସହାୟତାର ହାତ ବଢାଇବା ପାଇଁ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଛି। ଏଚ୍‌ପିସିଏଲ୍‌ର ଏଲ୍‌ପିଜି ମୁଖ୍ୟ ଧର୍ମେନ୍ଦ୍ର ବେହୁରିଆ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବାତ୍ୟା, ପ୍ରବଳ ବର୍ଷା ଦ୍ୱାରା ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ସଡକ, ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଏଲପିଜି, ପେଟ୍ରୋଲ, ଡିଜେଲ ଓ କିରୋସିନ ମହଜୁଦ କରିବା ସହ ଉପଭୋକ୍ତାଙ୍କୁ ଆବଶ୍ୟକତା ଅନୁସାରେ ଯୋଗାଇବା ପାଇଁ ପ୍ରସ୍ତୁତି କରାଯାଇଛି। କଷ୍ଟରେ ଲୋକମାନେ ଥିବାରୁ ଏଲ୍‌ପିଜି ଉପଲବ୍ଧ ରହିଲେ ସେମାନେ ରୋଷେଇ କରି ଖାଇପାରିବେ। ପ୍ରାକୃତିକ ଦୁର୍ବିପାକରେ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ଗଜପତି ଜିଲା ପାଇଁ ୩ଟି ରିଲିଫ ଗାଡି ତୈଳ କମ୍ପାନୀ ପକ୍ଷରୁ ପଠାଯାଇଛି। ପଲିଥିନ୍, ଚୁଡା, ଚିନି, ଗ୍ଳୁକୋଜ, ମହମବତି, ଦିଆସିଲି ଆଦି ରିଲିଫ ସାମଗ୍ରୀ ପଠାଯାଇଥିବା ବେହୁରିଆ ସୂଚନା ଦେଇଛନ୍ତି। ଆଗାମୀ ଦିନରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଅଧିକ ସୁବିଧା ଯୋଗାଇ ଦିଆଯିବ ବୋଲି ବେହୁରିଆ କହିଛନ୍ତି।

# ବିଜେଡି ଜାରିକଲା ୧୪ ଜଣିଆ ମୁଖପାତ୍ର ତାଲିକା

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

■ ବାଦ୍ ପଡିଲେ ଅମର ଶତପଥୀ, ଅସିତ୍ ଅମିତାଭ
■ ସାମିଲ ହେଲେ ଅତନୁ, ପୁଷ୍ପେନ୍ଦ୍ର, ଅମର, ଦେବାଶିଷ
■ ତାଲିକାରେ ଏକମାତ୍ର ମହିଳା ସୁଲୋଚନା

ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିରେ ସାମାନ୍ୟ ସାଂଗଠନିକ ପରିବର୍ତ୍ତନ କରାଯାଇଛି। ଦୀର୍ଘଦିନର ବ୍ୟବଧାନ ପରେ ଦଳର ମୁଖପାତ୍ରମଣ୍ଡଳୀରୁ ୨ ଜଣଙ୍କୁ ବାଦ୍ ଦିଆଯାଇଛି। ସେମାନେ ହେଲେ ବିଧାନସଭାରେ ଦଳର ମୁଖପାତ୍ର ଥିବା ଅମର ପ୍ରସାଦ ଶତପଥୀ, ଅସିତ୍ ଅମିତାଭ ଦାଶ। ସେହିପରି ନୂତନ ଭାବେ ୪ ଜଣଙ୍କୁ ମୁଖପାତ୍ର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନେ ହେଉଛନ୍ତି-ଅତନୁ ସବ୍ୟସାଚୀ ନାୟକ, ପୁଷ୍ପେନ୍ଦ୍ର ସିଂଦେଓ, ଅମର ପଟ୍ଟନାୟକ ଏବଂ ଦେବାଶିଷ ମାର୍ଣ୍ଡି।

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ସମ୍ପାଦକ ବିଜୟ ନାୟକ ଉକ୍ତ ତାଲିକା ପ୍ରକାଶ କରିଛନ୍ତି। ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ବ୍ୟତୀତ ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ପ୍ରତାପ କେଶରୀ ଦେବ, ପ୍ରଶାନ୍ତ ନନ୍ଦ, ଦେବାଶିଷ ସାମନ୍ତରାୟ, ଅରୁଣ ସାହୁ, ରବିନାରାୟଣ ନନ୍ଦ, ସମୀର ରଞ୍ଜନ ଦାସ, ସସ୍ମିତ ପାତ୍ର ଏବଂ ସୁଲୋଚନା ଦାସ ପ୍ରମୁଖଙ୍କ ନାମ ଏହି ତାଲିକାରେ ସ୍ଥାନ ପାଇଛି। ଅଭିଜ୍ଞ ଏବଂ ନବାଗତଙ୍କ ମଧ୍ୟରେ ସମନ୍ୱୟ ରଖି ତାଲିକା ପ୍ରସ୍ତୁତ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ସେହିପରି କେଉଁ କାରଣରୁ ତାଙ୍କୁ ମୁଖପାତ୍ର ପଦରୁ ବାଦ୍ ଦିଆଯାଇଛି, ସେ ନେଇ ତାଙ୍କ ପାଖରେ କୌଣସି ଖବର ନ ଥିବା ଅମର ପ୍ରସାଦ ଶତପଥୀ କହିଛନ୍ତି।

ମୟୂରଭଞ୍ଜରେ ପଞ୍ଚାୟତ ନିର୍ବାଚନରେ ବିପର୍ଯ୍ୟୟ ପରେ ଡାକ୍ତର ଦେବାଶିଷ ମାର୍ଣ୍ଡିଙ୍କୁ ବିଜେଡିରେ ସାମିଲ କରାଯାଇଥିଲା। ଗଣମାଧ୍ୟମ ଏବଂ ସ୍ଥାନୀୟ ଅଞ୍ଚଳରେ ତାଙ୍କ ଗୁରୁତ୍ୱ ବଢାଇବା ପାଇଁ ତାଙ୍କୁ ମୁଖପାତ୍ର କରାଯାଇଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ମୟୂରଭଞ୍ଜର ବର୍ତ୍ତମାନ ବିଜେଡି ଏମ୍‌ପି ରାମଚନ୍ଦ୍ର ହାଁସଦା ଚିଟ୍‌ଫଣ୍ଡ ଠକେଇରେ ବିବାଦୀୟ ହୋଇ ପଡିଥିବାରୁ ତାଙ୍କୁ ଦଳ ପୁନର୍ବାର ପ୍ରାର୍ଥୀ କରିବା ସମ୍ଭାବନା କମ୍ । ତେଣୁ ତାଙ୍କ ସ୍ଥାନରେ ଦେବାଶିଷଙ୍କୁ ମୟୂରଭଞ୍ଜ ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ସେହିପରି ଦୀର୍ଘଦିନ ଧରି ମନ୍ତ୍ରୀ ପଦରୁ ବିଭିନ୍ନ ଘଟଣାକ୍ରମେ ବାଦ୍ ପଡିଥିବା ଅତନୁ ସବ୍ୟସାଚୀ ନାୟକ ଏବଂ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ତାଲିକାରେ ସ୍ଥାନ ମିଳିଛି। ଉଭୟ ନେତା ଯଥାକ୍ରମେ ବାଲେଶ୍ୱର ଏବଂ ନୂଆପଡାର ଦଳୀୟ ପ୍ରଭାରୀ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ସ୍ୱେଚ୍ଛାକୃତ ଭାବେ ଆଇଏ ଆଣ୍ଡ ଏଏସ୍‌ରୁ ଅବ୍ୟାହତି ନେଇ ବିଜେଡିରେ ଯୋଗ ଦେଇଥିବା ଅମର ପଟ୍ଟନାୟକଙ୍କୁ ମଧ୍ୟ ମୁଖପାତ୍ର ଭାବେ ନିଯୁକ୍ତି ମିଳିଛି। କିଛିମାସ ପୂର୍ବେ ବିଜେଡିରେ ଯୋଗଦେବା ସହ ଦଳର ଆଇଟି ବିଭାଗ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୪ ଜଣିଆ ତାଲିକାରେ ଏକମାତ୍ର ମହିଳା ଭାବେ ସୁଲୋଚନା ଦାସ ପୂର୍ବପରି ନିଜ ପଦ ବଜାୟ ରଖିଛନ୍ତି।

ଦଶହରା ପରେ ପଦଯାତ୍ରାକୁ ଆହୁରି ବ୍ୟାପକ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଦଳ ପକ୍ଷରୁ ବ୍ୟାପକ ସାଂଗଠନିକ କାର୍ଯ୍ୟ ହାତକୁ ନିଆଯିବ। ଦଳ ଆଗାମୀ ଦିନରେ ଏକ ବିରାଟ ସମାବେଶ କରିବାକୁ ଯୋଜନା କରୁଥିବା ସୂତ୍ରରୁ ଜଣାପଡିଛି।

■ ଆରମ୍ଭ ହେଲା 'ସବୁଦିନ ଯିବା ସ୍କୁଲ'

# ଉପକୃତ ହେବେ ଗରିବ ପିଲା




ସବୁଦିନ ଯିବା ସ୍କୁଲ କାର୍ଯ୍ୟକ୍ରମ ଶୁଭାରମ୍ଭ।

ଢେଙ୍କାନାଳ ଅଫିସ,୧୨।୧୦

ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର 'ସବୁଦିନ ଯିବା ସ୍କୁଲ' କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଏଥିରେ ଅଧ୍ୟକ୍ଷତା କରିବା ସହ ସବୁଦିନ ଯିବା ସ୍କୁଲ କାର୍ଯ୍ୟକ୍ରମ ସମ୍ପର୍କିତ ପୁସ୍ତିକା ଉନ୍ମୋଚନ କରିଥିଲେ।

ଏ ସମ୍ପର୍କରେ ସୂଚନା ଦେଇ ଜିଲାପାଳ କହିଲେ, ସବୁ ପିଲା ସବୁଦିନେ ଯେପରି ସ୍କୁଲକୁ ଯିବେ ତାହା ହିଁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏଥିରେ ବିଶେଷ ଭାବେ ଗରିବ ପିଲାମାନେ ଉପକୃତ ହେବେ। ସେମାନେ ସ୍କୁଲକୁ ଆସିବାକୁ ଅଭିଭାବକ, ପରିଚାଳନା କମିଟି ସଭ୍ୟଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସର୍ବଶିକ୍ଷା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି। ଏଥିସହ ନୂତନ ଭାବେ କାର୍ଯ୍ୟକ୍ଷମ ହେବାକୁ ଥିବା ଶିକ୍ଷା ଅଭିଯାନର ବିବିଧ କାର୍ଯ୍ୟକ୍ରମଗୁଡିକ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷା ନଳନୀପ୍ରଭା ଦେବୀ, ସାଥି କାର୍ଯ୍ୟକ୍ରମ ଅଧିକାରୀ ମୁକେଶ ସିଂ ଶେଖାୱତ ପ୍ରମୁଖ ଅଭିଯାନର ସଫଳତା କାମନା କରିଥିଲେ।

ଧରିତ୍ରୀ DHARITRI
ଢେଙ୍କାନାଳ–ଅନୁଗୋଳ,ଶନିବାର, ୧୩ ଅକ୍ଟୋବର,୨୦୧୮



“ ବିଦେଶୀଙ୍କୁ ଭାରତ କେବେ ଖରାପ ବ୍ୟବହାର ଦେଖାଇନାହିଁ। ତେଣୁ ରୋହିଙ୍ଗ୍ୟା ବା ଅନ୍ୟ ବେଆଇନ ଶରଣାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ମାନବାଧିକାର ଦୃଷ୍ଟିକୋଣରୁ ଦେଖାଯିବା ଅନୁଚିତ।
-ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ



## ସଂକ୍ଷେପରେ

### ଭୂସ୍ଖଳନରେ ୩୪ ମୃତ

**କାମ୍ପାଲା,୧୨।୧୦(ପି.ଟି.):** ପୂର୍ବ ଉଗାଣ୍ଡାର ବୁଦୁଦା ଜିଲା ଅନ୍ତର୍ଗତ ବୁକାଲାସି ସହରରେ ଗୁରୁବାର ଭୂସ୍ଖଳନ ଘଟିବା ଯୋଗୁ ୩୪ ଜଣ ପ୍ରାଣ ହରାଇଥିବାବେଳେ ଅନେକେ ନିଖୋଜ ହୋଇଯାଇଛନ୍ତି। ଏକ ନଦୀର ଅତଡ଼ା ଭୁଶୁଡ଼ିଯିବା ଯୋଗୁ ବନ୍ୟା ଜଳ ଜନବସତି ଆଡ଼କୁ ମାଡ଼ି ଯାଇଥିଲା। ଉକ୍ତ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଜୋରସୋରରେ ଚାଲିଥିବା ଉଗାଣ୍ଡା ରେଡ୍ କ୍ରସ୍ ମୁଖପାତ୍ର ଇରେନ୍ ନାକାସିତା ସୂଚନା ଦେଇଛନ୍ତି।

### ନଭେମ୍ବର ୧୭ରୁ ଜମ୍ମୁ-କଶ୍ମୀର ପଞ୍ଚାୟତ ନିର୍ବାଚନ

**ଜମ୍ମୁ,୧୨।୧୦(ପି.ଟି.):** ଜମ୍ମୁ-କଶ୍ମୀରରେ ପୌର ନିର୍ବାଚନ ଲାଗି ରହିଥିବାବେଳେ ପଞ୍ଚାୟତ ନିର୍ବାଚନ ପାଇଁ ମଧ ଶୁକ୍ରବାର ବିଗୁଲ ବାଜିଛି। ନଭେମ୍ବର ୧୭ରୁ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ବିଭାଗ ଘୋଷଣା କରିଛି। ଦୀର୍ଘ ୧୦ ବର୍ଷ ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ୧୦ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହୋଇ ଡିସେମ୍ବର ୧୭ରେ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ। ଏଥିରେ ୩୧୬ ବ୍ଲକ୍ର ୫୬.୧୨ ଲକ୍ଷ ଭୋଟର ୩୫,୦୯୬ ପଞ୍ଚାୟତ ସଦସ୍ୟଙ୍କୁ ବାଛିବେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଅକ୍ଟୋବର ୨୩ରେ ଏବଂ ଶେଷ ପର୍ଯ୍ୟାୟ ଭୋଟଗ୍ରହଣ (ଡିସେମ୍ବର ୧୧) ପାଇଁ ନଭେମ୍ବର ୧୪ରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

### ଭର୍ଜିନିଆରେ ‘ମାଇକେଲ୍’ ତାଣ୍ଡବ

**ୱାଶିଂଟନ୍,୧୨।୧୦(ପି.ଟି.):** ଆମେରିକୀୟ ଷ୍ଟେଟ୍ ଭର୍ଜିନିଆରେ ଶୁକ୍ରବାର ଭୟଙ୍କର ତାଣ୍ଡବ ରଚିଛି ସାମୁଦ୍ରିକ ଝଡ଼ ମାଇକେଲ୍। ଏହାଯୋଗୁ ୧୧ ଜଣ ପ୍ରାଣ ହରାଇଥିବାବେଳେ ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶୁକ୍ରବାର ୫ ଜଣଙ୍କ ମୃତ୍ୟୁ ରିପୋର୍ଟ ସାମ୍ନାକୁ ଆସିଛି। ସାଢ଼େ ୫ ଲକ୍ଷ ଲୋକ ଅନ୍ଧାରରେ ରହିଛନ୍ତି। ରାସ୍ତାଘାଟ ବନ୍ଦ ହେବା ସାଙ୍ଗକୁ ଲୋକେ ଘରେ ବନ୍ଦୀ ହୋଇ ରହିଥିବା ଷ୍ଟେଟ୍ର ଏମର୍ଜେନ୍ସି ଡିପାର୍ଟମେଣ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

## ଇତିହାସର ଆଇନାରେ

### ଅକ୍ଟୋବର ୧୩ର ପ୍ରମୁଖ ଘଟଣା

୧ ୯୨୩ ଅକ୍ଟୋବର ୧୩ରେ ତୁର୍କୀର ରାଜଧାନୀ ଆଙ୍କାରା ଘୋଷିତ କରାଯାଇଥିଲା। ପୂର୍ବେ ଏହାର ରାଜଧାନୀ ଇସ୍ତାନବୁଲ ଥିଲା। ଇସ୍ତାନବୁଲ ପରେ ଆଙ୍କାରା ଦେଶର ଦ୍ୱିତୀୟ ବୃହତ୍ତମ ସହର। ପୂର୍ବରୁ ଏହା ଅଙ୍ଗୋରା ନାମରେ ଜଣାଥିଲା। ଦେଶର ମୁଖ୍ୟ ବାଣିଜ୍ୟ ଏବଂ ଔଦ୍ୟୋଗିକ କେନ୍ଦ୍ର ସହ ବିଭିନ୍ନ ଦେଶର ଦୂତାବାସ ଏଠାରେ ରହିଛି। ବିଶ୍ୱର ବିଭିନ୍ନ ଦେଶକୁ ଏଠାରୁ ଶୀତପୋଷାକ ଯାଇଥାଏ। ନାସ୍‌ପାତି , ମହୁ ଏବଂ ଅଙ୍ଗୁର ରପ୍ତାନୀ ପାଇଁ ଆଙ୍କାରାର ସ୍ୱତନ୍ତ୍ର ପରିଚୟ ରହିଛି।

୨୦୧୩ ଅକ୍ଟୋବର ୧୩ରେ ମଧ୍ୟପ୍ରଦେଶର ଦାତିଆ ଜିଲା ସ୍ଥିତ ରତନଗଡ ଦେବୀ ମନ୍ଦିର ନିକଟରେ ନବରାତ୍ରିରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦଳାଚକଟା ହୋଇଥିଲା। ଏଥିରେ ୧୧୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧୦ ରୁ ଅଧିକ ଆହତ ହୋଇଥିଲେ। ୫ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ମନ୍ଦିରରେ ଉପସ୍ଥିତ ଥିଲେ। ଏହା ନିକଟରେ ଥିବା ଏକ ବ୍ରିଜ ଉପର ଦେଇ ଲୋକେ ଯାଉଥିବା ବେଳେ ଶୁଣିବାକୁ ମିଳିଥିଲା ପୋଲ ଭୁଶୁଡି ପଡିଲା।

# #ମିଟୂ: ବିଚାର କରିବ ଲିଗାଲ୍ କମିଟି

- ୪ ଅବସରପ୍ରାପ୍ତ ବିଚାରପତିଙ୍କୁ ଶୁଣାଣି ଦାୟିତ୍ୱ
- ସତକୁ ଚିତ୍କାର କରି କହିବାର ବେଳ ଆସିଛି: ରାହୁଲ

**ନୂଆଦିଲ୍ଲୀ,୧୨।୧୦(ପି.ଟି.)**

ମନୋରଞ୍ଜନ ଏବଂ ଗଣମାଧ୍ୟମ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ‘#ମିଟୂ’ ଅଭିଯାନ। ଏହି ଦୁନିଆ ସହ ଜଡ଼ିତ ଅନେକ ଚର୍ଚ୍ଚିତ ବ୍ୟକ୍ତିତ୍ୱଙ୍କ ବିରୋଧରେ ମହିଳାମାନେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଦେଶରେ ନାରୀ ସୁରକ୍ଷାକୁ ନେଇ ଆରମ୍ଭ ହୋଇଛି ବିତର୍କ। ‘#ମିଟୂ’ ଅଭିଯାନ ଜରିଆରେ ବ୍ୟଭିଚାର ଅଭିଯୋଗ ଆଣୁଥିବା ପୀଡ଼ିତାଙ୍କ ପାଇଁ ଅଣ୍ଟା ଭିଡ଼ିଛନ୍ତି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ। ସମସ୍ତ ଅଭିଯୋଗକାରିଣୀଙ୍କୁ ସମର୍ଥନ ଜଣାଇ ମାନେକା କହିଛନ୍ତି, ଯୌନ ନିର୍ଯାତନା ମାମଲାଗୁଡ଼ିକର ତଦନ୍ତ ଲାଗି ତାଙ୍କ ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ଏକ ଆଇନଗତ(ଲିଗାଲ୍) କମିଟି ଗଠନ କରିବ। ସେଥିରେ ୪ ଅବସରପ୍ରାପ୍ତ ବିଚାରପତି ସଦସ୍ୟ ରହିବେ।

କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବା ଲାଗି ଆଇନଗତ ବ୍ୟବସ୍ଥା ରହିଛି। ସେସବୁ କାର୍ଯ୍ୟକାରୀ ହେଉ ନ ଥିବାରୁ ଦେଶରେ ଅନେକ ମହିଳା ଯୌନ ଶୋଷଣର ଶିକାର ହେଉଛନ୍ତି। ଏନେଇ ଶୋକବ୍ୟକ୍ତ କରି କେନ୍ଦ୍ରମନ୍ତ୍ରୀ ମାନେକା କହିଛନ୍ତି ଯେ,“ପୀଡ଼ିତାଙ୍କ କଥାକୁ ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ କରୁଛି। ସେମାନଙ୍କ ଯନ୍ତ୍ରଣା ଓ ଆଘାତକୁ ମର୍ମେ ମର୍ମେ ଅନୁଭବ କରିପାରୁଛି। ତେଣୁ #ମିଟୂ ଅଭିଯାନ ଜରିଆରେ ଆସୁଥିବା ଅଭିଯୋଗଗୁଡ଼ିକର ତଦନ୍ତ ଲାଗି ଏକ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଛି।” ଉକ୍ତ କମିଟି ଆଇନଗତ ଓ ଆନୁଷ୍ଠାନିକ ଢାଞ୍ଚା ଉପରେ ତର୍ଜମା କରି ସେଗୁଡ଼ିକୁ ସୁଦୃଢ଼ କରିବାକୁ ମନ୍ତ୍ରଣାଳୟକୁ ପରାମର୍ଶ ଦେବ। ଦେଶରେ ‘#ମିଟୂ’ ଝଡ଼ ସୃଷ୍ଟି



ହେବା ପରଠାରୁ ଦୁଇ ସପ୍ତାହ ମଧ୍ୟରେ ଅନେକ କର୍ମଜୀବୀ ମହିଳା ନିଜ ସହ ଘଟିଥିବା ଯୌନ ନିର୍ଯାତନା ସମ୍ପର୍କରେ ମୁହଁ ଖୋଲିଛନ୍ତି। ସେମାନଙ୍କୁ ବିଭିନ୍ନ ମହଲରୁ ମଧ୍ୟ ସମର୍ଥନ ମିଳୁଛି।

ଅଭିନେତ୍ରୀ ତନୁଶ୍ରୀ ଦତ୍ତ ବିଶିଷ୍ଟ ଅଭିନେତା ନାନା ପାଟେକରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ‘#ମିଟୂ’ ନିଆଁ ଲାଗିଛି। ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତଥା ପୂର୍ବତନ ସମ୍ପାଦକ (ଖବରକାଗଜ) ଏମ୍.ଜେ. ଆକବରଙ୍କ ବିରୋଧରେ ୭ ଜଣ ସାମ୍ବାଦିକା ଯୌନ ଶୋଷଣ ଓ ଅସଦାଚରଣ ଅଭିଯୋଗ କରିଛନ୍ତି। ଏହାକୁ ନେଇ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛି। ପରିବର୍ତ୍ତନ ଆଣିବା ସକାଶେ ସତକୁ ଚିତ୍କାର କରି ପ୍ରକାଶ କରିବାର ସମୟ ଉପନୀତ ହୋଇଛି। ଖାଲି ସେତିକି ନୁହେଁ, ମହିଳାଙ୍କୁ ସମ୍ମାନ ଦେବା ଉଚିତ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ‘#ମିଟୂ’ ଅଭିଯାନ ଏକ ବଡ଼ ପ୍ରସଙ୍ଗ। ଖୁବ୍‌ଶୀଘ୍ର ଏ ପ୍ରସଙ୍ଗରେ ସେ ଖବରଦାତା ସମ୍ମିଳନୀରେ ନିଜ ମତ ଉପସ୍ଥାପନ କରିବେ ବୋଲି କଂଗ୍ରେସ ମୁଖ୍ୟ କହିଛନ୍ତି। ରାହୁଲ ସିଧାସଳଖ ଆକବରଙ୍କୁ ଟାର୍ଗେଟ କରିନାହାନ୍ତି।

### ପ୍ରଧାନମନ୍ତ୍ରୀ ମୁହଁ ଖୋଲନ୍ତୁ: ସ୍ୱାମୀ

‘#ମିଟୂ’ ଅଭିଯାନ ଯୋଗୁ କେନ୍ଦ୍ର ସରକାର ଅଡୁଆରେ ପଡ଼ିଥିବାବେଳେ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ ମନ୍ତବ୍ୟ ପ୍ରକାଶ କରି ସମସ୍ୟାକୁ ବଢ଼ାଇଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଆକବରଙ୍କ ନାଁରେ ହୋଇଥିବା ସଙ୍ଗିନ ଅଭିଯୋଗ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁହଁ ଖୋଲିବା ଉଚିତ ବୋଲି ସେ କହିଛନ୍ତି।

## ଫେରିଲେ ନାହିଁ ଆକବର

**ନୂଆଦିଲ୍ଲୀ,୧୨।୧୦:** ସାମ୍ବାଦିକାଙ୍କୁ ଯୌନ ନିର୍ଯାତନା ଦେବା ନେଇ ଅଭିଯୋଗ ଆସିବା ପରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କ ମୁଣ୍ଡରେ ଝୁଲୁଛି ଖଣ୍ଡା। ବିରୋଧୀ ଦଳ ତାଙ୍କ ବହିଷ୍କାର



କରିବା ଲାଗି ଅଡ଼ିବସିଥିବାବେଳେ ସରକାର ତାଙ୍କୁ ଗାଦି ଛାଡ଼ିବାକୁ କହିବେ ବୋଲି ସୂଚନା ମିଳିଛି। ଏପଟେ ବିବାଦ ତେଜିଥିବାବେଳେ ସେପଟେ ଆଫ୍ରିକା ଗସ୍ତରେ ଅଛନ୍ତି ଆକବର। ଶୁକ୍ରବାର ସୁଦ୍ଧା ସେ ଭାରତ ଫେରି ଇସ୍ତଫା ଦେବେ ବୋଲି ଚର୍ଚ୍ଚା ଜୋର ଧରିଥିଲା। କିନ୍ତୁ ସେ ଫେରିଲେ ନାହିଁ। ନାଇଜେରିଆ ପରେ ଏବେ ଇକ୍ୱେଟୋରିଆଲ ଗିନି ଅଭିମୁଖେ ଯାତ୍ରା କରିବେ ବୋଲି ସୂଚନା ମିଳିଛି। ତେବେ ଆକବରଙ୍କ ଇସ୍ତଫା ପ୍ରସଙ୍ଗରେ ଭାଜପା ମୌନବ୍ରତ ଅବଲମ୍ବନ କରିଛି। ସେପଟେ କେନ୍ଦ୍ରମନ୍ତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ ସମ୍ପର୍କରେ ସ୍ପଷ୍ଟ ଜବାବ ଦେବାକୁ କହିଛି କଂଗ୍ରେସ। ଆକବର ମୁହଁ ଖୋଲନ୍ତୁ, ନଚେତ୍ ପଦରୁ ଓହରିଯାଆନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସିଂ ସୁର୍ଜେୱାଲା କହିଛନ୍ତି।

## ସାଜିଦ, ସୁଭାଷ ଘାଇଙ୍କ ନାଁରେ ଅଭିଯୋଗ

**ମୁମ୍ବାଇ,୧୨।୧୦(ପି.ଟି.):** ଦେଶରେ ‘#ମିଟୂ’ ଅଭିଯାନ ଜୋର୍‌ଦାର ଚାଲିଥିଲାବେଳେ ସିନେମା ଜଗତର ଅନେକ ନାମୀଦାମୀ ବ୍ୟକ୍ତିବିଶେଷଙ୍କ କେଳେଙ୍କାରୀର କାର୍‌ନାମା ପଦାରେ ପଡୁଛି। ଏହି ତାଲିକାରେ ଶୁକ୍ରବାର ଆଉ କେତୋଟି ନୂଆ ନାମ ଯୋଡ଼ିହୋଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ସାଜିଦ ଖାନ, ସୁଭାଷ ଘାଇ ଏବଂ ଲଭ ରଞ୍ଜନ। ସେହିପରି ଅଭିନେତା ଅକ୍ଷୟ କୁମାର, ଫରହାନ୍ ଅଖତର ଏବଂ ଅଜୟ ଦେବଗନ ପ୍ରମୁଖ ‘#ମିଟୂ’ ଅଭିଯାନକୁ ସମର୍ଥନ ଜଣାଇଛନ୍ତି।



ସାଜିଦ ଖାନ୍‌ଙ୍କ ବିରୋଧରେ ୩ ଅଭିନେତ୍ରୀ ଏବଂ ଜଣେ ସାମ୍ବାଦିକା ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି। ଏହା ପ୍ରଘଟ ହେବା ପରେ ତାଙ୍କ ଭଉଣୀ ଫରାହ ଖାନ୍ ମଧ୍ୟ ନିଜ ଭାଇଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ସାଜିଦଙ୍କ ଭୁଲ୍‌କୁ ଘଣ୍ଟ ଘୋଡ଼ାଇବେ ନାହିଁ। ତାଙ୍କ ଦ୍ୱାରା ନିର୍ଯାତିତା ମହିଳାଙ୍କ ସମର୍ଥନରେ ବାହାରିବେ ବୋଲି ଫରାହ କହିଛନ୍ତି। ‘#ମିଟୂ’ ଝଡ଼ର ଶିକାର ହେବା ପରେ ‘ହାଉସ୍‌ଫୁଲ୍-୪’ର ନିର୍ଦ୍ଦେଶନା ଦାୟିତ୍ୱରୁ ଓହରିଯାଇଛନ୍ତି ସାଜିଦ୍। ସେହିପରି ନିର୍ଦ୍ଦେଶକ ସୁଭାଷ ଘାଇ ଏବଂ ‘ପ୍ୟାର୍ କା ପଞ୍ଚନାମା’ ନିର୍ଦ୍ଦେଶକ ରଞ୍ଜନଙ୍କ ବିରୋଧରେ ମଧ୍ୟ ବଳାତ୍କାର ଓ ଅସଦାଚରଣ ଅଭିଯୋଗ ଆସିଛି।

## ପାଲାନିସ୍ୱାମୀଙ୍କ ବିରୋଧରେ ହେବ ସିବିଆଇ ତଦନ୍ତ

**ଚେନ୍ନାଇ,୧୨।୧୦(ପି.ଟି.)**



ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀଙ୍କ ବିରୋଧରେ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ଆଣି ଡିଏମ୍‌କେ ପକ୍ଷରୁ ହୋଇଥିବା ଏକ ଆବେଦନର ଶୁଣାଣି କରି ହାଇକୋର୍ଟ ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏକ ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ଠିକାରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଥିଲା। ମାମଲାର ତଦନ୍ତକରି ଡିରେକ୍ଟୋରେଟ୍ ଅଫ୍ ଭିଜିଲାନ୍ସ ଆଣ୍ଡ ଆଣ୍ଟି କରପ୍‌ଶନ୍ (ଡିଭିଏସି) ହାଇକୋର୍ଟରେ ରିପୋର୍ଟ ଦାଖଲ କରିଥିଲା। ଉକ୍ତ ରିପୋର୍ଟ ଅନୁଧ୍ୟାନ କରିବା ପରେ ଜଷ୍ଟିସ ଏ.ଡି. ଜଗଦୀଶ ଚାନ୍ଦିରାଙ୍କ ପୀଠ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ବେଳେ ପୀଠ କହିଛନ୍ତି, ମାମଲାରେ ଡିଭିଏସ୍ ରିପୋର୍ଟ ଏବଂ ଏହା ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସନ୍ତୋଷଜନକ ନୁହେଁ। ଏଣୁ ଏହାର ତଦନ୍ତ ଭାର ସିବିଆଇକୁ ଦିଆଯିବା ଉଚିତ। ମାମଲା ସମ୍ପର୍କିତ ସମସ୍ତ ନଥିପତ୍ର ଡିଭିଏସି ସପ୍ତାହେ ମଧ୍ୟରେ ସିବିଆଇକୁ ହସ୍ତାନ୍ତର କରୁ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ୩ ମାସ ମଧ୍ୟରେ ଦୁର୍ନୀତିର ପ୍ରାଥମିକ ତଦନ୍ତ ଶେଷ କରିବାକୁ ହେବ ବୋଲି ପୀଠ କହିଛନ୍ତି।

ପାଲାନିସ୍ୱାମୀ ୩୫୦୦ କୋଟି ଟଙ୍କାର ଏକ ରାସ୍ତା ନିର୍ମାଣ ପ୍ରକଳ୍ପ ବେନାମୀ ଏବଂ ନିଜ ସମ୍ପର୍କୀୟଙ୍କୁ ଦେଇଥିବା ଡିଏମ୍‌କେ ପକ୍ଷରୁ ଅଭିଯୋଗ ହୋଇଥିଲା। ଏଥିରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ଅଭିଯୋଗ ଆଣି ଦଳର ସାଙ୍ଗଠନିକ ସଚିବ ଆର୍.ଏସ୍. ଭାରତୀ ମାମଲା ଦାଏର କରିଥିଲେ। ଡିଭିଏସି ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବାରୁ ଏହା ଜରିଆରେ ଉଚିତ ତଦନ୍ତ ସମ୍ଭବପର ନୁହେଁ ବୋଲି ଦର୍ଶାଇ ଭାରତୀ ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିକୁ ହସ୍ତାନ୍ତର କରିବା ଲାଗି ଏକ ଅତିରିକ୍ତ ଆବେଦନ କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି।

## ଶିବପାଲଙ୍କୁ ମାୟାବତୀଙ୍କ ବଙ୍ଗଳା

**ଲକ୍ଷ୍ନୌ,୧୨।୧୦(ପି.ଟି.)**

ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ପୁରୁଣା ସରକାରୀ ବାସଭବନ ପାଇଲେ ସମାଜବାଦୀ ସେକ୍ୟୁଲାର୍ ମୋର୍ଚ୍ଚାର ପ୍ରତିଷ୍ଠାତା ଶିବପାଲ ଯାଦବ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସରକାର ଏହି ବଙ୍ଗଳା ଶିବପାଲଙ୍କୁ ଶୁକ୍ରବାର ମଞ୍ଜୁର କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀମାନେ ସରକାରୀ ବଙ୍ଗଳା ଛାଡ଼ିବା ନେଇ ସୁପ୍ରିମକୋର୍ଟ ରାୟ ଦେବା ପରେ ମାୟାବତୀ ଉକ୍ତ ବଙ୍ଗଳା ଖାଲି କରିଥିଲେ। ତେବେ ଜୀବନ ପ୍ରତି ବିପଦ ଥିବା ଗୋଇନ୍ଦା ରିପୋର୍ଟ ଆସିବା ପରେ ରାଜ୍ୟ ସରକାର ତାଙ୍କୁ ଏହି ବଙ୍ଗଳା ଯୋଗାଇଥିବା ଶିବପାଲ କହିଛନ୍ତି। ସେ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ବିଧାନସଭାର ପୁରୁଣା ସଦସ୍ୟ ଭାବେ ତାଙ୍କୁ ସରକାରୀ ଘର



ମଞ୍ଜୁର ହୋଇଥିବା ଶିବପାଲ କହିଛନ୍ତି। ବଙ୍ଗଳା ବଣ୍ଟନ ବେଳେ ରାଜ୍ୟ ସରକାର ପ୍ରିୟାପ୍ରୀତି ତୋଷଣ ନୀତି ଆପଣାଇଛନ୍ତି ଏବଂ ଭାଜପା ପାଇଁ କାର୍ଯ୍ୟ କରୁଥିବା ଶିବପାଲଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପ୍ରଦାନ କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଅନ୍ୟପକ୍ଷରେ ଶିବପାଲ ଏହାକୁ ଖଣ୍ଡନ କରିଛନ୍ତି।

## କାନ୍ଥକୁ ଧକ୍କାଦେଲା ଏୟାର ଇଣ୍ଡିଆ ବିମାନ



ବର୍ତ୍ତିଲେ ୧୩୬ ଯାତ୍ରୀ

**ତିରୁଚିରାପଲ୍ଲୀ,୧୨।୧୦(ପି.ଟି)**

ତାମିଲନାଡୁର ତ୍ରିଚିରୁ ଦୁବାଇ ଅଭିମୁଖେ ଉଡାଣ ଆରମ୍ଭ କରିଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଆଇଏକ୍ସ-୬୧୧ ଗୁରୁବାର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ବିମାନଟି ରାତି ସାଢେ ୧ଟା ବେଳେ ଟେକ୍ ଅଫ୍ କରିବା ସମୟରେ ରନୱେ ନିକଟରେ ଥିବା ଏକ ପାଚେରିକୁ ଧକ୍କା ଦେଇଥିଲା। ଏ ସମ୍ପର୍କରେ ଏଟିସି କର୍ମଚାରୀ ବିମାନର ପାଇଲଟଙ୍କୁ ସୂଚନା ଦେଇଥିଲେ। ଧକ୍କା ଯୋଗୁ ବିମାନର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ୬ ବିମାନ କର୍ମଚାରୀ ଓ ୧୩୦ଜଣ ଯାତ୍ରୀ କିନ୍ତୁ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚିଯାଇଛନ୍ତି। ବିମାନଟିର ଦିଗ ପରିବର୍ତ୍ତନ କରାଯାଇ ମୁମ୍ବାଇରେ ଭୋର ୫ଟା ୩୦ ମିନିଟ୍‌ରେ ଜରୁରୀ ଅବତରଣ କରାଯାଇଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ଏବଂ ଏୟାର ଇଣ୍ଡିଆ ଏୟାରଲାଇନ୍ସ ପକ୍ଷରୁ ଏହାର ତଦନ୍ତ ଆରମ୍ଭ କରାଯାଇଛି। ବିମାନର ଦୁଇ ପାଇଲଟ୍‌ଙ୍କୁ ଯାଞ୍ଚ ଶେଷ ନହେବା ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି।

## ଆଇଏଏସ୍ ଏକାଡେମୀ ପ୍ରତିଷ୍ଠାତାଙ୍କ ଆତ୍ମହତ୍ୟା

**ଚେନ୍ନାଇ,୧୨।୧୦**

ତାମିଲନାଡୁର ଚେନ୍ନାଇଠାରେ ଥିବା ବହୁଚର୍ଚ୍ଚିତ ସିଭିଲ୍ ସର୍ଭିସ୍ କୋଚିଂ ସେଣ୍ଟର୍ ‘ଶଙ୍କର ଆଇଏଏସ୍ ଏକାଡେମୀ’ର ପ୍ରତିଷ୍ଠାତା ଶଙ୍କର ଦେବରାଜନ୍ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଚେନ୍ନାଇର ମେଲାପୋରଠାରେ ଥିବା ନିଜ ବାସଭବନରେ ଶଙ୍କରଙ୍କ ମୃତଦେହ ଶୁକ୍ରବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ବ୍ୟକ୍ତିଗତ କାରଣରୁ ସେ ଏଭଳି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି। ଫ୍ୟାନ୍‌ରୁ ମୃତଦେହ ଉଦ୍ଧାର କରାଯିବା ପରେ ତୁରନ୍ତ ତାଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ୪୫ ବର୍ଷୀୟ ପ୍ରାଧ୍ୟାପକ ଆଇଏଏସ୍ ଏକାଡେମୀ ଜରିଆରେ ୨୦୦୪ରୁ ଏପର୍ଯ୍ୟନ୍ତ ପ୍ରାୟ ୯୦୦ ଆଇଏଏସ୍ ଅଧିକାରୀ ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଏହି ଧରଣର ପ୍ରଥମ କୋଚିଂ ସେଣ୍ଟର ହେଉଛି ଶଙ୍କର ଆଇଏଏସ୍ ଏକାଡେମୀ।

## ନ୍ୟୁୟର୍କକୁ ଉଡ଼ିଲା ଦୀର୍ଘତମ ବିମାନ




**ସିଙ୍ଗାପୁର, ୧୨।୧୦(ପି.ଟି)**

ବିଶ୍ୱର ସବୁଠୁ ଦୀର୍ଘତମ ବାଣିଜ୍ୟିକ ବିମାନ ଗୁରୁବାର ସିଙ୍ଗାପୁରଠାରୁ ନ୍ୟୁୟର୍କ ଅଭିମୁଖେ ଯାତ୍ରା କରିଛି। ଏଥିରେ ଆରୋହଣ କରିଥିବା ଯାତ୍ରୀମାନେ ଖୁବ୍ ଉତ୍ସାହିତ ଅଛନ୍ତି, କାରଣ ସେମାନେ ଦୀର୍ଘ ୧୯ଘଣ୍ଟା ମାରାଥନ୍ ଯାତ୍ରା କରି ନ୍ୟୁୟର୍କଠାରେ ପହଞ୍ଚିବେ। ସିଙ୍ଗାପୁର ଏୟାରଲାଇନ୍ସର ଜଣେ ମୁଖପାତ୍ରଙ୍କ କହିବାନୁଯାୟୀ, ‘ଫ୍ଲାଇଟ୍ ଏସ୍‌କ୍ୟୁ୨୨’ ସ୍ଥାନୀୟ ସମୟ ୧୧:୩୫ ପିଏମ୍(୧୫:୩୫ ଜିଏମ୍‌ଟି)ରେ ୧୫୦ ଜଣ ଯାତ୍ରୀ ଏବଂ ୧୭ ବିମାନ କର୍ମଚାରୀଙ୍କୁ ଧରି ନ୍ୟୁୟର୍କ ଅଭିମୁଖେ ଯାତ୍ରା କରିଥିଲା। ଦୁଇଜଣିଆ ପାଇଲଟ୍ ବିଶିଷ୍ଟ ଏହି ବିମାନରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ରହିଛି। ୧୬, ୭୦୦ କିଲୋମିଟର (୧୦,୪୦୦ ମାଇଲ) ବ୍ୟାପୀ ଯାତ୍ରାକାଳରେ ଯାତ୍ରୀମାନେ ଫିଲ୍ମ ଏବଂ ଟେଲିଭିଜନ୍ ମାଧ୍ୟମରେ ଆମୋଦ ପ୍ରମୋଦ କରିବାର ସୁଯୋଗ ପାଇବେ।



ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ ସହ ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ତାପମାତ୍ରା ଓ ସର୍ବାଧିକ ବର୍ଷା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୧ | ୨୨.୧ |
| ଚାନ୍ଦବାଲି | ୨୬.୧ | ୨୪.୬ |
| କଟକ | ୨୭.୨ | ୨୧.୦ |
| ପାରାଦ୍ୱୀପ | ୨୮.୫ | ୨୫.୦ |
| ଭୁବନେଶ୍ୱର | ୨୮.୨ | ୨୩.୦ |
| ଗୋପାଳପୁର | ୩୧.୭ | ୨୫.୯ |
| ପୁରୀ | ୩୦.୦ | ୨୪.୦ |
| ଅନୁଗୋଳ | ୨୫.୭ | ୧୯.୦ |
| ବାରିପଦା | ୨୩.୬ | ୨୨.୫ |
| ଝାରସୁଗୁଡ଼ା | ୨୮.୮ | ୨୩.୫ |
| କେନ୍ଦୁଝର | ୨୧.୩ | ୨୦.୪ |
| ସମ୍ବଲପୁର | ୨୭.୮ | ୨୨.୦ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୨୯.୫ | ୨୪.୧ |
| ତାଳଚେର | --- | ୨୩.୫ |
| ଭବାନୀପାଟଣା | --- | ୨୧.୦ |
| ବଲାଙ୍ଗୀର | ୨୫.୦ | ୨୧.୨ |
| କୋରାପୁଟ | ୨୩.୦ | ୧୮.୨ |
| ଫୁଲବାଣୀ | ୨୨.୪ | ୧୮.୦ |
| ଟିଟିଲାଗଡ଼ | ୨୫.୫ | ୧୯.୦ |
| ମାଲକାନଗିରି | ୨୧.୫ | --- |
| ସୋନପୁର | ୨୫.୦ | ୧୯.୫ |
| ଦାରିଙ୍ଗିବାଡ଼ି | ୨୧.୫ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଚିନ୍ତା ବଢ଼ାଉଛି ବେକାରି ସମସ୍ୟା

**ନୂଆଦିଲ୍ଲୀ,୧୨।୧୦(ପି.ଟି.)**

ବେକାର ସମସ୍ୟା, ଆର୍ଥିକ ଓ ରାଜନୈତିକ ଭ୍ରଷ୍ଟାଚାର, ହିଂସା ଓ ଅପରାଧ ଭାରତୀୟମାନଙ୍କ ସର୍ବାଧିକ ଚିନ୍ତାର କାରଣ। ୨୮ ଦେଶକୁ ନେଇ ସଦ୍ୟ ଅନୁଷ୍ଠିତ ଏକ ସର୍ଭେରୁ ଏହା ଜଣାପଡ଼ିଛି। ମାର୍କେଟ ଗବେଷଣା କମ୍ପାନୀ ଇପ୍‌ସୋସ୍ ପକ୍ଷରୁ ଶୁକ୍ରବାର ‘ହ୍ୱାଟ୍ ଓରିଜ୍ ଦି ୱାର୍ଲ୍ଡ’ ଶୀର୍ଷକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ବେକାର ସମସ୍ୟା ଓ ଦୁର୍ନୀତିକୁ ସବୁଠୁ ବଡ଼ ଚିନ୍ତାର କାରଣ ବୋଲି ୪୪% ଭାରତୀୟ ମତ ଦେଇଛନ୍ତି। ୩୩% ଲୋକ ଅପରାଧ ଓ ହିଂସାକୁ, ୩୧% ଦାରିଦ୍ର୍ୟ ଓ ସାମାଜିକ ଅସମାନତାକୁ ଏକ ବଡ଼ ପ୍ରସଙ୍ଗ ଭାବେ ଅଭିହିତ କରିଛନ୍ତି। ସେହିପରି ଆତଙ୍କବାଦକୁ ନେଇ ୨୧% ଭାରତୀୟ ଚିନ୍ତିତ ଥିବା ଏଥିରେ ଦର୍ଶାଯାଇଛି।

ଭାରତୀୟଙ୍କ ଚିନ୍ତା ବଢ଼ାଉଥିବା ଅନ୍ୟ ପ୍ରସଙ୍ଗଗୁଡ଼ିକ ହେଲା, ଶିକ୍ଷା(୧୯%), ପରିବେଶ ପ୍ରତି ବିପଦ(୧୬%), ଟ୍ୟାକ୍ସ (୧୫%), ଜଳବାୟୁ ପରିବର୍ତ୍ତନ(୧୪%), ସ୍ୱାସ୍ଥ୍ୟସେବା(୧୩%), ମୁଦ୍ରାସ୍ଫିତି(୧୧%) ଓ ନୈତିକ ମୂଲ୍ୟବୋଧର ଅବକ୍ଷୟ(୧୦%)। ଅନ୍ୟପକ୍ଷରେ ଭାରତ ଠିକ୍



ରାସ୍ତାରେ ଯାଉଛି ବୋଲି ୬୭% ଦେଶବାସୀ ଭାବୁଛନ୍ତି। ୨୮ଟି ମାର୍କେଟ ଉପରେ ସର୍ବେକ୍ଷଣ କରାଯାଇ ଦେଖାଯାଇଛି ଯେ, ଭାରତ ବିଶ୍ୱର ଧାରାକୁ ଭୁଲ ପ୍ରମାଣିତ କରିଛି। ଅନୂନ୍ୟ ୬୦% ଲୋକ ସେମାନଙ୍କ ଦେଶ ଭୁଲ ରାସ୍ତାରେ ଯାଉଥିବା ମନେକରନ୍ତି। ସର୍ଭେ ଅନୁସାରେ ଶୀର୍ଷ ୪ଟି ମାର୍କେଟ ନିଜ ଦେଶ (ଚାଇନା ୯୨%), ସୌଦି ଆରବ(୭୮%), ଭାରତ(୬୭%) ଓ ମାଲେସିଆ(୬୫%) ଉଚିତ ରାସ୍ତାରେ ଯାଉଥିବା ନେଇ ଆଶାବାଦୀ। ଅନ୍ୟପକ୍ଷରେ ବ୍ରାଜିଲ, ସ୍ପେନ୍, ଦକ୍ଷିଣ ଆଫ୍ରିକା, ଫ୍ରାନ୍ସ ଓ ପେରୁ ଭଳି ଦେଶଗୁଡ଼ିକ ଠିକ୍ ରାସ୍ତାରେ ଯାଉନାହିଁ ବୋଲି ସେଠାକାର ଲୋକେ ମନେକରନ୍ତି। ଏଥିରେ ଆହୁରି କୁହାଯାଇଛି ଯେ, ବିଶ୍ୱସ୍ତରରେ ନାଗରିକମାନେ ଭ୍ରଷ୍ଟାଚାର(୩୪%), ବେକାର ସମସ୍ୟା (୩୩%), ଦାରିଦ୍ର୍ୟ/ସାମାଜିକ ଅସମାନତା(୩୩%), ଅପରାଧ ଓ ହିଂସା(୩୧%) ଏବଂ ସ୍ୱାସ୍ଥ୍ୟସେବା(୨୪%)କୁ ନେଇ ଚିନ୍ତିତ। କିନ୍ତୁ ଆତଙ୍କବାଦ ଚିନ୍ତାର ବୃଦ୍ଧିର ପ୍ରମୁଖ ୫ କାରଣ ମଧ୍ୟରେ ବିଶ୍ୱସ୍ତରୀୟ ତାଲିକାରେ ସ୍ଥାନ ପାଇନାହିଁ। ‘ହ୍ୱାଟ୍ ଓରିଜ୍ ଦି ୱାର୍ଲ୍ଡ’ ସର୍ଭେ ହେଉଛି ଏକ ମାସିକ ଅନ୍‌ଲାଇନ୍ ସର୍ବେକ୍ଷଣ। ଏଥିରେ ୨୮ ଦେଶର ୬୫ ବର୍ଷରୁ କମ୍ ବୟସର ଲୋକଙ୍କୁ ନେଇ ଇପ୍‌ସୋସ୍ ଅନ୍‌ଲାଇନ୍ ପ୍ୟାନେଲ ବ୍ୟବସ୍ଥାରେ ପ୍ରଶ୍ନ କରାଯାଇଥାଏ। ସେହି ଦେଶଗୁଡ଼ିକ ହେଲା ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲ୍‌ଜିୟମ୍, ବ୍ରାଜିଲ, କାନାଡା, ଚିଲି, ଚାଇନା, ଫ୍ରାନ୍ସ, ଗ୍ରେଟ୍ ବ୍ରିଟେନ, ଜର୍ମାନୀ, ହଙ୍ଗେରୀ, ଭାରତ, ଇସ୍ରାଏଲ୍, ଇଟାଲୀ, ଜାପାନ, ମାଲେସିଆ, ମେକ୍ସିକୋ, ପେରୁ, ପୋଲାଣ୍ଡ, ରୁଷିଆ, ସୌଦି ଆରବ, ସର୍ବିଆ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ, ସ୍ପେନ, ସ୍ୱିଡେନ, ତୁର୍କି ଓ ଆମେରିକା।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

**ହାଟଡିହୀ, ୧୨।୧୦(ଡି.ଏନ.ଏ.):** ହାଟଡିହୀ ବ୍ଲକ ସୁଲଣ ଗ୍ରାମରେ ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଅରୁଣ ଜେନାଙ୍କ ପୁଅ ଅଂଶୁମାନ ଭୁଜବଳ ଜେନା। ସେ କଲିକତାରେ ରହି ପାଠପଢୁ ଥିଲେ। ଗୁରୁବାର ସେ କଲିକତାରୁ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଅମରଦାଠାରେ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଜଣେ ଢାବା ମାଲିକ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବସ୍ତା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବସ୍ତା ପୋଲିସ ନିକଟରୁ ଖବର ପାଇ ଘଟଣାସ୍ଥଳରେ ପରିବାର ଲୋକ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକେ ମୃତଦେହ ଘରକୁ ଆଣିଥିଲେ।

### ୨ ନାବାଳିକା ନିଖୋଜ ନେଇ ମାମଲା

**ଯୋଡା, ୧୨।୧୦(ଡି.ଏନ.ଏ.):** ଯୋଡ଼ା ସହରର ଆଜାଦ ବସ୍ତି ଅଞ୍ଚଳରେ ରହୁଥିବା ୨ ନାବାଳିକା ନିଖୋଜ ଥିବା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ସନ୍ଧ୍ୟା ୬ଟା ବେଳେ ୨ ନାବାଳିକା ପଡୋଶୀ ଘରକୁ ଟିଭି ଦେଖିବା ପାଇଁ ଯାଇଥିଲେ। ସେଠାରୁ ସେମାନେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି ପରେ ନିରାଶ ହେବାରୁ ଶୁକ୍ରବାର ଯୋଡା ଥାନାରେ ଅଭିଯୋଗ କରିଛନ୍ତି। ୨ ନାବାଳିକାଙ୍କ ଫଟୋ ନେଇ ପୋଲିସ ବିଭିନ୍ନ ସ୍ଥାନରେ ତଦନ୍ତ କରୁଛି। ଚାଇଲ୍ଡ ଲାଇନ ପକ୍ଷରୁ ମଧ୍ୟ ଖୋଜାଖୋଜି ଚାଲିଛି ବୋଲି ଯୋଡା ଥାନା ଅଧିକାରୀ ମନୋଜ କୁମାର ରାଉତ କହିଛନ୍ତି।

### ୨ ଫେରାର ଅଭିଯୁକ୍ତ ଗିରଫ

**ହାଟଡିହୀ,୧୨।୧୦(ଡି.ଏନ.ଏ.):** ନନ୍ଦିପଦା ଥାନାରେ ପୃଥକ ଭାବେ ରୁଜୁ ହୋଇଥିବା ମାମଲାରେ ଅଭିଯୁକ୍ତ ଥାଇ ଫେରାର ଥିବା ୨ ଜଣଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଇଛାପୁର ଗ୍ରାମର ଭୋଳାନାଥ କାଣ୍ଡିଙ୍କ ପୁଅ ଇନ୍ଦ୍ରମଣି କାଣ୍ଡି ଏବଂ ହାଟଡିହୀ ଗ୍ରାମର ନଟବର ସାହୁଙ୍କ ପୁଅ ନିରଞ୍ଜନ ସାହୁ। ସେମାନଙ୍କ ନାମରେ ଯଥାକ୍ରମେ ମାମଲା (ନଂ.୨୦/୧୮ ଓ ନଂ୫୦/୧୭) ରୁଜୁ ହୋଇଥିବା ନନ୍ଦିପଦା ଥାନା ଏସଆଇ ବିଜୟ କୁମାର ମଲ୍ଲିକ କହିଛନ୍ତି।

### ବାଇକ୍ ଚୋର ଗିରଫ

**ବଡ଼ବିଲ,୧୨।୧୦(ସ୍ୱ.ପ୍ର.):** ବଡ଼ବିଲ ଥାନା ଅନ୍ତର୍ଗତ ହସ୍ପିଟାଲ ରୋଡ ଅଞ୍ଚଳରୁ ବୁଧବାର ରାତିରେ ଚୋରି ହୋଇଥିବା ବାଇକ୍‌କୁ ପୋଲିସ ଆଜାଦ ବସ୍ତିରୁ ଉଦ୍ଧାର କରିଛି। ଚୋରି ଘଟଣାରେ ଜଣଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଏମଡି ଅମୋଲ। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ହସ୍ପିଟାଲ ରୋଡ୍ ଅଞ୍ଚଳରେ ରହୁଥିବା ରଣଜିତ ସିଂହ କାହାଲୋ ନାମକ ବ୍ୟକ୍ତିଙ୍କ ଘର ସମ୍ମୁଖରେ ବାଇକ୍ ରଖା ଯାଇଥିଲା। ଗୁରୁବାର ସକାଳୁ ଉଠି ଦେଖିବା ବେଳକୁ ବାଇକ୍ ଚୋରି ହୋଇଯାଇଛି। ଏ ନେଇ ସେ ବଡବିଲ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ. ୧୫୧/୧୮) ରୁଜୁ ହୋଇଥିଲା।

### ୨୯କୁ ଘୁଞ୍ଚିଲା ଦେବାଶିଷଙ୍କ ଜାମିନ ଆବେଦନ ଶୁଣାଣି

ଆନନ୍ଦପୁର, ୧୨।୧୦(ସ୍ୱ.ପ୍ର.) ଦୁଇଟି ମାମଲାରେ ବିଚାର ବିଭାଗୀୟ ହାଜତରେ ଥିବା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷଙ୍କ ଦ୍ୱାରା କରାଯାଇଥିବା ଜାମିନ ଆବେଦନ ଶୁଣାଣି ଆସନ୍ତା ୨୯ ତାରିଖକୁ ଘୁଞ୍ଚିଥିବା ଜଣାପଡିଛି। ଓକିଲମାନଙ୍କ ଆନ୍ଦୋଳନ ଲାଗି ରହିଥିବାରୁ ରାମଚନ୍ଦ୍ରପୁର ଥାନା କେସ୍ (ନଂ ୧୩୮/୨୦୧୮ ଓ ଘସିପୁରା ଥାନା କେସ୍ ନଂ ୧୮୦/୨୦୧୮) ମାମଲାରେ ଦେବାଶିଷ ନିଜେ କେସ୍ ଲଢିବା ଉଦ୍ଦେଶ୍ୟରେ ଆନନ୍ଦପୁର କୋର୍ଟରେ ଜାମିନ୍ ଆବେଦନ କରିଥିଲେ। ଏହି ଜାମିନ ଆବେଦନର ଶୁଣାଣି ପାଇଁ ଦେବାଶିଷ କେନ୍ଦୁଝର ବିଚାର ବିଭାଗୀୟ ହାଜତରୁ ଆନନ୍ଦପୁରରେ ପହଞ୍ଚିଥିଲେ। ମାମଲାର ତଦନ୍ତକାରୀ ଅଫିସର ଆବଶ୍ୟକୀୟ କେସ୍ ଡାଏରୀ, ଇଞ୍ଜୁରୀ ରିପୋର୍ଟ ଦାଖଲ କରିପାରି ନ ଥିବାରୁ ଜାମିନ ଆବେଦନ ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଥିବା ଜଣାପଡିଛି।

■୨୦ କୋଟି ବ୍ୟୟରେ ହେବ ଉନ୍ନତୀକରଣ

# ପୂର୍ତ୍ତ ରାସ୍ତାର ଶିଳାନ୍ୟାସ କଲେ ମନ୍ତ୍ରୀ


ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଛେଣ୍ଡିପଦା,୧୨।୧୦ (ଡି.ଏନ.ଏ./ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ କୋଶଳା-ଛେଣ୍ଡିପଦା ଭାୟା ବ୍ରାହ୍ମଣବିଲ ସନ୍ତରାବନ୍ଧ-ଚାଙ୍ଗୁଡିଆ ରାସ୍ତା ଓ ଖମାର ଠାରୁ କଣଲୋଇ ରାସ୍ତାର ଉନ୍ନତୀକରଣ ଲାଗି ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଏମପି ନଗେନ୍ଦ୍ର କୁମାର ପ୍ରଧାନ, ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲା ପରିଷଦ ସଭାନେତ୍ରୀ ବାସନ୍ତୀ କିଷାନ, ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ତଥା ସଚିବ ନଳିନୀକାନ୍ତ ପ୍ରଧାନ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଉପାଧ୍ୟକ୍ଷା ସୁଷମା ରାଉଳ, ବହୁ ନିର୍ବାଚିତ ଜନପ୍ରତିନିଧିଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି ଖମାର-କଣଲୋଇ ରାସ୍ତା ମଧ୍ୟ ପୂର୍ତ୍ତ ବିଭାଗ ଅଧୀନକୁ ହସ୍ତାନ୍ତର କରାଯାଇଛି। ପାତ୍ରପଡ଼ା ପଞ୍ଚାୟତ ଗଡମଣ୍ଡଳ ଛକରେ ଏହି ରାସ୍ତା ନିର୍ମାଣର ମଧ୍ୟ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଯୋଗେଶର ସାହୁ ଏଥିରେ ସଭାପତିତ୍ୱରେ କରିଥିଲେ। ଏହି ରାସ୍ତା ସମ୍ବଲପୁର ଜିଲା ନାକଟିଦେଉଳ ଏବଂ ରେଢ଼ାଖୋଲ ଅଞ୍ଚଳକୁ ସଂଯୋଗ କରୁଛି। ଉଭୟ ରାସ୍ତା ପାଇଁ ମୋଟ ୨୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଆଗାମୀ ଦିନରେ ଛେଣ୍ଡିପଦା ଡାକବଙ୍ଗଳା, ପାତ୍ରପଡାଠାରେ ନୂତନ ବଙ୍ଗଳା ଏବଂ ଖମାର ଠାରୁ ଡଙ୍ଗଚା ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ପାଇଁ ମୁଖ୍ୟଅତିଥି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ବହିଦାର, ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିନୟ କୁମାର ପାଢୀ, ସହକାରୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

### ଭାଜପାର ଜନ ଜାଗରଣ ଯାତ୍ରା

**ଛେଣ୍ଡିପଦା,୧୨।୧୦ (ଡି.ଏନ.ଏ.)**

ଛେଣ୍ଡିପଦା ଭାଜପା ପକ୍ଷରୁ ବୁଧବାର ବସନ୍ତପୁର ଓ କମ୍ପସଲା ପଞ୍ଚାୟତସ୍ତରୀୟ ଜନ ଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ମୁଖ୍ୟ ସଙ୍ଗଠକ ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଜନ ଜାଗରଣ ଯାତ୍ରା ବସନ୍ତପୁର ଏବଂ କମ୍ପସଲା ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ପ୍ରଭାରୀ ଚୌଧୁରୀ ପ୍ରଧାନ, ଶରତ ସାହୁ, ଦୁର୍ଗା ଚରଣ ମହାପାତ୍ର, ଯୁବ ନେତା ଅକ୍ଷୟପାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଉଭୟ ପଞ୍ଚାୟତର ବହୁ କଂଗ୍ରେସ ଓ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ ।

### ମଦ ଜବତ, ଜଣେ ଗିରଫ

**ତାଳଚେର,୧୨।୧୦(ନି.ପ୍ର.)**

ତାଳଚେର ଥର୍ମାଲ ଠାରୁ ସ୍ଥାନୀୟ ଅବକାରୀ ବିଭାଗ ପକ୍ଷରୁ ଏକ ଅଟୋ ସହିତ ୨ଶହ ଲିଟର ମଦ ଜବତ କରାଯାଇଛି। ଏଥିସହ ଅଭିଯୁକ୍ତ ପ୍ରଶାନ୍ତ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ପରଜଙ୍ଗ ଆମ୍ବପଳାଶରୁ ଏହି ମଦ ଆସୁଥିବା ଖବର ପାଇ ଅବକାରୀ ଅଧିକାରୀମାନେ ଥର୍ମାଲ ଠାରେ ଜଗି ରହିଥିଲେ।

■୧୫ରେ ଏଏପିର ଜନ ସମାବେଶ

# ଯୋଗଦେବେ ଅଲକା ଲାମ୍ବା


ବୈଠକରେ ଏଏପି କର୍ମକର୍ତ୍ତାବୃନ୍ଦ।

**ଢେଙ୍କାନାଳ ଅଫିସ,୧୨।୧୦**

ଢେଙ୍କାନାଳ ଏଏପି ପକ୍ଷରୁ ଆସନ୍ତା ୧୫ ତାରିଖ ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଜନ ସମାବେଶ ଅନୁଷ୍ଠିତ ହେବ। ଏଥିରେ ଦଳର ନୂଆଦିଲ୍ଲୀ ବିଧାୟିକା ଅଲକା ଲାମ୍ବା ଯୋଗଦେବେ। ଏ ନେଇ ଜିଲା ଆବାହକ ପଙ୍କଜ ନାୟକଙ୍କ ସଭାପତିତ୍ୱରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ଦଳିତ ଅଧିକାର ମଞ୍ଚ ସଭାପତି ମାନସ ଜେନା, ଉପଦେଷ୍ଟା ମଧୁସୂଦନ ଯାଦବଙ୍କ ସମେତ ରାଜ୍ୟସ୍ତରୀୟ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଦଳର ସମସ୍ତ ସକ୍ରିୟ ସଦସ୍ୟ ଉପସ୍ଥିତ ଥିଲେ।

# ଗୋପବନ୍ଧୁ ଜୟନ୍ତୀ ପାଳିତ

**ଛେଣ୍ଡିପଦା,୧୨।୧୦(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ବାଲିପଟା ଗୋପବନ୍ଧୁ ଜନ କଲ୍ୟାଣ ସମିତି ପକ୍ଷରୁ ରାଜୀବ ଭବନଠାରେ ମଙ୍ଗଳବାର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସମିତି ସଭାପତି ସୁଦୀପ କୁମାର ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଜୟନ୍ତୀରେ ଜିଲା ପରିଷଦ ସଭ୍ୟ ଶ୍ରୀଧର ଗଡନାୟକ, ଶିକ୍ଷକ କୁମୁଦ ଚନ୍ଦ୍ର ଗଡନାୟକ, ଗ୍ରାମ ସଭାପତି ମାନସ ପ୍ରଧାନ, ସମିତି ଉପଦେଷ୍ଟା ବାନାମ୍ବର ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍କଳମଣିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ତାଙ୍କ ସ୍ମୃତି ଚାରଣ କରିଥିଲେ। ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଡାକ୍ତର ନିଯୁକ୍ତି ଦାବିରେ ଗଣଧାରଣା


ସାମାଜିକ କର୍ମୀଙ୍କ ସହ ବିଭିନ୍ନ ସଙ୍ଗଠନ ପକ୍ଷରୁ ଗଣଧାରଣା ଦିଆଯାଇଛି।

**ତାଳଚେର,୧୨।୧୦(ନି.ପ୍ର.)**

ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତରମାନଙ୍କ ସଂଖ୍ୟା ହ୍ରାସ କରାଯିବା ପ୍ରତିବାଦରେ ଓ ତୁରନ୍ତ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ଦାବିରେ ଶୁକ୍ରବାର ତାଳଚେରବାସୀଙ୍କ ପକ୍ଷରୁ ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନା ପରିସରରେ ଗଣଧାରଣା ଦିଆଯାଇ ଥିଲା। ଏହି ଡାକ୍ତରଖାନାରେ୧୪ଜଣ ଡାକ୍ତରଙ୍କ ସ୍ଥାନରେ ମାତ୍ର ୯ଜଣ ଥିଲେ। ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ପଦୋନ୍ନତି ଦିଆଯାଇ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ୨ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏହାକୁ ନେଇ ତାଳଚେରବାସୀଙ୍କ ସମେତ ବିଭିନ୍ନ ସଙ୍ଗଠନ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ୩ ଦିନ ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ ଡାକ୍ତରଖାନା ଭିତରେ ଧର୍ମଘଟ କରାଯିବ ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରଶାସନକୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। କିନ୍ତୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସକାଳଠାରୁ ସାମାଜିକ କର୍ମୀ ବାପି ମହାନ୍ତି, ଶୋଭେନ ମିଶ୍ର, ରଞ୍ଜିତ ମହାପାତ୍ର, ଶ୍ରୀକାନ୍ତ ପାଣି, ତପନ ମହାପାତ୍ର, ସୁଲେଖ ସେଠୀ ପ୍ରମୁଖ ଡାକ୍ତରଖାନା ପରିସରରେ ଗଣଧାରଣା ଦେଇଥିଲେ। ଅପରାହ୍ନରେ ସହକାରୀ ଜିଲାପାଳ ଗୌରୀ ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ୩ଦିନ ଭିତରେ ସମସ୍ୟାର ସମାଧାନ ଲାଗି ପ୍ରଶାସନସ୍ତରରେ ଏକ ବୈଠକ ବସିବ ବୋଲି ପ୍ରତିଶ୍ରୁତି ଦେବାପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।

### ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ବଇଣ୍ଡା, ୧୨।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ ଯୁକ୍ତ ୩ର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ସଭାପତିତ୍ୱ କରିଥିବାବେଳେ ବଇଣ୍ଡା ଜନତା ମହାବିଦ୍ୟାଳୟର ଅଧ୍ୟାପକ ସିଦ୍ଧାର୍ଥ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ ବୋଲି ମୁଖ୍ୟଅତିଥି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ତରଣୀସେନ ସାହୁ, ନଳିନୀ ପ୍ରଧାନ, ରୁଚିସ୍ମିତା ପରିଡା, ବୀଣାପାଣି ସାହୁ, ପୁରୁଷୋତ୍ତମ ସାହୁ, ଗୋବର୍ଦ୍ଧନ ପ୍ରଧାନ, ଅଜିତ ପ୍ରଧାନ, ସୁଶାନ୍ତ ରାଉଳ, ରଞ୍ଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ଓ ନମିତା ବେହେରା ସ୍ୱାଗତ କରିଥିଲେ। ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ରମାନେ ନୂତନ ଛାତ୍ରୀଛାତ୍ରଙ୍କୁ ଫୁଲତୋଡା ପ୍ରଦାନ କରିଥିଲେ।

■ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟର ପାସିଂ ଆଉଟ୍ ପରେଡ

# ସତ୍ୟ ପ୍ରକାଶ ଧୀର ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ



**ଅନୁଗୋଳ ଅଫିସ, ୧୨।୧୦**

ଅନୁଗୋଳର ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟର ୫୫ତମ ଆରକ୍ଷୀ ବେସାମରିକ ପ୍ରଶିକ୍ଷାର୍ଥୀମାନଙ୍କ ଦୀକ୍ଷାନ୍ତ ସମାରେହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ଜିଲାରୁ ଆସିଥିବା ୧୬୯ ଜଣ ପ୍ରଶିକ୍ଷାର୍ଥୀ ଶୁକ୍ରବାର ପାସ୍‌ଆଉଟ୍ ହୋଇଛନ୍ତି। ପରେଡ କମାଣ୍ଡର ଦେବୀ ପ୍ରସାଦ ରଥଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଇନଡୋର ପ୍ରତିଯୋଗିତାରେ ସତ୍ୟପ୍ରକାଶ ଧୀରଙ୍କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଦ୍ୱିତୀୟ ପୁରସ୍କାର ସଂଗ୍ରାମ କେଶରୀ ବଡୁ ଓ ତୃତୀୟ ପୁରସ୍କାର ହିରଣ୍ୟମୟ ବିଶ୍ୱାଳ ପାଇଛନ୍ତି। ସେହିପରି ଆଉଟ୍‌ଡୋର ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ବିଦ୍ୟୁତ୍ ମନସ୍ୱିନୀ ସ୍ୱହା ନାୟକଙ୍କୁ ପ୍ରଦାନ କରାଯାଇଛି। ଦ୍ୱିତୀୟ ପୁରସ୍କାର ଜୟନ୍ତ କୁମାର ପ୍ରଧାନ ଓ ତୃତୀୟ ପୁରସ୍କାର ସନାତନ ବୁଦ୍ଧୁଲ ହାସଲ କରିଛନ୍ତି। ତେବେ ଦୁଇଟି ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ ଭାବେ ସତ୍ୟ ପ୍ରକାଶ ଧୀରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ଓ ଦେବଗଡ଼ ଏସ୍‌ପି ଅନୁପମା ଜେମ୍ସ ଓ ଢେଙ୍କାନାଳ ଏସ୍‌ପି ସନ୍ତୋଷ କୁମାର ନାୟକ ଉପସ୍ଥିତ ଥିଲେ।

# ରାଶନ କାର୍ଡ ପାଇଲେ ୧୧୨୦ ହିତାଧିକାରୀ


ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଉଛି।

**କଣିହାଁ, ୧୨।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ୧୦ ନମ୍ବର ଜିଲା ପରିଷଦ ଜୋନ ସମଲଠାରେ ଶୁକ୍ରବାର ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ମହେଶ ସାହୁ, କଣିହାଁ ବିଡିଓ ରମେଶ ଜେନା, ଯୋଗାଣ ନିରୀକ୍ଷକ ଦିଲୀପ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଥିରେ ୮ ପଞ୍ଚାୟତର ୧୧୨୦ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମିତି ସଭ୍ୟା ଜ୍ୟୋତ୍ସ୍ନାରାଣୀ ସାହୁ, ପୂର୍ବତନ ସରପଞ୍ଚ ଜୟନ୍ତ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଜେଡି କର୍ମକର୍ତ୍ତା ଯୋଗ ଦେଇଥିଲେ।

■କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ

# ନାଲ୍‌କୋରୁ ୩.୪୮% ପୁଞ୍ଜି ପ୍ରତ୍ୟାହାର

**ବଅଁରପାଳ, ୧୨।୧୦(ଡି.ଏନ.ଏ.)**

ଅନୁଗୋଳ ସ୍ଥିତ ନାଲ୍‌କୋରୁ କେନ୍ଦ୍ର ସରକାର ଶୁକ୍ରବାର ୩.୪୮ ପ୍ରତିଶତ ପୁଞ୍ଜି ପ୍ରତ୍ୟାହାର କରିଥିବା ଜଣାପଡିଛି। ଏହାଦ୍ୱାରା ସରକାର ନାଲ୍‌କୋର ଗଚ୍ଛିତ ସମ୍ପତ୍ତିରୁ ୫ଶହ ୫ କୋଟି ଟଙ୍କା ନେଇଯାଇଥିବା ଶ୍ରମିକ ନେତାମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଦିଲ୍ଲୀଠାରେ ନାଲ୍‌କୋ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ପୂର୍ବରୁ ନାଲ୍‌କୋ ହାତରେ ୫୬.୫୯ ପ୍ରତିଶତ ପୁଞ୍ଜି ରହିଥିଲା। ଏବେ ୩.୪୮ ପ୍ରତିଶତ ସମ୍ପତ୍ତି ଚାଲିଯିବା ପରେ ନାଲକୋ ହାତରେ ୫୩.୧୧ପ୍ରତିଶତ ପୁଞ୍ଜି ରହିଛି। ଆଉ ୩ ରୁ ୪ ପ୍ରତିଶତ ପୁଞ୍ଜି ଚାଲିଗଲେ ନାଲକୋର ଘରୋଇକରଣ ହୋଇଯିବ। ଏହାକୁ ନେଇ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ନେସ୍‌ର ସାଧାରଣ ସମ୍ପାଦକ କୁହନ୍ତି, ନାଲ୍‌କୋରୁ ସରକାର ପୁଞ୍ଜି ପ୍ରତ୍ୟାହାର କରିବା ଦୁର୍ଭାଗ୍ୟଜନକ। ବାଏବ୍ୟାକ ମାଧ୍ୟମରେ ନାଲକୋ ସମ୍ପତ୍ତିରୁ ପ୍ରାୟ ୫ଶହ ୫ କୋଟି ଟଙ୍କା ସରକାର ନେଇ ଯାଇଛନ୍ତି। ଏ ସମ୍ପର୍କରେ ଏନ୍‌ଏସସିୟୁର ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା କୁହନ୍ତି, ନାଲ୍‌କୋ ଭଳି ଲାଭଦାୟକ କମ୍ପାନୀର ଘରୋଇ କରଣ କରିବାକୁ କେନ୍ଦ୍ର ସରକାର ଚକ୍ରାନ୍ତ କରୁଛନ୍ତି। ନାଲ୍‌କୋ ସମ୍ପତ୍ତିରୁ ୩.୪୮ ପ୍ରତିଶତ ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ଆଗାମୀ ଦିନରେ ଏହାର ଦୃଢ଼ ବିରୋଧ କରାଯିବ।


ନିର୍ମଳ ସାମଲ


ପରେଶ ଜେନା

### ବାଏବ୍ୟାକ ବିରୋଧରେ ନେସ୍‌ର ଧାରଣା



**ବଅଁରପାଳ, ୧୨।୧୦(ଡି.ଏନ.ଏ.)–** ନାଲ୍‌କୋରୁ କେନ୍ଦ୍ର ସରକାର ଅଂଶଧନ ବାଏବ୍ୟାକ କରିବା ବିରୋଧରେ ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟର ଟେକ୍ନିକାଲ ବିଲ୍ଡିଂରେ ନେସ୍ ପକ୍ଷରୁ ଧାରଣା ଦିଆଯାଇଛି। ବାଏ ବ୍ୟାକ ମାଧ୍ୟମରେ ସରକାର ନାଲ୍‌କୋରୁ ପୁଞ୍ଜି ପ୍ରତ୍ୟାହାର ମସୁଧା ଚଳାଇଛନ୍ତି। ନାଲ୍‌କୋକୁ ଘରୋଇକରଣ ପାଇଁ ଏହା କେନ୍ଦ୍ରର ଚକ୍ରାନ୍ତ କରୁଛି ବୋଲି ସଙ୍ଗଠନ କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ସଭାପତି ଦିଲୀପ ମିଶ୍ର ଓ ସାଧାରଣ ସମ୍ପାଦକ ନିର୍ମଳ ସାମଲଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ପ୍ରଫୁଲ୍ଲ ସାହୁ, ବିଜନ ଦଳବେହେରା, ଭଦୁରାମ ସୋରେନ, ଭାସ୍କର ସେଠୀ, ମୁରଲୀ ପଣ୍ଡା, ଅଶ୍ୱିନୀ ସାମଲ, ବସନ୍ତ ନାୟକ, ମିଲୁ ଧୀର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨ ଦିନ ହେଲା ବିଦ୍ୟୁତ୍ ସେବା ବାଧାପ୍ରାପ୍ତ

**ଛେଣ୍ଡିପଦା,୧୨।୧୦(ଡି.ଏନ.ଏ.):** ଅନୁଗୋଳ ଜିଲା ଛେଣ୍ଡିପଦା ଓ ଜରପଡ଼ା ଅଞ୍ଚଳରେ ୨ ଦିନ ହେଲା ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। ସାମୁଦ୍ରିକ ଝଡ ତିତ୍‌ଲି ପ୍ରଭାବରେ କେବଳ ଝିପି ଝିପି ବର୍ଷା ଲାଗି ରହିଛି। ଜୋର୍‌ରେ ବର୍ଷା, ପବନ ହେଉ ନ ଥିଲେ ମଧ ଦିନ ତମାମ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଉଥିବା ଯୋଗୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛେଣ୍ଡିପଦା, ଜରପଡ଼ା, କୋଶଳା, ବାଗେଡ଼ିଆ, ପୁରୁଣାକୋଟ ଅଞ୍ଚଳରେ ପ୍ରାୟ ୪୦ ହଜାର ଉପଭୋକ୍ତା ରହିଥିବାବେଳେ କ୍ରମାଗତ ଭାବେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଉଥିବା ଯୋଗୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି ଘରୋଇ ବିଦ୍ୟୁତ୍ ବିତରକ କମ୍ପାନୀ ସେସୁ ଏବଂ ଏନଜେନ କମ୍ପାନୀ ପକ୍ଷରୁ ମନମୁଖୀ ଭାବେ ଏପରି କରାଯାଉଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ନିୟମିତ ତଥା ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ଭାଙ୍ଗିଲା ବନ୍ଧ, ୩ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ

**ହିନ୍ଦୋଳ,୧୨।୧୦(ଡି.ଏନ.ଏ.):** ବାତ୍ୟା ତିତିଲି ପ୍ରଭାବରେ ୩ ଦିନ ଧରି ଲାଗି ରହିଥିବା ଲଗାଣବର୍ଷା ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକବାସୀଙ୍କ ପାଇଁ ଦୁର୍ଦ୍ଦଶା ଆଣିଛି। ବର୍ଷା ପାଣି ଭର୍ତ୍ତି ହୋଇ ଏନ୍‌ଏସିର ୩ନଂ. ୱାର୍ଡ ଅଧୀନ ଚମ୍ପତିସାହି ନୂଆବନ୍ଧ ଭାଙ୍ଗିଯାଇଛି। ଅନବରତ ପାଣି ପ୍ରବାହିତ ହୋଇ ରାସ୍ତା କ୍ଷତିଗ୍ରସ୍ତ ହେବା ଯୋଗୁ ଚମ୍ପତିସାହି, ରାଧାନାଥପୁର ଓ କମଣ୍ଡଳି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ଲୋକେ ଜରୁରୀ କାମରେ ମଧ ଉକ୍ତ ରାସ୍ତା ଦେଇ ଯିବାଆସିବା କରିପାରୁନାହାନ୍ତି। ଏଥିସହ ପୋଖରୀ ପାଣି ତଳି ଅଞ୍ଚଳରେ ପଶିବା ଯୋଗୁ ସରୀସୃପ ଘରେ ପଶିବା ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। ବନ୍ଧକୁ ତୁରନ୍ତ ମରାମତି କରିବାକୁ ଗ୍ରାମବାସୀ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି।

■ତିତ୍‌ଲି ପ୍ରଭାବରେ ପ୍ରବଳ ବର୍ଷା

# ଅନୁଗୋଳ ଜିଲାରେ ୬୩୧ ମିମି

**ଅନୁଗୋଳ ଅଫିସ, ୧୨।୧୦**

ତିତ୍‌ଲି ପ୍ରଭାବରେ ଅନୁଗୋଳ ଜିଲାରେ ପ୍ରବଳ ବର୍ଷା ହୋଇଛି। ଗୁରୁବାର ସନ୍ଧ୍ୟାରୁ ଶୁକ୍ରବାର ଭୋର ମଧରେ ମୋଟ୍ ୬୩୧ ମିଲିମିଟର ବର୍ଷା ଜିଲାର ଅନେକ ସ୍ଥାନରେ ଜଳାର୍ଣ୍ଣବ ପରିସ୍ଥିତି ସୃଷ୍ଟି କରିଛି। ଏଥିଯୋଗୁ ବନ୍ତଲା ଅଞ୍ଚଳରେ ସର୍ବାଧିକ କ୍ଷୟକ୍ଷତି ଘଟିଥିବା ବେଳେ ୫୫ନଂ. ଜାତୀୟ ରାଜପଥ ଉପରେ ମଧ ପାଣି ପ୍ରବାହିତ ହୋଇଛି। ସେହିପରି ଅନୁଗୋଳ-ମହୀଧରପୁର ରାସ୍ତାର ଅନେକ ସ୍ଥାନରେ ପାଣି ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିବା ବେଳେ ଅପରାହ୍ନରେ ଏହା ସ୍ୱାଭାବିକ ହୋଇଛି। କିଶୋରନଗର, ଆଠମଲ୍ଲିକର ଅନେକ ରାସ୍ତା ଉପରେ ପାଣିର ସୁଅ ଦେଖିବାକୁ ମିଳିଛି। ବଅଁରପାଳର ୧୦ରୁ ଅଧିକ ଗାଁ ପାଣି ଘେରରେ ଥିବା ବେଳେ ବନ୍ତଲା ଅଞ୍ଚଳରେ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ରିଲିଫ ଓ ଜରିପାଲ ପ୍ରଦାନ କରାଯାଇଛି।

■ତାଲଚେରରେ ସର୍ବାଧିକ ୧୨୦
■ତଳିଆ ଅଞ୍ଚଳ ପାଣି ଘେରରେ
■ରାଜପଥ ଉପରେ ଚାଲିଲା ପାଣି
■ପ୍ରଶାସନ ବାଣ୍ଟିଲା ରିଲିଫ, ପଲିଥିନ
■ନାଳରେ ଭାସିଯାଇ ବୃଦ୍ଧାଙ୍କ ମୃତ୍ୟୁ

ଜିଲାରେ ହୋଇଥିବା ବର୍ଷା ମଧ୍ୟରୁ ସର୍ବାଧିକ ୧୨୦ ମିଲିମିଟର ତାଲଚେରରେ ହୋଇଛି। ସେହିପରି ବଅଁରପାଳରେ ୯୧.୬ ମିଲିମିଟର, କିଶୋରନଗରରେ ୮୭.୪, ଅନୁଗୋଳରେ ୮୭.୨, ଆଠମଲ୍ଲିକରେ ୭୬.୪, ଛେଣ୍ଡିପଦାରେ ୭୫.୪, କଣିହାଁରେ ୪୯.୦ ଓ ପାଲଲହଡାରେ ୪୪.୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏପରି ବର୍ଷା ଯୋଗୁ ଅନୁଗୋଳ ସହରର ବିଭିନ୍ନ ତଳିଆ ଅଞ୍ଚଳ ଓ କଲୋନୀଗୁଡ଼ିକରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିଲା। ଅନୁଗୋଳରୁ କଟକ ଯାଇଥିବା ରାସ୍ତାର ମହୀଧରପୁର ଠାରେ ପୋଲ ଉପରେ ୫ ଫୁଟର ପାଣି ପ୍ରବାହିତ ହୋଇଥିବାରୁ ଗମନାଗମନ ବନ୍ଦ ରହିଥିଲା। ସେହିପରି ବନ୍ତଲା, ପୋକତୁଙ୍ଗା, ବାରଗଣିଆ, ଧକୁଟା, ଜମୁଣ୍ଡା, ବଡକନ୍ତକୁଳ, ମାଧପୁର ଜଙ୍ଗଲ, ଇଙ୍କରବନ୍ଧ, ବଲାସିଙ୍ଗାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ହେକ୍ଟର ହେକ୍ଟର ଚାଷ ଜମି ପାଣିରେ ବୁଡି ରହିଛି। ଅନେକ ଲୋକଙ୍କ ଘର ଲଗାଣବର୍ଷାରେ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ରନ୍ଧା ଖାଦ୍ୟ ଦିଆ ଯାଉଥିବାବେଳେ ଜରି ପାଲ ବଣ୍ଟନ କରାଯାଇଛି। ଲଗାଣ ବର୍ଷା କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଅନୁଗୋଳ ବ୍ଲକର ୩ଟି ଗାଁରେ କ୍ଷତିଗ୍ରସ୍ତ ୬୦ ଜଣଙ୍କୁ ଜରିପାଲ ବଣ୍ଟାଯାଇଛି। ଘରେ ପାଣି ପଶିଥିବା ଲୋକଙ୍କୁ ସ୍ଥାନୀୟ ସ୍କୁଲରେ ଥଇଥାନ କରାଯାଇଛି। ତଳଗଡ଼ ଗ୍ରାମରେ ୩୫ଟି ପରିବାରକୁ ପଲିଥିନ ବଣ୍ଟନ କରାଯାଇଥିଲାବେଳେ ବାଦାମପୋଷି ଗ୍ରାମରେ ୧୫ଟି ଓ ବାରଗୌଣିଆର ୧୦ଟି ସ୍ଥାନରେ ପଲିଥିନ ବଣ୍ଟନ କରାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅନୁଗୋଳ ଥାନା ଅଙ୍ଗାରବନ୍ଧ ଗଉଡ଼ ସାହିର ସମ୍ପେଇ ଦାସ ଶୌଚ ପାଇଁ ଯାଇଥିବା ବେଳେ ଲିଙ୍ଗରାନାଳରେ ଭାସି ଯାଇଥିଲେ। ଖବର ପାଇ ଅନୁଗୋଳ ଅଗ୍ନିଶମ କର୍ମଚାରୀମାନେ ୩ କିମି ଦୂରରୁ ତାଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ ପରେ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିବା ଖବର ମିଳିଛି।



ଅନୁଗୋଳ-ମହୀଧରପୁର ରାସ୍ତାର ବଉଳି ନାଳ ଉପରେ ବର୍ଷା ପାଣିର ସୁଅ।

### ୧୦ରୁ ଊର୍ଦ୍ଧ୍ୱ ଗ୍ରାମ ଜଳମଗ୍ନ

**ବଅଁରପାଳ, ୧୨।୧୦(ଡି.ଏନ.ଏ.)–** ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅଞ୍ଚଳରେ 'ତିତ୍‌ଲି' ପ୍ରଭାବରେ ଶୁକ୍ରବାର ପ୍ରବଳ ମାତ୍ରାରେ ବର୍ଷା ହୋଇଛି। ଏଥିଯୋଗୁ ବ୍ଲକର ୧୦ରୁ ଊର୍ଦ୍ଧ୍ୱ ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡିଛି। ଏଥିସହ ଅନେକ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଲିଙ୍ଗରା, ନନ୍ଦିରା, ବଉଳୀ, ମାତେଲିଆ ଆଦି ନାଳରେ ପାଣି ଉବୁଟୁବୁ ହେଉଥିବାବେଳେ କେତେକ ସ୍ଥାନରେ ନଳକୂଅ ଆଦି ବୁଡିଯାଇଛି। ଅନେକ ସ୍ଥାନରେ ଛୋଟ ଛୋଟ ପୋଲଗୁଡିକ ଭାଙ୍ଗିଯାଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ତଳମୂଳ, ମହୀଧରପୁର, ବଉଳିଗଡ଼, ସାନ୍ତରାପୁର, ଅରାହାଟ, ପୁରିକୀୟା, ବୁଢ଼ାପଙ୍କ ସମେତ ବହୁ ଗ୍ରାମ ଜଳମଗ୍ନ ହୋଇପଡିଛି। ଅନୁଗୋଳ-ସାତମାଇଲ ରାସ୍ତା, ହିନ୍ଦୋଳ-ମହୀଧରପୁର, ତାଳମୂଳ-ନଡ଼ିଆସାହି ଆଦି ରାସ୍ତାରେ ବର୍ଷାପାଣି ବୋହୁଛି। ୫୫ ନଂ. ଜାତୀୟ ରାଜପଥର କାଣ୍ଡସର ଓ ନାଲ୍‌କୋ ସିପିପି ଛକ ଠାରେ ବର୍ଷା ପାଣି ଜମିରହିଛି।

# ବନ୍ତଲାରେ ବନ୍ୟା ପରିସ୍ଥିତି

**ବନ୍ତଲା,୧୨।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲାର ସବୁଠାରୁ ଅଧିକ କ୍ଷତି ଘଟିଛି ବନ୍ତଲା ଅଞ୍ଚଳରେ। ଗୁରୁବାର ରାତି ୧୧ଟାରୁ ଶୁକ୍ରବାର ଭୋର୍ ୪ଟା ମଧ୍ୟରେ ହୋଇଥିବା ବର୍ଷା ଏଠାରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ପରିସ୍ଥିତି ଏପରି ହୋଇଛି ଯେ ପ୍ରାୟ ୨ ହଜାର ଘର କ୍ଷତିଗ୍ରସ୍ତ ହୋଇଥିବା ବିଭିନ୍ନ ଆଡୁ ଅଭିଯୋଗ ଆସିଛି। ଶୋଇଥିବା ବେଳେ ଘରେ ପାଣି ପଶିଯିବାରୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଅଞ୍ଚଳ ଦେଇ ଯାଇଥିବା ସବୁ ନାଳ ଉପରେ ୩ ଫୁଟ ଉଚ୍ଚର ପାଣି ଚାଲୁଥିବା ବେଳେ ଅନୁଗୋଳ-ମହୀଧରପୁର ରାସ୍ତା ଉପରେ ମଧ ପାଣି ପ୍ରବାହିତ ହେଉଛି। ବହୁ ସ୍ଥାନରେ ଘାଇ ସୃଷ୍ଟି ହୋଇ ଗାଁରେ ପାଣି ପଶି ବ୍ୟାପକ କ୍ଷତି ଘଟାଇଛି। ବନ୍ତଲା-ବଡ଼କେରା, ବନ୍ତଲା-ଟିକରପଡ଼ା, ବନ୍ତଲା-ଗଡ଼ତରାଶ, ବନ୍ତଲା-ତଳଗଡ଼, ବଡ଼କେରା-ପୁରୁଣାଗଡ଼, ବଲାସିଂହା-ଅନୁଗୋଳ ରାସ୍ତା ଉପରେ ପାଣି ଚାଲୁଥିବାରୁ ଯାତାୟାତ ବନ୍ଦ ରହିଛି। ତେବେ ଅପରାହ୍ନରେ ପରିସ୍ଥିତିରେ ଉନ୍ନତି ଆସିବା ପରେ ଗମନାଗମନ ଧୀରେ ଧୀରେ ସ୍ୱାଭାବିକ ହେଉଥିବା ଖବର ମିଳିଛି। ସକାଳୁ ବନ୍ୟା ପରିସ୍ଥିତି ଖବର ପାଇ ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକ, ବନ୍ତଲା ଆଇଆଇସି ସବ୍ୟସାଚୀ ରାଉତ, ଅନୁଗୋଳ ବିଡିଓ ମାୟାଧର ବେହେରା, ବ୍ଲକ ଅଧକ୍ଷ ନିରଞ୍ଜନ ଦେହୁରୀ, ଜିଲା ପରିଷଦ ସଦସ୍ୟ ହାଡ଼ିବନ୍ଧୁ ଦେହୁରୀ, ଜିପିଓ ମନୋଜ ଲାଲ, ଆସିଷ୍ଟାଣ୍ଟ ଇଞ୍ଜିନିୟର ହୃଦାନନ୍ଦ ବେହେରା, କନିଷ୍ଠ ଯନ୍ତ୍ରୀ ରଶ୍ମି ନାୟକ ପ୍ରମୁଖ ୨ଟି ଟିମ୍‌ରେ ତଳଗଡ଼, ବାରଗୌଣିଆ, ନନ୍ଦପୁର ଆଦି ପଞ୍ଚାୟତ ବୁଲି ଘର ଭାଙ୍ଗିଥିବା ପରିବାରକୁ ପାଲ ଯୋଗାଇବା ସହ ରିଲିଫ ସହାୟତା ପ୍ରଦାନ କରିଛନ୍ତି। ସେହିପରି ଘାଇ ସୃଷ୍ଟି ହୋଇଥିବା ସ୍ଥାନରେ ବାଲି ଓ ମୋରମ ପକାଇ ମରାମତି କାର୍ଯ୍ୟ କରାଇଛନ୍ତି। ପୋକତୁଙ୍ଗା, ବନ୍ତଲାଛକ, ସାହାରାଗୋଡ଼ା, ଲାଛବନ୍ଧ, ଜରାଓରାପୁର, ନାରାୟଣପୁର, ଗଡ଼ତରାଶ ପଞ୍ଚାୟତର ଜାମୁଣ୍ଡା, ବାରଗୌଣିଆ, ବଡ଼କନ୍ତକୁଳ, ଖୁଣ୍ଟା, ତଳଗଡ଼, ନନ୍ଦପୁର, ଧୋକୁଟା, ବଡ଼କେରା, ମାଟିଆସାହି, ଶରଧାପୁର, ମାଣିକଯୋଡ଼ି, ପୁରୁଣାକୋଟ, ଜଗନ୍ନାଥପୁର, ଟିକରପଡ଼ା, ବେଢ଼ାଶାସନ, ବସଲା, ଇଙ୍କରବନ୍ଧ, ବାଲୁଅକଟା, ଛେଳିଆପଡ଼ା, ରନ୍ତଲେଇ, ବଲାସିଂହା, ତଳଗଡ଼ ଆଦି ପଞ୍ଚାୟତରେ ପ୍ରାୟ ୨ ହଜାର ଘର କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ଧାନ, ପନିପରିବା ଚାଷ ମଧ ନଷ୍ଟ ହୋଇଛି। ଏବେ ବି ୩୦ରୁ ଅଧିକ ଗ୍ରାମ ଜଳବନ୍ଦୀ ରହିଛି। ବଉଳୀ ନାଳ ସହ ଲିଙ୍ଗରା ନାଳ, ଟାକୁଆ, ଚୁକୁଣୀ, ଘୁଡ଼ାଡ଼ିଆଁ ଓ ମାତେଲିଆ ନାଳ ପୋଲ ଉପରେ ୩ ଫୁଟ ଉଚ୍ଚତାରେ ପାଣି ପ୍ରବାହିତ ହେଉଛି। ବ୍ଲକ ଓ ତହସିଲ ପକ୍ଷରୁ ଅଧିକାରୀମାନେ ପହଞ୍ଚି ବାରଗୌଣିଆ, ତଳଗଡ଼ ପଞ୍ଚାୟତର କ୍ଷତିଗ୍ରସ୍ତ ୨ ଶହ ପରିବାରକୁ ପଲିଥିନ ଓ ରିଲିଫ ସାମଗ୍ରୀ ପ୍ରଦାନ କରିଛନ୍ତି। ଏଥିସହ ତୁରନ୍ତ ଅନ୍ୟ କ୍ଷତିଗ୍ରସ୍ତମାନଙ୍କୁ ଚିହ୍ନଟ କରି ରିଲିଫ ସହାୟତା ପ୍ରଦାନ କରିବା ପାଇଁ ଖୁଣ୍ଟା, ବନ୍ତଲା, ଚମ୍ପତିମୁଣ୍ଡା, କୁମୁରିସିଂହା, ବେନ୍ତପୁର, ପଞ୍ଚମହଲା ଓ ସଦର ଆରଆଇମାନଙ୍କୁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ବାରଗୌଣିଆ ଗ୍ରାମ ସ୍କୁଲରେ ୨୦୦ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି। ଏଥିସହିତ ଟିକରପଡ଼ା ପଞ୍ଚାୟତ ରାମିମୁଣ୍ଡା ଓ ଗଦେଇ ମୁଣ୍ଡା ଗ୍ରାମ ପାଣି ଘେରରେ ଥିବାବେଳେ ସେମାନଙ୍କ ପାଖକୁ ରିଲିଫ ପହଞ୍ଚି ପାରି ନାହିଁ। ବନ ବିଭାଗ ବୋଟ୍‌କୁ ଲୋକେ ପୋଡି ଦେଇଥିବାରୁ ରିଲିଫ ପହଞ୍ଚାଇବାରେ ଅସୁବିଧା ହେଉଥିବାରୁ ଆଠମଲ୍ଲିକରୁ ଓଡ୍ରାଫ୍ଟ ଟିମ୍‌କୁ ଡକାଇ ରିଲିଫ ବଣ୍ଟନ କରାଯିବ ବୋଲି ତହସିଲଦାର ବିଚିତ୍ରାନନ୍ଦ ନାୟକ ପ୍ରକାଶ କରିଛନ୍ତି।



ଅନୁଗୋଳ ତହସିଲଦାର କ୍ଷତିଗ୍ରସ୍ତଙ୍କୁ ଜରିପାଲ ଦେଉଛନ୍ତି।

# ପୋଲ ଉପରେ ୨ ଫୁଟ ପାଣି

**ବଇଣ୍ଡା,୧୨।୧୦(ଡି.ଏନ.ଏ.)**

ତିତ୍‌ଲି ପ୍ରଭାବରେ କିଶୋରନଗର ଓ ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁ ବିଭିନ୍ନ ନାଳ ଉଚ୍ଛୁଳି ରାସ୍ତା ଉପରେ ପାଣି ଚାଲୁଥିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ସାନହୁଲା-କୁର୍ଡ଼ିବାସପୁର ରାସ୍ତାର ସାନହୁଲାଠାରେ ଥିବା ପୋଲ ଉପରେ ୨ ଫୁଟର ପାଣି ପ୍ରବାହିତ ହେଉଥିବାରୁ ଯୋଗଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା କୁର୍ଡ଼ିବାସପୁର, ବରପାଲି, ମନ୍ଦରବାହାଲ, ହାଟପଦା, ଜରପଡ଼ା, ତେନ୍ତୁଲିପଥର, ଦାମବାହଲ ଗ୍ରାମବାସୀ ଠାକୁରଗଡ଼ ଦେଇ ୧୨ କିମି ରାସ୍ତା ବୁଲି ଯାତାୟାତ କରୁଛନ୍ତି। ସେହିପରି ବର୍ଷା ଯୋଗୁ ଅଞ୍ଚଳରେ ହୋଇଥିବା କୋବି, ବାଇଗଣ ଆଦି ଚାଷ ନଷ୍ଟ ହୋଇଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନେକ ସ୍ଥାନରେ ଗଛ ଡାଳ ପଡ଼ି ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ଭେଜିଗୋଠ ଠାରେ ୧୧ କେଭି ତାର ଉପରେ ଡାଳ ପଡ଼ି ରହିଥିବାରୁ ପାଇକସାହି, ଟାପଢୋଲ, ସାପଘରା, କନ୍ତପଡ଼ା ଆଦି ୪ ପଞ୍ଚାୟତକୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଜାମୁନାଳୀ ଗ୍ରାମର ବୈକୁଣ୍ଠ ସାହୁ, ବଡ଼ହୁଲାର ନବୀନା ନାୟକ କୁହନ୍ତି, ତିତ୍‌ଲି ଯୋଗୁ ବହୁ କ୍ଷତି ହୋଇଛି। ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଆଯାଉ। ଭାଜପା ଜିଲା ସଭାପତି ଭାଗୀରଥି ପ୍ରଧାନ ମଧ ସମାନ ଦାବି ରଖିଛନ୍ତି।



### ରାଜପଥ ଉପରେ ଗଛ



ପ୍ରବଳ ବର୍ଷାରେ ପରଜଙ୍ଗ ବ୍ଲକ ମୁକ୍ତାପଶି ମେଡିକାଲ ଛକରେ ଶୁକ୍ରବାର ଭୋର୍ ସମୟରେ ଏକ ଟାକୁଣ୍ଡା ଗଛ ଭାଙ୍ଗି ୫୩ନଂ. ଜାତୀୟ ରାଜପଥ ଉପରେ ପଡ଼ିଥିଲା। ଫଳରେ ଦୀର୍ଘ ସମୟ ଧରି ପରଜଙ୍ଗ-କାମାକ୍ଷାନଗର ରାସ୍ତାରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା।

# ତିତ୍‌ଲି ପ୍ରାଦୁର୍ଭାବ: ଉବୁଟୁବୁ ଢେଙ୍କାନାଳ

**ଢେଙ୍କାନାଳ ଅଫିସ, ୧୨।୧୦**

ଚାଲିଗଲା ତିତ୍‌ଲି। ଛାଡ଼ିଦେଇ ଗଲା ଅକଥନୀୟ ଦୁର୍ଦ୍ଦଶା। ବାତ୍ୟା ପରେ ବର୍ଷା ଯନ୍ତ୍ରଣା ଆଣିଛି। ଏଥିରୁ ବାଦ୍ ପଡ଼ିନି ଶିଳ୍ପସମୃଦ୍ଧ ଢେଙ୍କାନାଳ। ୩ଦିନ ଧରି ଲଗାଣବର୍ଷାରେ ଜିଲାର ବିଭିନ୍ନ ସ୍ଥାନରେ ଜଳାର୍ଣ୍ଣବ ପରିସ୍ଥିତି ସୃଷ୍ଟି ହୋଇଛି।

■ଜିଲାରେ ବର୍ଷିଲା ୮୫୨.୫ ମି.ମି.
■୨୩୪ ମାଟି ଘର ଆଂଶିକ କ୍ଷତିଗ୍ରସ୍ତ
■ଚିକିତ୍ସାଳୟ, ସହରତଳି ଅଞ୍ଚଳ ଜଳବନ୍ଦୀ

ଜିଲାରେ ଗୁରୁବାର ଅପରାହ୍ନରୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ସୁଦ୍ଧା ୮୫୨.୫ ମିଲିମିଟର ବର୍ଷା ହୋଇଛି। ହିନ୍ଦୋଳ ବ୍ଲକରେ ସର୍ବାଧିକ ୨୦୫.୨ ମି.ମି. ଏବଂ କଙ୍କଡ଼ାହାଡ଼ରେ ସର୍ବନିମ୍ନ ୬୨.୪ ମି.ମି. ବର୍ଷା ରେକର୍ଡ କରାଯାଇଛି। ଏହିକ୍ରମରେ ଢେଙ୍କାନାଳରେ ୧୦୩. ୩, ଓଡାପଡାରେ ୧୨୬.୦, ପରଜଙ୍ଗରେ ୧୨୪. ୦, କଙ୍କଡ଼ାହାଡରେ ୬୨.୪, ଭୁବନରେ ୭୭.୦. କାମାକ୍ଷାନଗରରେ ୬୫.୬ ଏବଂ ଗଁଦିଆରେ ୮୯.୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ଜିଲା ଜରୁରୀ ଏବଂ ଆପତକାଳୀନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁ ହିନ୍ଦୋଳ, ଭୁବନ, ପରଜଙ୍ଗ ବ୍ଲକରେ ୨୩୪ ମାଟିଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ୩ ବ୍ଲକରେ ପ୍ରଭାବିତ ହୋଇଛନ୍ତି ୪୬୩ ପରିବାର। ତନ୍ମଧ୍ୟରେ ପରଜଙ୍ଗରେ ୬, ଭୁବନରେ ୬୦ ଏବଂ ହିନ୍ଦୋଳ ବ୍ଲକରେ ସର୍ବାଧିକ ୩୯୭ ପରିବାର ଅଛନ୍ତି।

ଲଗାଣ ବର୍ଷା ସହରତଳି ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ମଧ ଏଥିରୁ ବାଦ୍ ପଡ଼ିନି। ସ୍ୱତନ୍ତ୍ର ଶିଶୁ କେୟାର ୟୁନିଟ୍, ଟିବି ବିଭାଗ ସମେତ ଅନ୍ୟ ୱାର୍ଡରେ ପାଣି ପଶିବାରୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ହନ୍ତସନ୍ତ ହୋଇଥିଲେ। ସେହିପରି ପୌରାଞ୍ଚଳ ଅଧୀନ ଟାଉନପ୍ଲାନିଂ, ୧ନଂ. ୱାର୍ଡ ଆନନ୍ଦନଗର, ବନମାଳୀପ୍ରସାଦ, ଦକ୍ଷିଣକାଳୀ, ଦଣ୍ଡାସାହି ଅଞ୍ଚଳରେ ବର୍ଷାପାଣି ପ୍ରବେଶ କରିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। କୁଞ୍ଜକାନ୍ତ ପୋଖରୀ ପାଣି ଉଛୁଳିବାରୁ ଜନବସତିରେ ପଶିଛି। ପୁନରୁଦ୍ଧାର କରାଯାଉ ନ ଥିବାରୁ ପୋଖରୀ ବିପଦସଙ୍କୁଳ ହୋଇପଡ଼ିଥିଲା। ବର୍ଷା ହେଲେ ପାଣି ଭର୍ତ୍ତି ହୋଇ ଉଛୁଳିବା ଆଶଙ୍କା କରାଯାଉଥିଲା। ବାରମ୍ବାର ଦାବି ସତ୍ତ୍ୱେ ଏ ଦିଗରେ ପୌରସଂସ୍ଥା ପଦକ୍ଷେପ ନେଲାନାହିଁ। ଫଳରେ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗିଥିବା ଅଭିଯୋଗ ହେଉଛି।

ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଯନ୍ତ୍ରୀ ରଶ୍ମିତା ମିଶ୍ର ଜଳ ପ୍ଲାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଭୁବନ, ପରଜଙ୍ଗ ଓ ହିନ୍ଦୋଳ ବ୍ଲକରେ ବର୍ଷା କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ସହିତ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଉଥିବା ଜରୁରୀ ଓ ଆପାତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ସୂଚନା ଦେଇଛନ୍ତି।



ଢେଙ୍କାନାଳ ସହର ବନମାଳୀପ୍ରସାଦ ଅଞ୍ଚଳ ପାଣି ଘେରରେ।



# ଢେଙ୍କାନାଳ-ଅନୁଗୋଳରେ ବର୍ଷା ତାଣ୍ଡବ


ଅନୁଗୋଳ ବ୍ଲକ ବଲାସିଂହା ଟାକୁଆ ବ୍ରିଜ୍ ଉପରେ ବର୍ଷା ପାଣି ପ୍ରବାହିତ ହେଉଛି।


ବନ୍ୟା ଜଳ ନିଷ୍କାସନ ପାଇଁ ଅନୁଗୋଳ ଜିଲା ଡେରଜାଙ୍ଗ ଡ୍ୟାମର ଗୋଟିଏ ଗେଟ୍ ଖୋଲାଯାଇଛି।


ଅନୁଗୋଳ ମାଧପୁର ଗ୍ରାମରେ ପ୍ରବଳ ବର୍ଷା ଯୋଗୁ ଫସଲ ନଷ୍ଟ ହୋଇଯାଇଛି।


ବନ୍ତଳା ଥାନା ପୋକଟୁଙ୍ଗାର ଏକ ଘରେ ଆଣ୍ଠୁଏ ପାଣି।


ଅନୁଗୋଳ ବ୍ଲକ ଚେୟାରମ୍ୟାନ, ବିଡିଓ, କନିଷ୍ଠ ଯନ୍ତ୍ରୀ ମଧୁପୁରଠାରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।


ଢେଙ୍କାନାଳ ସହର ଟାଉନ ପ୍ଲାନିଂ ଅଞ୍ଚଳ ଜଳ ପ୍ଲାବିତ।


ପ୍ରବଳ ବର୍ଷା ଯୋଗୁ ପାଣିଘେରରେ ଅନୁଗୋଳ ବ୍ଲକ ବଲାସିଂହା ଅଞ୍ଚଳ।


ଅନୁଗୋଳ ବ୍ଲକ ବଲାସିଂହାରେ ପାଣି ଘେରରେ ଥିବା ଏକ ଘର।


ଢେଙ୍କାନାଳ ଜିଲା ଭାପୁର ସ୍ଥିତ ସାପୁଆ ନଦୀ ପୋଲ ଉପରେ ପାଣି ପ୍ରବାହିତ ହେଉଛି।


ଅନୁଗୋଳ ବ୍ଲକ ବାରଗୌଣିଆଠାରେ ବିପନ୍ନମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଯାଇଛି।


ଅନୁଗୋଳ ଜିଲା ମାଧପୁର ଗ୍ରାମ ପାଣିଛକରେ ବିରାଟ ଘାଇ ସୃଷ୍ଟି ହୋଇଛି।

## ସଂକ୍ଷେପରେ

■ଅଙ୍ଗନୱାଡି କର୍ମୀ ଗଣବଳାତ୍କାର ମାମଲା

### ମାଷ୍ଟରମାଇଣ୍ଡ୍ ଗିରଫ

ଢେଙ୍କାନାଳ ଅଫିସ,୧୨।୧୦-ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି କାଲୁରିଆ ଗ୍ରାମର ଅଙ୍ଗନୱାଡି କର୍ମୀ ଗଣବଳାତ୍କାର ଘଟଣାର ଦୁଇମାସ ପରେ ଗିରଫ ହୋଇଛନ୍ତି ମାଷ୍ଟରମାଇଣ୍ଡ୍ ପ୍ରମିଳା ବେହେରା (୪୨)। ଶୁକ୍ରବାର ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରୁ ତାଙ୍କୁ ଗିରଫ କରାଯାଇଛି। ଏହାପରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୪ରେ ପହଞ୍ଚିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରମିଳା ହେଉଛନ୍ତି ଜଣେ ଅଙ୍ଗନୱାଡି କର୍ମୀ। ସେପ୍ଟେମ୍ବର ୧୦ରେ ସେ ସମ୍ପୃକ୍ତା ମହିଳାଙ୍କୁ ଫସାଇବାକୁ ଯୋଜନା କରିଥିଲେ। ଏଥିଲାଗି ସୁପରଭାଇଜର ଜରୁରୀ ମିଟିଂ ଡାକିଥିବା କହି ପଠାଇଥିଲେ। ମହିଳାଜଣକ ତାଙ୍କ ଭାଇଙ୍କ ସହ ସ୍କୁଟିରେ ଫେରୁଥିବାବେଳେ ପ୍ରମିଳା ଅଭିଯୁକ୍ତଙ୍କୁ ସୂଚନା ଦେଇଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ୩ଜଣ ଅଭିଯୁକ୍ତ ଟେକି ନେଇ ଫାର୍ମ ହାଉସ୍‌ରେ ବଳାତ୍କାର କରିଥିବା ଥାନାଧିକାରୀ ନିରୂପମା ଜେନା ସୂଚନା ଦେଇଛନ୍ତି । ଏ ସଂକ୍ରାନ୍ତରେ ନଂ. ୧୩୩/୧୮ରେ ମାମଲା ରୁଜୁ କରାଯାଇଛି।

### ଚାଷୀ ସମସ୍ୟା ଉପରେ ଗୁରୁତ୍ୱ

ପରଜଙ୍ଗ, ୧୨।୧୦(ଡି.ଏନ୍.ଏ.)-ପରଜଙ୍ଗ ବ୍ଲକ ବାରିହାପୁର ଗୋବିନ୍ଦ ଦାସ ମଠ ପରିସରରେ ନବ ନିର୍ମାଣ କୃଷକ ସଙ୍ଗଠନର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ରବିନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ସଂଯୋଜକ ଡା. କୁଳମଣି, ଶୁଭେନ୍ଦୁ କୁମାର ମହାନ୍ତି ଯୋଗଦେଇଥିଲେ। କୃଷି ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ, ଚାଷୀଙ୍କୁ ସୁରକ୍ଷା, ମାସିକ ୫୦୦୦ ଟଙ୍କା ଭତ୍ତା ପ୍ରମୁଖ ଦାବି ନେଇ ଅକ୍ଟୋବର ୨୯ରୁ ନଭେମ୍ବର ୫ ଯାଏ ଭୁବନେଶ୍ୱରରେ ଚାଷୀ ସତ୍ୟାଗ୍ରହ ଡାକରା ଦିଆଯାଇଛି। ସଙ୍ଗଠନକୁ ଅଧିକ ସୁଦୃଢ଼ କରିବାକୁ ପରଜଙ୍ଗ ବ୍ଲକକୁ ୩ଟି ଜୋନ୍‌ରେ ବିଭକ୍ତ କରାଯାଇଛି। କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ଅନ୍ତର୍ଯାମୀ ସାହୁ, ପ୍ରମୋଦ ସାହୁ, ପବିତ୍ର ପରିଡ଼ା, ଲକ୍ଷ୍ମୀଧର ସାହୁ, ଜଳଧର ସାହୁ, ଦିଲୀପ ନାଥ, ସୁରେଶ ପ୍ରଧାନ, ଚିନ୍ତାମଣି ଗଡ଼ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ମାୟାଧର ସାହୁ, କୁଳମଣି ବେହେରା, ପ୍ରକାଶ ଦେହୁରୀ, ଅକ୍ଷୟ ପ୍ରଧାନ, ସନ୍ତୋଷ ବିଶ୍ୱାଳ, ଶ୍ରୀକାନ୍ତ ବିଶ୍ୱାଳ, ପୁଷ୍କର ନାୟକ, ନରୋତ୍ତମ ବିଶ୍ୱାଳ, ଗିରୀଶ ସେନାପତି, ବିବେକା ପ୍ରଧାନ, କୁମାର ପ୍ରଧାନ, ଯୁଗଳ ପ୍ରଧାନ, ପ୍ରିୟବ୍ରତ ପ୍ରଧାନ, ଅଭିଜିତ ମହାପାତ୍ର, ପବିତ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

■ସପ୍ତଶଯ୍ୟା ଆଶ୍ରମ ସ୍କୁଲରେ ଚାଉଳ ହଡ଼ପ ଅଭିଯୋଗ

# ଧରିଲେ ଉପଜିଲାପାଳ, ୨୩ ବସ୍ତା ଚାଉଳ ଜବତ

■ଦୈନିକ ବାହାର କରି ରଖାଯାଉଥିଲା ୧ କୁଇଣ୍ଟାଲ

■ଅଭିଯୋଗ ସତ୍ତ୍ୱେ ନିଆଯାଉ ନ ଥିଲା କାର୍ଯ୍ୟାନୁଷ୍ଠାନ

■ମଙ୍ଗଳ ବିଭାଗ କାର୍ଯ୍ୟଦକ୍ଷତା ଉପରେ ଉଠିଲା ଅଙ୍ଗୁଳି

ଢେଙ୍କାନାଳ ଅଫିସ, ୧୨।୧୦

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟାସ୍ଥିତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲରେ ଚାଉଳ ହଡ଼ପ ମସୁଧା ଫସର ଫାଟିଛି। ରୋଷେଇ ଦାୟିତ୍ୱରେ ଥିବା କର୍ମଚାରୀମାନେ ଏପରି ବେଆଇନ କାର୍ଯ୍ୟରେ ଲିପ୍ତ ଥିବାବେଳେ ଏହାକୁ ଧରିଛନ୍ତି ଉପଜିଲାପାଳ ପୀତାମ୍ବର ସାମଲ। ଲୁଚାଇ ରଖାଯାଇଥିବା ୨୩ ବସ୍ତା ଚାଉଳ ଜବତ କରାଯାଇଛି। ଗତ ୪ ତାରିଖରେ ଏପରି ସମ୍ବେଦନଶୀଳ ଘଟଣା ଘଟିଥିବାବେଳେ ଏହାକୁ ଚପାଇ ଦେବାକୁ ଅପଚେଷ୍ଟା କରାଯାଉଥିଲା, ଯାହା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ସେବାଶ୍ରମ ସ୍କୁଲରେ ପିଲାଙ୍କ ପାଇଁ ଯୋଗାଣ ହେଉଥିବା ଖାଦ୍ୟ ସାମଗ୍ରୀ ହରିଲୁଟ୍ ହେଉଥିବା ପୂର୍ବରୁ ଏକାଧିକବାର ଅଭିଯୋଗ ହୋଇଛି। ଏହା ସତ୍ତ୍ୱେ ମଙ୍ଗଳ ବିଭାଗ ପକ୍ଷରୁ ଏହାର ତଦନ୍ତ କରା ନ ଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏଥିରେ କେତେଜଣ ଉଚ୍ଚପଦସ୍ଥ ଓ ତଳିଆ କର୍ମଚାରୀ ସାମିଲ ଥିବା ଚର୍ଚ୍ଚା ହେଉଛି। ଯୋଜନାବଦ୍ଧ ଭାବେ ଚାଉଳ ଲୁଟ୍ କରାଯାଉଥିବା ଖୋଳତାଡ଼ରୁ ଜଣାପଡ଼ିଛି। ଦୈନିକ ପିଲାଙ୍କ ଲାଗି ଉଦ୍ଦିଷ୍ଟ ଚାଉଳରୁ ୧କୁଇଣ୍ଟାଲ ଲେଖାଏଁ ବାହାର କରାଯାଉଥିଲା। ଉକ୍ତ ଚାଉଳକୁ ବସ୍ତାରେ ଭର୍ତ୍ତି କରି ରୋଷେଇଘର ପାର୍ଶ୍ୱରେ ରଖାଯାଉଥିଲା। ପରେ ଅନ୍ତେବାସୀଙ୍କୁ ଡରାଇ ଧମକାଇ ଚାଉଳ ପ୍ୟାକିଂ କରି ରାତାରାତି ଅଟୋରିକ୍ସାରେ ବାହାରକୁ ଚାଲାଣ କରି ମାଲାମାଲ ହେଉଥିଲେ ସ୍କୁଲ କର୍ମଚାରୀ। ସ୍କୁଲ କର୍ତ୍ତୃପକ୍ଷଙ୍କ ଜାଣତରେ ଏହି କାରବାର ଦୀର୍ଘଦିନରୁ ଚାଲିଥିବା କେତେଜଣ ଅଭିଭାବକ ଏବଂ ଛାତ୍ର ନାମ ଗୋପନ ରଖି କହିଛନ୍ତି, ଯାହା ତଦନ୍ତ ସାପେକ୍ଷ।

ଏ ନେଇ ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ରଙ୍କୁ ତାଙ୍କ ମୋବାଇଲ୍ (ନଂ.୯୪୩୭୧୦୦୫୨୦) ଯୋଗେ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଉଥିଲା। ହେଲେ ସେ ଫୋନ୍ ଉଠାଇ ନ ଥିଲେ କିମ୍ବା ସହଯୋଗ କରି ନ ଥିଲେ। ବିଭାଗୀୟ ଅଧିକାରୀଙ୍କ ଏପରି କାର୍ଯ୍ୟକଳାପ ସନ୍ଦେହକୁ ଅଧିକ ଘନୀଭୂତ କରିଛି। କେବଳ ଏତିକି ନୁହେଁ, ତଦନ୍ତ ବେଳେ ବ୍ୟାପକ ଅବ୍ୟବସ୍ଥା ପଦାକୁ ଆସିଛି। ବିଦ୍ୟାଳୟରେ ଭଲ ପାଠପଢ଼ା ହେଉନାହିଁ। ଖାଦ୍ୟ ମଧ୍ୟ ଠିକ୍ ସମୟରେ ଦିଆଯାଉ ନ ଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଉପଜିଲାପାଳ କୁହନ୍ତି, ଆଶ୍ରମ ସ୍କୁଲରୁ ଚାଉଳ ହଡ଼ପ କରି ବିକ୍ରି ଲାଗି ପଠାଯାଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ହଠାତ୍ ଚଢ଼ାଉ କରାଯାଇଥିଲା। ରୋଷେଇ ଘରୁ ୨୩ବସ୍ତା ଚାଉଳ ଜବତ କରାଯାଉଛି। ତଦନ୍ତ ବେଳେ ଚାଉଳ ବାହାରକୁ ବିକ୍ରି ପାଇଁ ପଠାଯାଉଥିବା ସ୍ପଷ୍ଟ ହୋଇଛି। ସ୍କୁଲରେ ବ୍ୟାପକ ପରିଚାଳନାଗତ ଅବ୍ୟବସ୍ଥା ଲାଗି ରହିଛି। ସମସ୍ତ ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ସେହିପରି ଜିଲାପାଳ ଶୁକ୍ରବାର ତଦନ୍ତ ପାଇଁ ସ୍କୁଲକୁ ଯାଇଥିବା ଆଲୋଚନା ହେଉଛି। ତେବେ ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ମିଳିପାରିନାହିଁ।

## ଫଟୋରେ ଖବର



ଢେଙ୍କାନାଳ ସହରସ୍ଥିତ ରାଧାକୃଷ୍ଣ ବଜାରରେ ମା' ଦୁର୍ଗାଙ୍କ ନବରାତ୍ର ପୂଜା।

■ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର

### ଅଭିଯୁକ୍ତ ଗିରଫ

ଓଡ଼ାପଡ଼ା, ୧୨।୧୦(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରାଯାଇଥିବା ଶୁକ୍ରବାର ମୋଟଙ୍ଗା ଥାନାରେ ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଜୟକୃଷ୍ଣ ପ୍ରଧାନ (୨୫)ଙ୍କୁ ଗିରଫ କରାଯାଇଛି। ଉଭୟ ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଛି। ଏ ନେଇ ନଂ. ୧୮୩/୧୮, ଦଫା ୩୭୬ (୨)(ଏନ୍), ୨୯୪ରେ ମାମଲା ରୁଜୁ କରାଯାଇଛି । ଅଭିଯୋଗ ଅନୁଯାୟୀ, ମହିଳାଙ୍କ ବାପଘର ଅଭିଯୁକ୍ତଙ୍କ ଗ୍ରାମରେ। ତାଙ୍କର ୬ବର୍ଷର ପୁଅ ଅଛନ୍ତି। ସ୍ୱାମୀ ମୁମ୍ବାଇରେ ରହି କାମ କରୁଥିବାରୁ ମହିଳା ଅଧିକାଂଶ ସମୟ ବାପ ଘରେ ଆସି ରହୁଥିଲେ। ଏହାପରେ ମହିଳା ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ସମ୍ପର୍କ ଗଢ଼ିଉଠିଥିଲା। ଅଭିଯୁକ୍ତ ଜୟକୃଷ୍ଣ ସମ୍ପୃକ୍ତା ମହିଳା ସହ ଖୋର୍ଦ୍ଧା ଅଞ୍ଚଳରେ ଘରଭଡ଼ା ନେଇ ରହୁଥିଲେ। ତଦନ୍ତ ପରେ ପ୍ରକୃତ ସତ୍ୟତା ପଦାକୁ ଆସିବ ବୋଲି ଥାନାଧିକାରୀ ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର



@ ଶୁଭଶ୍ରୀ



@ ହେମନ୍ତ



@ ସିଲୁ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ

dklselfie@gmail.com (ବଛା ବଛା ସେଲ୍ଫି ପ୍ରକାଶ ପାଇବ)


# ଧରିତ୍ରୀ CAREER APPOINTMENT

every Wednesday & Saturday

**M/s HIGHLANDs AGRIVENTURE LTD.**
An ISO 9001 : 2008 Certified Public Company, requires candidate for the position of Agricultural Project Spervisor at Bhubaneswar.
- MSW/AG or equivalent from a recognized university.
- Willingness to travel extensively & leadership quality.
Annual CTC : 2,00,000/- to 2,50,000/-, Joining Date: Immediately. Apply through CV, within 7 days from the date of advertisement by email : highlands.co.hr@gmail.com, Cont. no.-0674-2579021.

**ଫ୍ରଣ୍ଟଲାଇନ ସେଲସ ଅଫିସର ଓ କଲେକ୍ସନ ଅଫିସର ଆବଶ୍ୟକ**
ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ, ଏଲ&ଟି ଗ୍ରୁପର ଏକ ଅଂଶ, ଓଡ଼ିଶାରେ ଏହାର ଅଣୁ ଋଣ ବ୍ୟବସାୟ ପାଇଁ ଅଭିଜ୍ଞ/ନବୀନ ଫ୍ରଣ୍ଟଲାଇନ ସେଲସ ଅଫିସର ଏବଂ କଲେକ୍ସନ ଅଫିସର ପଦ ପାଇଁ ୱାକ ଇନ ଇଣ୍ଟରଭ୍ୟୁ ଆୟୋଜନ କରୁଛନ୍ତି।
ଯୋଗ୍ୟତା : ସ୍ନାତକ
ବୟସ : 20ରୁ 30 ବର୍ଷ
କାର୍ଯ୍ୟର ପ୍ରକୃତି : ଫିଲଡ ୱାର୍କ
ବେତନ : ଆକର୍ଷଣୀୟ ବେତନ ସହିତ ଶ୍ରେଷ୍ଠ ପାରିତୋଷିକ ଯୋଜନା
କାର୍ଯ୍ୟର ଅବସ୍ଥାନ : ଓଡ଼ିଶା ବ୍ୟାପୀ
ସାକ୍ଷାତକାର ଠିକଣା:
ବରଗଡ଼: ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ବରଗଡ ରୋଟାରୀ ପବ୍ଲିକ୍ ସ୍କୁଲ୍ ପଛ, ଭାଟ୍‌ଲି ଚୌକ୍ ନିକଟ, ବରଗଡ-768 028
ଯୋଗାଯୋଗ ପାଇଁ ବ୍ୟକ୍ତି - ଶ୍ରୀଚନ୍ଦନ ମହାରଣା (9937090449)
ବଲାଙ୍ଗିର: ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ସା: ତିକରପଡା, ମସ୍‌ଜିଦ ଛକ, ପୋଷ୍ଟ ବଲାଙ୍ଗିର
ଯୋଗାଯୋଗ ପାଇଁ ବ୍ୟକ୍ତି - ରଘୁନାଥ ସ୍ୱାଇଁ (9658082924)
ସୋନପୁର: ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ସୁଦାମ ଜଗଦଳ ବିବେକାନନ୍ଦ ନଗର, ଗ୍ରୀଡକୋ କଲୋନି ନିକଟ, ସୋନପୁର, (ମିନର୍ଭା ଟିଭିଏସ ସୋରୁମ ନିକଟରେ) 767 017
ଯୋଗାଯୋଗ ପାଇଁ ବ୍ୟକ୍ତି - ରିପନ ରଥ (9778049999)
ଓଡଗାଁ: ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ପ୍ରଥମ ମହଲା, ରବିନ୍ଦ୍ର ମାର୍କେଟ୍ କମ୍ପ୍ଲେକ୍ସ, ସିନେମା ହଲ୍ ଛକ ନିକଟର ଓଡ଼ଗାଁ, ନୟାଗଡ଼, ଓଡ଼ିଶା 752 081
ଯୋଗାଯୋଗ ପାଇଁ ବ୍ୟକ୍ତି - ଶମ୍ଭୁ ସାହୁ (9386922041)
ସମ୍ବଲପୁର: ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ତୃତୀୟ ମହଲା, ବାଲାଜୀ ବିଜନେସ୍ ସେଣ୍ଟର, ବୁଢ଼ାରାଜା, ସମ୍ବଲପୁର 768 004
ଯୋଗାଯୋଗ ପାଇଁ ବ୍ୟକ୍ତି - ସୌଭାଗ୍ୟ ପାଣି (9178740152)
କୋରାପୁଟ: ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ଫରେଷ୍ଟ ଚେକ୍ ଗେଟ୍ ବାଟମଙ୍ଗଳା ଛକ, ଏମଏମ ରେସିଡେନ୍ସି ନିକଟବର୍ତ୍ତୀ, କୋରାପୁଟ ।
ଯୋଗାଯୋଗ ପାଇଁ ବ୍ୟକ୍ତି - ସୂର୍ଯ୍ୟନାରାୟଣ ସାହୁ - (9078708644)
କଳାହାଣ୍ଡି: ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ପ୍ଲଟ ନମ୍ବର 109, ପ୍ରଥମ ମହଲା ନାକଟିଗୁଡା ଚୌକ, ପୁରୁଣା ଆୟକର କାର୍ଯ୍ୟାଳୟ ନିକଟ, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି
ଯୋଗାଯୋଗ ପାଇଁ ବ୍ୟକ୍ତି - ମନୋଜ କୁମାର ବଡତିଆ (9937429185)
ଢେଙ୍କାନାଳ: ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ମାର୍ଫତ ବିଷ୍ଣୁ ପ୍ରସାଦ କର, କୁଞ୍ଜକାନ୍ତ, ରେବେଣ୍ଡ କୋଚିଂ ଲେନ୍, ଢେଙ୍କାନାଳ, ଓଡ଼ିଶା 759 001
ଯୋଗାଯୋଗ ପାଇଁ ବ୍ୟକ୍ତି - ସତ୍ୟବ୍ରତ ବିଶ୍ୱାଳ (9777457631)
ଆଗ୍ରହୀ ପ୍ରାର୍ଥୀମାନଙ୍କୁ 13, 14 ଏବଂ 15, 16, 17, 18 ଅକଟୋବର, 2018 ରେ ସେମାନଙ୍କର ରିଜ୍ୟୁମ, ଦୁଇଟି ପାସପୋର୍ଟ ସାଇଜ ଫଟୋଗ୍ରାଫ, ପ୍ୟାନ କାର୍ଡ, ଠିକଣା ପ୍ରମାଣ ଏବଂ ଦଶମ, ଦ୍ୱାଦଶ ଓ ସ୍ନାତକ ମାର୍କସିଟ ସାଙ୍ଗରେ ନେଇ ଦିନ 10ଟାରୁ ଅପରାହ୍ନ 4ଟା ମଧ୍ୟରେ ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ଅନୁରୋଧ କରାଯାଉଛି। ଦୁଇ ଚକିଆ ଯାନ, ଡ୍ରାଇଭିଂ ଲାଇସେନସ ଏବଂ ସ୍ମାର୍ଟ ଫୋନ ଥିବା ପୁରୁଷ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ।
www.ltfs.com
CIN: U65910WB1993FLC060810
L&T Financial Services

**For Tissue Paper Industries, Abu Dhabi, UAE (FREE RECRUITMENT)**
Required the following categories of workers for leading Industrial Group in UAE.
1. TISSUE MACHINE OPERATORS - 05 Nos.
2. TISSUE REWINDER ROLL OPERATORS - 05 Nos.
Candidates must have at least 3-5 years of experience in the Tissue Industry.
Please forward your CV along PP size Photo with testimonials / experience certificates to our mail ID
ccondelhi2017@gmail.com
Salary 1500/2000 AED
CONSTRUCTION CONSULTANTS
Lic. No B- 0130/DEL/PER/1000+/3/48/84 Valid till 25.04.2023

**କେନ୍ଦ୍ରୀୟ ଭଣ୍ଡାରଣ ନିଗମ**
(ଭାରତ ସରକାରଙ୍କ ଅନୁସୂଚୀ 'କ' ମିନି ରତ୍ନ ଉପକ୍ରମ)
କର୍ପୋରେଟ ଅଫିସ : 4/1, ସିରୀ ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ, ନୂଆ ଦିଲ୍ଲୀ- 110016
ୱେବସାଇଟ: www.cewacor.nic.in
ଜନ-ଜନ ପାଇଁ ଭଣ୍ଡାରଣ
ଅନ୍ତିମ ତାରିଖ: 01 ନଭେମ୍ବର 2018
ବିଜ୍ଞାପନ ସଂ. CWC/ 1- Manpower/ DR/ Mgr & Above Rectt/ 2018/01
କେନ୍ଦ୍ରୀୟ ଭଣ୍ଡାରଣ ନିଗମ ଅନୁସୂଚୀ- (କ) ମିନି ରତ୍ନ, ଶ୍ରେଣୀ- I, କେନ୍ଦ୍ରୀୟ ସାର୍ବଜନିକ କ୍ଷେତ୍ରର ଉପକ୍ରମ ଅଟେ ଯାହା ଉପଭୋକ୍ତା ମାମଲା, ଖାଦ୍ୟ ଓ ସାର୍ବଜନିକ ବିତରଣ ମନ୍ତ୍ରାଳୟର ପ୍ରଶାସନିକ ନିୟନ୍ତ୍ରଣାଧୀନ ଅଟେ ଏବଂ କୃଷି ଆଦାନ, ଉତ୍ପାଦ ଏବଂ ଅନ୍ୟ ଅଧିସୂଚିତ ବସ୍ତୁ ଗୁଡ଼ିକ ପାଇଁ ବୈଜ୍ଞାନିକର ସୁବିଧା ପ୍ରଦାନ କରେ । ଏହା ବ୍ୟତୀତ, ଏହା ନିଗମ ଆମାଦନୀ-ରପ୍ତାନୀ କାର୍ଗୋ ପାଇଁ କଣ୍ଟେନର ଫ୍ରେଟ୍ ଷ୍ଟେସନ୍/ ଅନ୍ତର୍ଦେଶୀୟ କଣ୍ଟେନର ଡିପୋ, ଲ୍ୟାଣ୍ଡ କଷ୍ଟମ୍ ଷ୍ଟେସନ, ଏୟର କାର୍ଗୋ କମ୍ପ୍ଲେକ୍ସ ଆଦି ପରି ଆଧାରଭୂତ ଲଜିଷ୍ଟିକ୍ ସୁବିଧା ବି ପ୍ରଦାନ କରେ। ନିଗମ ତଳେ ଦିଆଯାଇଥିବା ପାଦ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ଅନଲାଇନ୍ ଆବେଦନ ଆମନ୍ତ୍ରଣ କରୁଛି:

| ପଦ କୋଡ୍ | ପଦର ନାମ | ଖାଲି ସଂ. |
|---|---|---|
| 01. | ମହାପ୍ରବନ୍ଧକ (ସାଧାରଣ) | 2 |
| 02. | ମହାପ୍ରବନ୍ଧକ (ଟେକ୍ନିକାଲ୍) | 1 |
| 03. | ସଚିବ | 1 |
| 04. | ଉପ ମହାପ୍ରବନ୍ଧକ (ସାଧାରଣ) | 2 |
| 05. | ଉପ ମହାପ୍ରବନ୍ଧକ (ଟେକ୍ନିକାଲ୍) | 4 |
| 06. | ଉପ ମହାପ୍ରବନ୍ଧକ (ବିତ୍ତ ଓ ଏକାଉଣ୍ଟସ) | 3 |
| 07. | ଅଧୀକ୍ଷକ ଅଭିଯନ୍ତା | 1 |
| 08. | ସହାୟକ ମହାପ୍ରବନ୍ଧକ (ସାଧାରଣ) | 8 |
| 09. | ସହାୟକ ମହାପ୍ରବନ୍ଧକ (ଟେକନିକାଲ) | 4 |
| 10. | ସହାୟକ ମହାପ୍ରବନ୍ଧକ (ଏକାଉଣ୍ଟସ) | 1 |
| 11. | ପ୍ରବନ୍ଧକ (ସାଧାରଣ) | 6 |
| 12. | ପ୍ରବନ୍ଧକ (ଏକାଉଣ୍ଟସ) | 4 |
| 13. | କାର୍ଯ୍ୟକାରୀ ଅଭିଯନ୍ତା | 9 |

ଦୟାକରି ଯୋଗ୍ୟତା ଏବଂ ଅନୁଭବ, ଚୟନ ପ୍ରକ୍ରିୟା, ସାଧାରଣ ସର୍ତ୍ତାବଳୀ ଇତ୍ୟାଦି ସହିତ ଯୋଗ୍ୟତା ମାନଦଣ୍ଡର ବିସ୍ତୃତ ସୂଚନା ପାଇଁ କେନ୍ଦ୍ରୀୟ ଭଣ୍ଡାରଣ ନିଗମର ୱେବସାଇଟ୍ (www.cewacor.nic.in) ଦେଖନ୍ତୁ । କେନ୍ଦ୍ରୀୟ ଭଣ୍ଡାରଣ ନିଗମର ୱେବସାଇଟରେ 'ଖାଲି ଓ ପରିଣାମ' ଭାଗରେ ଉପଲବ୍ଧ ବିସ୍ତୃତ ବିଜ୍ଞାପନରେ ଦିଆଯାଇଥିବା ଅନୁଦେଶ ଅନୁସାରେ ଯୋଗ୍ୟ ପ୍ରାର୍ଥୀଙ୍କୁ ଆବଶ୍ୟକ ଆବେଦନ ପତ୍ର ପୂର୍ଣ୍ଣରୂପେ ଭରି ପଠାଇବାକୁ ହେବ।

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately: Mob: 8763257042

**ଆବଶ୍ୟକ**
Bhubaneswar, Cuttack, Berhampur, Rourkela ଏବଂ Balasore ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

ଭୁବନେଶ୍ୱରରେ ଗ୍ରୀଲ୍ ଦୋକାନରେ କାମ କରିବା ପାଇଁ ଗ୍ରୀଲ୍ ମିସ୍ତ୍ରି, ୱେଲ୍‌ଡର ଏବଂ ହେଲ୍‌ପର ଆବଶ୍ୟକ, ରହିବା ସୁବିଧା ଅଛି। ଆକର୍ଷଣୀୟ ବେତନ। ଶୀଘ୍ର ଯୋଗାଯୋଗ–
9861123082, 9178852435

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT 09319634873

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**KIDZEE PLAY SCHOOL REQUIRES**
Counsellor, Teachers, Care Takers
Minimum 2 years of experience
KALINGA NAGAR, PATRAPADA, BHUBANESWAR, M: 9348539442

**WANTED**
MARKETING EXECUTIVE (5 nos.)
Qual: Matric above (Dynamic person), Age: 18 to 30 yrs having 2 wheelers
M: 9439039390, 9237009890

**URGENTLY REQUIRED**
ଚନ୍ଦ୍ରଶେଖରପୁର ଭୁବନେଶ୍ୱରର ଏକ Reputed SPA ପାଇଁ Female Therapist ଓ Female Manager ଆବଶ୍ୟକ। ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। Attractive Salary ସହିତ Incentive ସୁବିଧା ମଧ ଅଛି।
Tel: 9937575558

**WANTED TRAFFIC-IN-CHARGE**
PBL TRANSPORT PVT. LTD. Graduate needed. Manage loading/ unloading, negotiate with brokers, place vehicles quickly and on time, handle customers. Excellent communication skills (Oriya, English, Hindi). Computer capabilities essential.
Send CV to hr@pbltransport.co.in

- Operation Exe. (M) : 2 Nos
Qua.: Matric / Under Matric
- Relationship Mgr. (F): 5 Nos
Qua.: Graduate and above
- Front Office Exe. (F) : 1 No
Qua.: Graduate with Computer Knowledge
Salary Negotiable. BBSR based candidates will be given preference
For 1st & 2nd Post 2 Wheeler is a must
Walk-in with CV to :
Jeevan Pradeep
71, Bapuji Nagar, Bhubaneswar
Contact : 0674 - 2598909

See Career Appointment on every Wednesday & Saturday

**REQUIRED URGENTLY**
M/s West Coast Diesel LLP, Rajkot, Gujarat manufacturer of "ALFA" make diesel generators, alternators etc. Requires Sales Organisers on commission basis in all the block headquarter of Odisha.
Interested Candidates having good contacts with decorators, marriage mandap owners, traders etc. of their area and willing to work may send their complete biodata by Email: The General Manager (East Zone), HIG-II/34, BDA Housing Colony, Kapilaprasad, Bhubaneswar-751002, Email: biswajeet.mohapatra@wcdllp.com,
Mob: 9337003316, 9937528127, 0674-2590511

**ଧରିତ୍ରୀ ଆବଶ୍ୟକ କରୁଛି**
ଖବରଦାତା (ବିଜ୍‌ନେସ୍ ଡେସ୍କ)
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to
Email: recruitment@dharitri.com

**ପତି କାର୍ଡ୍ସ**
INVT. CARD & TROPHIES
NEEDS DTP OPTR. DESIGNER
M-9776138837, 9937417848, BBSR

ଭୁବନେଶ୍ୱରରୁ ପ୍ରକାଶିତ ହେଉଥିବା ଏକ ପ୍ରମୁଖ ସାପ୍ତାହିକ ରାଜନୈତିକ ପତ୍ରିକା ଓଡ଼ିଶା ଜନମୋର୍ଚ୍ଚା ପାଇଁ ଭୁବନେଶ୍ୱର ସମେତ ସମସ୍ତ ଜିଲ୍ଲା ପାଇଁ ଜିଲ୍ଲା ପ୍ରତିନିଧି ଆବଶ୍ୟକ। ଆଶାୟୀ ପ୍ରାର୍ଥୀ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନଲିଖିତ ଇମେଲ ଠିକଣାରେ ଆବେଦନ ପତ୍ର ପଠାଇବାକୁ ଅନୁରୋଧ।
harishdas79@gmail.com

**WANTED**
SALES EXECUTIVE : 02 Nos.
COMPUTER OPERATOR : 01 No.
BILLING EXECUTIVE : 01 No.
AC TECHNICIAN : 02 Nos.
SERVICE MANAGER : 01 No.
MIS EXECUTIVE : 01 No.
CTC: From 1.2 to 1.8 Lakhs Per Annum.
M: 9853088811
Email: careersgarggroup@gmail.com

ପୁରୀରେ TASTY MOMO ପାଇଁ Sales Boys, Cook, Helper ଆବଶ୍ୟକ, Good Salary, ରହିବା ଖାଇବା Free.
Contact No: 8596806941/ 7008638009




## ସଂକ୍ଷେପରେ

### ଭାରତ-ଶ୍ରୀଲଙ୍କା ଫାଇନାଲ ଆଜି

ଭୁବନେଶ୍ୱର, ୧୨।୧୦(କ୍ରୀଡ଼ା ପ୍ରତିନିଧି): ଗୋଆରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଟି୨୦ ଦୃଷ୍ଟିହୀନ କ୍ରିକେଟ ସିରିଜରେ ଶନିବାର ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଫାଇନାଲ ମୁକାବିଲା ହେବ। ଭାରତ ପୂର୍ବରୁ ଫାଇନାଲରେ ପ୍ରବେଶ କରି ସାରିଥିବାବେଳେ ଶୁକ୍ରବାର ଇଂଲଣ୍ଡକୁ ୧୦ ଉଇକେଟରେ ହରାଇ ଶ୍ରୀଲଙ୍କା ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୯ ରନ କରିଥିଲା। ଦଳ ପକ୍ଷରୁ ପିଟର ବ୍ଲୁଇଟ ସର୍ବାଧିକ ୫୪ ଓ ସୁଗ୍ ୪୯ ରନ କରିଥିଲେ। ଜବାବରେ ଶ୍ରୀଲଙ୍କା କୌଣସି ଉଇକେଟ ନ ହରାଇ ୧୬.୩ ଓଭରରେ ୧୮୧ ରନ କରି ମ୍ୟାଚ ଜିତିଥିଲା। ଶତକ ହାସଲ କରିଥିବା କେ. ସିଲ୍‌ଭା ୧୦୪ ଓ ସି.ଦେଶପ୍ରିୟ ୬୬ ରନରେ ଅପରାଜିତ ରହିଥିଲେ। ଶତକୀୟ ଇନିଂସ ପାଇଁ ସିଲ୍‌ଭାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଚତୁର୍ଥ ଦିନିକିଆ ୱାଙ୍ଖେଡେରୁ ସ୍ଥାନାନ୍ତର

ମୁମ୍ବାଇ, ୧୨।୧୦(ପି.ଟି.): ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯିବାକୁ ଥିବା ଚତୁର୍ଥ ଦିନିକିଆ ୱାଙ୍ଖେଡେ ଷ୍ଟାଡିୟମରୁ କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆ (ସିସିଆଇ)କୁ ସ୍ଥାନାନ୍ତର ହୋଇଛି। ଆସନ୍ତା ୨୯ ତାରିଖରେ ଖେଳାଯିବାକୁ ଥିବା ଏହି ମ୍ୟାଚ ସିସିଆଇର ବ୍ରାବର୍ନ ଷ୍ଟାଡିୟମରେ ଖେଳାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କ୍ରିକେଟ ପ୍ରଶାସକ କମିଟି (ସିଓଏ) ନିର୍ଦ୍ଦେଶ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଭେଣ୍ଡରମାନଙ୍କୁ ଟେଣ୍ଡର ଦେବା ନେଇ ନିଜର ଅକ୍ଷମତା ପ୍ରକାଶ କରି ଏହି ମ୍ୟାଚ ଆୟୋଜନ କରିବାକୁ ପଛଘୁଞ୍ଚା ଦେଇଛି । ଫଳରେ ଏପରି ନିଷ୍ପତ୍ତି ନେବାକୁ ହେଲା ବୋଲି ବୋର୍ଡ ତରଫରୁ କୁହାଯାଇଛି। ଶେଷଥର ପାଇଁ ୨୦୦୯ରେ ସିସିଆଇ ଅଷ୍ଟ୍ରେଲିଆ ବିପକ୍ଷ ଏକ ଟେଷ୍ଟ ମ୍ୟାଚ୍ ଆୟୋଜନ କରିଥିଲା। ପୂର୍ବରୁ ବୋର୍ଡ ଦ୍ୱିତୀୟ ଦିନିକିଆକୁ ଇନ୍ଦୋରରୁ ବିଶାଖାପାଟଣାକୁ ସ୍ଥାନାନ୍ତର କରିଥିଲା।

### ମହିଳା ଟି୨୦ ର୍ୟାଙ୍କିଙ୍ଗ୍: ଭାରତ ପଞ୍ଚମ

ଦୁବାଇ, ୧୨।୧୦(ପି.ଟି.): ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଶୁକ୍ରବାର ମହିଳା ଟି୨୦ ଦଳୀୟ ର୍ୟାଙ୍କିଙ୍ଗ ଆରମ୍ଭ କରିଛି। ଏଥିରେ ଭାରତ ପଞ୍ଚମ ସ୍ଥାନରେ ରହିଥିବାବେଳେ ୩ଥର ଚାମ୍ପିୟନ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନରେ ରହିଛି। ଏହି ଦଳୀୟ ତାଲିକାରେ ବିଶ୍ୱର ୪୬ଟି ଦଳକୁ ସାମିଲ କରାଯାଇଛି। ଦେଶମାନଙ୍କ ମଧ୍ୟରେ ଖେଳାଯାଉଥିବା ଟି୨୦ ମ୍ୟାଚ୍‌ଗୁଡିକୁ ଆନ୍ତର୍ଜାତିକ ମାନ୍ୟତା ଦେବା ପରେ ଆଇସିସି ଦଳୀୟ ର୍ୟାଙ୍କିଙ୍ଗ୍ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ତାଲିକାରେ ସାମିଲ ହେବାକୁ ହେଲେ ଦଳଗୁଡିକୁ ୬ଟି ଟି୨୦ ମ୍ୟାଚ୍ ଗତ ୩ରୁ ୪ ବର୍ଷ ମଧ୍ୟରେ ଖେଳିବାକୁ ହେବ ବୋଲି କୁହାଯାଇଛି। ତାଲିକାରେ ୨୮୦ ପଏଣ୍ଟ ପାଇଁ ଅଷ୍ଟ୍ରେଲିଆ ୧ ନମ୍ବର ସ୍ଥାନରେ ରହିଥିବା ବେଳେ ୨୭୭ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡ ଦ୍ୱିତୀୟ, ୨୭୬ ପଏଣ୍ଟ ପାଇଁ ଇଂଲଣ୍ଡ ତୃତୀୟ, ୨୫୯ ପଏଣ୍ଟ ପାଇଁ ୱେଷ୍ଟଇଣ୍ଡିଜ ଚତୁର୍ଥ ଓ ୨୪୯ ପଏଣ୍ଟ ପାଇ ଭାରତ ପଞ୍ଚମ ସ୍ଥାନରେ ରହିଛି।

# ଚେଜ୍ ୱେଷ୍ଟଇଣ୍ଡିଜ ଇନିଂସ ସମ୍ଭାଳିଲେ

ହାଇଦ୍ରାବାଦ, ୧୨।୧୦(ପି.ଟି.)

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରଥମ ଦୁଇ ସେସନରେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରି ୱେଷ୍ଟଇଣ୍ଡିଜକୁ ବିପଦରେ ପକାଇଥିବା ଭାରତୀୟ ବୋଲରମାନେ ତୃତୀୟ ସେସନରେ ମାତ୍ର ଗୋଟିଏ ଉଇକେଟ ନେବାରେ ସକ୍ଷମ ହେବାରୁ ଭ୍ରମଣକାରୀ ଦଳ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଛି। ମିଡଲ ଅର୍ଡରରେ ବ୍ୟାଟିଂ କରିବାକୁ ଆସିଥିବା ରଷ୍ଟନ ଚେଜ୍ ୱେଷ୍ଟଇଣ୍ଡିଜ ଇନିଂସ ସମ୍ଭାଳିଛନ୍ତି। ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଚେଜ୍ ୯୮ ରନ କରି ଅପରାଜିତ ରହିଥିବାବେଳେ ୱେଷ୍ଟଇଣ୍ଡିଜ ୭ ଉଇକେଟ ହରାଇ ୨୯୫ ରନ କରିବାକୁ ସକ୍ଷମ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ୱେଷ୍ଟଇଣ୍ଡିଜ ଭଲ ଆରମ୍ଭ କରିଥିଲେ ହେଁ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ୩୨ ରନରେ ପ୍ରଥମ ଏବଂ ୫୨ରେ ଦ୍ୱିତୀୟ ଉଇକେଟ ହରାଇଥିବା ୱେଷ୍ଟଇଣ୍ଡିଜ ମଧ୍ୟାହ୍ନଭୋଜନ ବିରତିସୁଦ୍ଧା ୩ ଉଇକେଟ ହରାଇ ୮୬ ରନ କରିଥିଲା। ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ଶାର୍ଦ୍ଦୁଳ ଠାକୁରଙ୍କ ପାଇଁ ଏହି ମ୍ୟାଚ ଶୁଭ ସାବ୍ୟସ୍ତ ହୋଇନାହିଁ। ସେ ମାତ୍ର ୧୦ଟି ବଲ୍ ବୋଲିଂ କରି ଆହତ ସମସ୍ୟା ଯୋଗୁ ପଡ଼ିଆ ଛାଡ଼ିଛନ୍ତି। ଫଳରେ ଭାରତର ବୋଲିଂ ଆକ୍ରମଣ ୪ ବୋଲର ବିଶିଷ୍ଟ ହୋଇ ଯାଇଛି। ଠାକୁରଙ୍କ ଦ୍ୱିତୀୟ ଓଭର କୋଟା ପୂରଣ କରିଥିବା ରବିଚନ୍ଦ୍ରନ ଅଶ୍ୱିନ ଭାରତକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ୧୨ତମ ଓଭରର ପ୍ରଥମ ବଲ୍‌ରେ ସେ କେରନ ପଓ୍ୱେଲ(୨୨ ରନ)ଙ୍କୁ ଆଉଟ କରି ଏହି ସଫଳତା ପାଇଥିଲେ। ଏହାପରେ ଦମ୍ ଦେଖାଇଥିଲେ କୁଲଦୀପ ଯାଦବ ଓ ଉମେଶ। ୧୪ ରନ କରିଥିବା କ୍ରେଗ୍ ବ୍ରାଥୱେଟଙ୍କୁ କୁଲଦୀପ ଏବଂ କ୍ରିଜ୍‌ରେ ଜମି ଆସୁଥିବା ଶାଇ ହୋପ୍‌ଙ୍କୁ ଉମେଶ ଆଉଟ୍ କରି ଭାରତୀୟ ଶିବିରକୁ ଉଲ୍ଲସିତ କରିଥିଲେ। ହୋପ୍ ୬୮ ବଲ୍‌ରୁ ୫ ଚୌକା ସହାୟତାରେ ୩୬ ରନ କରିଥିବାବେଳେ ଉମେଶଙ୍କ ବଲ୍‌ରେ ଏଲବିଡବଲ୍ୟୁ ଆଉଟ ହେବାସହ ମଧ୍ୟାହ୍ନ ଭୋଜନ ବିରତି ହୋଇଥିଲା। ଦ୍ୱିତୀୟ ସେସନରେ ମଧ୍ୟ ଭାରତୀୟ ବୋଲର ପ୍ରଭାବୀ ରହିଥିଲେ। ଶିମରନ ହେଟ୍‌ମେର ୧୨ ରନ କରି କୁଲଦୀପ ଯାଦବଙ୍କ ଦ୍ୱିତୀୟ ଶିକାର ବନିଥିଲେ। ସୁନୀଲ ଆମ୍ବ୍ରିସ(୧୮ ରନ)ଙ୍କୁ ମଧ୍ୟ କୁଲଦୀପ ପ୍ୟାଭିଲିୟନ ପଠାଇଥିଲେ। ରଷ୍ଟନ ଚେଜ୍ ଓ ଶେନ ଡୋରିଚ୍ ୬ଷ୍ଠ ଉଇକେଟରେ ୬୯ ରନର ଭାଗୀଦାରି ଗଢ଼ି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ମାତ୍ର ୬୩ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୩୦ ରନ କରିଥିବା ଡୋରିଚ୍‌ଙ୍କୁ ଉମେଶ ଯାଦବ ଏଲବିଡବଲ୍ୟୁ କରିବାରୁ ଭାରତ ପୁଣି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଚା ବିରତି ସୁଦ୍ଧା ୱେଷ୍ଟଇଣ୍ଡିଜ ସ୍କୋର ୧୯୭/୬ ହୋଇଥିଲା।

ଅନ୍ତିମ ସେସନରେ କିନ୍ତୁ ଚେଜ୍ ଓ ଅଧିନାୟକ ଜାସନ ହୋଲ୍ଡର ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ। ଭାରତୀୟ ବୋଲରଙ୍କୁ ସଫଳତାର ସହ ମୁକାବିଲା କରି ଏ ଦୁହେଁ ୭ମ ଉଇକେଟରେ ଶତକୀୟ(୧୦୪ ରନ) ଭାଗୀଦାରି ଗଢ଼ିଥିଲେ। ଫଳରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ବିପଦର ବଳୟରୁ ବାହାରକୁ ଆସି ପାରିଥିଲା। ତେବେ ୯୦ତମ ଓଭରର ଅନ୍ତିମ ବଲ୍‌ରେ ହୋଲ୍ଡରଙ୍କୁ ଆଉଟ କରି ଉମେଶ ଏହି ଯୋଡ଼ି ଭାଙ୍ଗିଥିଲେ। ୯୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ହୋଲ୍ଡର ୬ ଚୌକା ସହାୟତାରେ ୫୨ ରନ କରିଥିଲେ। ଚେଜ୍ କିନ୍ତୁ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ୪ର୍ଥ ଟେଷ୍ଟ ଶତକର ଦ୍ୱାରରେ ପହଞ୍ଚି ଯାଇଛନ୍ତି। ୧୭୪ ବଲ୍‌ର ସାମ୍ନା କରିଥିବା ଚେଜ୍ ୭ ଚୌକା ଓ ୧ ଛକା ସହାୟତାରେ ୯୮ ରନ କରି ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ଉମେଶ ଓ କୁଲଦୀପ ୩ଟି ଲେଖାଏ ଏବଂ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୯୫/୭ (ଚେଜ୍-୯୮*, ହୋଲ୍ଡର-୫୨, ହୋପ୍-୩୬, ଡୋରିଚ୍-୩୦, ଉମେଶ-୩/୮୩, କୁଲଦୀପ-୩/୭୪, ଅଶ୍ୱିନ-୧/୪୯)।

## କୋହଲିଙ୍କ ସହ ସେଲ୍‌ଫି: ପ୍ରଶଂସକଙ୍କ ବିରୋଧରେ ମାମଲା

ଚଳିତ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିବସରେ ଜଣେ ପ୍ରଶଂସକ ସୁରକ୍ଷା ବଳୟ ଭାଙ୍ଗି ପଡିଆ ମଧ୍ୟକୁ ପ୍ରବେଶ କରିଥିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଆନ୍ଧ୍ରପ୍ରଦେଶର କଡାପା ଜିଲାର ୧୯ ବର୍ଷୀୟ ମହମ୍ମଦ ଖାଁ ନାମକ ଜଣେ ପ୍ରଶଂସକ ପଡିଆ ଭିତରେ ପଶି ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନିକଟତର ହୋଇ ତାଙ୍କୁ ଆଲିଙ୍ଗନ କରିବା ସହ ସେଲଫି ନେଇଥିଲେ। ଖେଳ ଆରମ୍ଭ ହେବା ପ୍ରଥମ ଘଣ୍ଟାରେ ଏହି ଅଭାବନୀୟ ଘଟଣା ଘଟିଥିଲା। କୋହଲି ଅବଶ୍ୟ ତାଙ୍କୁ ଅଣଦେଖା କରିବାକୁ ଚେଷ୍ଟା କରିଥିଲେ। ପରେ ସୁରକ୍ଷାକର୍ମୀ ତାଙ୍କୁ ସେଠାରୁ ନେଇ ଯାଇଥିଲେ।



# ପରାଜୟ ସତ୍ତ୍ୱେ ଫାଇନାଲରେ ଭାରତ

ଜୋହର ବାହ୍ରୁର, ୧୨।୧୦ (ପି.ଟି.)

ଏଠାରେ ଚାଲିଥିବା ସୁଲତାନ ଜୋହର କପ୍ ହକି ଟୁର୍ନାମେଣ୍ଟରେ ଫାଇନାଲରେ ପ୍ରବେଶ କରି ସାରିଥିବା ଭାରତୀୟ ଜୁନିୟର ଦଳ ତା'ର ପ୍ରଥମ ପରାଜୟବରଣ କରିଛି। ୮ଟି ଦେଶକୁ ନେଇ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଶୁକ୍ରବାର ଭାରତ ତା'ର ଶେଷ ରାଉଣ୍ଡ ରବିନ ମ୍ୟାଚ୍‌ରେ ଗ୍ରେଟ ବ୍ରିଟେନଠାରୁ ୨-୩ ଗୋଲରେ ପରାସ୍ତ ହୋଇଛି। ୪ଟି କ୍ରମାଗତ ବିଜୟ ପରେ ଭାରତ ପ୍ରଥମ ପରାଜୟ ବରଣ କରିଛି। ମୋଟ ୧୨ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ଭାରତ ଫାଇନାଲରେ ସ୍ଥାନ ପକ୍କା କରିଛି। ଅନ୍ୟପଟେ ଗ୍ରେଟ ବ୍ରିଟେନ ୫ଟି ମ୍ୟାଚ ଖେଳି ୩ଟି ବିଜୟ ସହ ୧୯ ପଏଣ୍ଟ ପାଇଁ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ମନଦୀପ ମୋରଙ୍କ ନେତୃତ୍ୱରେ ଭାରତୀୟ ଜୁନିୟର ଦଳ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ବେଶ୍ ଭଲ ଆରମ୍ଭ କରିଥିଲା ଓ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ପଞ୍ଚମ ମିନିଟ୍‌ରେ ଭାରତ ପଛକୁପଛ ଦୁଇଟି ପେନାଲ୍ଟି କର୍ନର ପାଇଥିଲା। ବିଷ୍ଣୁକାନ୍ତ ସିଂ ଦ୍ୱିତୀୟଟିକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରାଇଥିଲେ। ତେବେ ଭାରତର ଏହି ଅଗ୍ରଣୀ ବେଶି ସମୟ ତିଷ୍ଠି ରହିପାରି ନ ଥିଲା। ଗତବର୍ଷର ରନର୍ସଅପ୍ ଦଳ ଗ୍ରେଟ ବ୍ରିଟେନ ତରଫରୁ କାମେରନ ଗୋଲ୍ଡେନ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ଗ୍ରେଟ ବ୍ରିଟେନର ଡିଫେନ୍ସକୁ ଭେଦ କରିବାରେ ସକ୍ଷମ ହୋଇଥିଲା। ପୂର୍ବରୁ ଗୋଟିଏ ପେନାଲ୍ଟି କର୍ନରକୁ ଭାରତ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲା। ତେବେ ୨୦ତମ ମିନିଟ୍‌ରେ ଓଡ଼ିଆ ତାରକା ମିଳିଥିବା ଆଉ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ।

ତୃତୀୟ କ୍ୱାର୍ଟରରେ କିନ୍ତୁ ଗ୍ରେଟ ବ୍ରିଟେନର ପ୍ରଭାବ ଦେଖିବାକୁ ମିଳିଥିଲା। ଆକ୍ରମଣ କରିବା ସହ ବ୍ରିଟେନ ଖେଳାଳିମାନେ ଭାରତୀୟ ଡିଫେନ୍ସ ପାଇଁ କଡ଼ା ଚ୍ୟାଲେଞ୍ଜ୍ ସୃଷ୍ଟି କରିଥିଲେ। ଏହାପରେ ୩୯ତମ ମିନିଟରେ ବ୍ରିଟେନର ଷ୍ଟୁଆର୍ଟ ରଶମେର ପେନାଲ୍ଟି କର୍ନର ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ଫାଇନାଲ କ୍ୱାର୍ଟରରେ କିନ୍ତୁ ଭାରତ ପଛରେ ପଡିଯାଇଥିଲା। ଭାରତୀୟ ଡିଫେନ୍ସ ଉପରେ ଚାପ ପ୍ରୟୋଗ କରି ବ୍ରିଟେନ ଖେଳାଳିମାନେ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ। ଶେଷରେ ୫୧ତମ ମିନିଟ୍‌ରେ ପେନାଲ୍ଟି କର୍ନର ଜରିଆରେ ବ୍ରିଟେନ ଅଧିନାୟକ ଏଡୱାର୍ଡ ୱେ ଗୋଲ ଦେଇ ଦଳକୁ ମ୍ୟାଚ୍‌ରେ ପ୍ରଥମଥର ପାଇଁ ଅଗ୍ରଣୀ କରାଇଥିଲେ। ଏହାପରେ ବାରମ୍ବାର ପ୍ରୟାସ କରିଥିଲେ ମଧ୍ୟ ଭାରତ ଗୋଲ ଦେଇ ପାରି ନ ଥିଲା ଓ ଶେଷରେ ଗ୍ରେଟ ବ୍ରିଟେନ ବାଜି ମାରିଥିଲା। ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ।

# ଭାରତକୁ ଆଉ ୩ ସ୍ୱର୍ଣ୍ଣ, ଦୀପାଙ୍କୁ ଦ୍ୱିତୀୟ ବ୍ରୋଞ୍ଜ୍

ଜାକର୍ତ୍ତା, ୧୨।୧୦(ପି.ଟି.)

ଏଠାରେ ଚାଲିଥିବା ଏସିଆନ୍ ପାରାଅଲିମ୍ପିକ୍ସରେ ଶୁକ୍ରବାର ଭାରତୀୟ ଆଥଲେଟମାନେ ପ୍ରଭାବୀ ପ୍ରଦର୍ଶନ ୫ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଦୀପା ମଲିକ ଦ୍ୱିତୀୟ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ମହିଳା ରାପିଡ ପି୧ ଚେସ୍ ଇଭେଣ୍ଟରେ ଭାରତର କେ. ଜେନିଥା ଅଣ୍ଟୋ ସ୍ୱର୍ଣ୍ଣ ଜିତିଛନ୍ତି। ସେ ଫାଇନାଲ ରାଉଣ୍ଡରେ ଇଣ୍ଡୋନେସିଆର ମାନୁରୁଙ୍ଗ ରୋସଲିଣ୍ଡାଙ୍କୁ ହରାଇ ଏହି ସଫଳତା ଅର୍ଜନ କରିଛନ୍ତି। ସେହିପରି କିଶାନ ଗାଙ୍ଗୋଲି ପୁରୁଷ ବ୍ୟକ୍ତିଗତ ରାପିଡ ଭି୧ - ବି୨ /ବି୩ ଇଭେଣ୍ଟରେ ମାଜିଦ୍ ବାଘେରିଙ୍କୁ ପଛରେ ପକାଇ ଶୀର୍ଷସ୍ଥାନରେ ରହିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ପାରା ବ୍ୟାଡମିଣ୍ଟନରେ ପାରୁଲ ପରମାର ମହିଳା ସିଙ୍ଗଲ୍ସ ଏସ୍‌ଏଲ ୩ ଇଭେଣ୍ଟ ଫାଇନାଲରେ ଥାଇଲାଣ୍ଡର ୱାଣ୍ଡି କାମ୍‌ତାମ୍‌ଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସନ୍ତରଣରେ ସ୍ୱପ୍ନୀଲ ପାଟିଲ ପୁରୁଷ ୧୦୦ ମିଟର ବ୍ୟାକଷ୍ଟ୍ରୋକ ଏସ୍୧୦ କାଟାଗୋରୀରେ ରୌପ୍ୟ ପଦକ ହାସଲ କରିଛନ୍ତି। ପାଟିଲ ଏହା ପୂର୍ବରୁ ପୁରୁଷ ୪୦୦ମି ଫ୍ରିଷ୍ଟାଇଲରେ ବ୍ରୋଞ୍ଜ୍ ଜିତିଥିଲେ। ପୁରୁଷ ସି୪ ବ୍ୟକ୍ତିଗତ ପରସୁଇଟ୍ ୪୦୦୦ ମିଟର ସାଇକ୍ଲିଂ ଇଭେଣ୍ଟରେ ଭାରତର ଗୁରଲାଲ ସିଂ ତୃତୀୟସ୍ଥାନ ଅଧିକାର କରି ବ୍ରୋଞ୍ଜ୍ ଜତିଛନ୍ତି।

# ୫ ଦେଶର ପ୍ରଭାବୀ ପ୍ରଦର୍ଶନ

ଫୁଟବଲ ଭଳି ହକି ମଧ୍ୟ ସାରା ବିଶ୍ୱରେ ଆଦୃତ ହୋଇପାରିଛି। ବିଶେଷ କରି ପୁରୁଷ ହକି ଏବେ ଲୋପପ୍ରିୟତାର ଶୀର୍ଷକୁ ଛୁଇଁଛି। ହକିର ସର୍ବୋଚ୍ଚ ମହାକୁମ୍ଭ କୁହାଯାଉଥିବା ପୁରୁଷ ହକି ବିଶ୍ୱକପ୍ ୧୯୭୧ ମସିହାରେ ଆରମ୍ଭ ହୋଇଥିଲା। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଆନୁକୂଲ୍ୟରେ ହକି ବିଶ୍ୱକପ୍ ଆୟୋଜନ ହୋଇଆସୁଛି। ଫୁଟବଲ ବିଶ୍ୱକପ୍ ଭଳି ଏହି ମେଗା ଇଭେଣ୍ଟ ପ୍ରତି ୪ ବର୍ଷରେ ଥରେ ଆୟୋଜିତ ହୋଇଥାଏ। ପୁରୁଷ ଭଳି ମହିଳା ହକିବିଶ୍ୱକପ୍ ମଧ୍ୟ ୧୯୭୪ ମସିହାରୁ ଆରମ୍ଭ ହୋଇଥିଲା। ସେତେବେଳେ ଏହାକୁ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ୍ ଓମେନ୍ସ ହକି ଆସୋସିଏଶନ୍ସ (ଆଏଫ୍‌ଡବ୍ଲ୍ୟୁଏଚ୍‌ଏ) ୧୯୮୧ ପର୍ଯ୍ୟନ୍ତ ଆୟୋଜନ କରୁଥିଲା। ତେବେ ୧୯୮୨ରେ ଏହା ଆନ୍ତର୍ଜାତିକ ହକି ଫେଡେରେଶନ ସହିତ ମିଶିଗଲା।

ପୁରୁଷ ହକି ବିଶ୍ୱକପ୍‌ରେ ୫ଟି ଦେଶ ପ୍ରଭାବ ବିସ୍ତାର କରିଛନ୍ତି। ପାକିସ୍ତାନ ସବୁଠାରୁ ସଫଳ ଦଳ ସାବ୍ୟସ୍ତ ହୋଇଛି। ପାକିସ୍ତାନ ୪ଥର ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଅନ୍ୟପଟେ ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ୩ଥର ଲେଖାଏ ବିଶ୍ୱକପ୍ ଟାଇଟଲ ହାସଲ କରିଛନ୍ତି। ସେହିପରି ଜର୍ମାନୀ ଦୁଇଥର ଓ ଭାରତ ଥରେ ବିଶ୍ୱକପ୍ ଚାମ୍ପିୟନ ହେବାର ସୌଭାଗ୍ୟ ହାସଲ କରିଛି। ୧୯୭୧ ମସିହାରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ମୋଟ ଉପରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ବିଶ୍ୱକପ୍‌ର ଗତ ସଂସ୍କରଣ ୨୦୧୪ରେ ନେଦରଲାଣ୍ଡ୍ସର ହଗ୍‌ରେ ଖେଳାଯାଇଥିଲା। ଏହା ଜୁନ୍ ୨ରୁ ୧୪ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଫାଇନାଲ ମୁକାବିଲାରେ ଅଷ୍ଟ୍ରେଲିଆ ୬-୧ ଗୋଲରେ ଆୟୋଜକ ନେଦରଲାଣ୍ଡ୍ସକୁ ହରାଇ ତୃତୀୟଥର ପାଇଁ ଟାଇଟଲ ହାସଲ କରିଥିଲା। ୨୦୧୮ ସଂସ୍କରଣ ଏବେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି। ଏହା ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ତାରିଖରେ ଶେଷ ହେବ। ଏଥର ବିଶ୍ୱକପ୍ ଦଳ ସଂଖ୍ୟା ୧୬କୁ ବୃଦ୍ଧି କରାଯାଇଛି। ୨୦୨୨ ସଂସ୍କରଣରେ ଦଳ ସଂଖ୍ୟା ୨୨କୁ ବୃଦ୍ଧି କରିବାକୁ ଏଫ୍‌ଆଇଏଚ୍ ଯୋଜନା କରୁଛି।

ପାକିସ୍ତାନର ଏୟାର ମାର୍ଶାଲ ନୁର ଖାଁ ପ୍ରଥମେ ହକି ବିଶ୍ୱକପ୍‌ର ଯୋଜନା ମନକୁ ଆଣିଥିଲେ। ସେ ୱାର୍ଲ୍ଡ ହକି ମାଗାଜିନର ପ୍ରଥମ ସମ୍ପାଦକ ପାଟ୍ରିକ ରୋଲିଙ୍କୁ ଏ ନେଇ ପ୍ରସ୍ତାବ ଦେଇଥିଲେ। ୧୯୬୯ ଅକ୍ଟୋବର ୨୬ରେ ଏହା ଗୃହୀତ ହୋଇଥିଲା ଓ ୧୯୭୦ ଏପ୍ରିଲ ୨ ତାରିଖରେ ବ୍ରସେଲ୍ସରେ ଅନୁଷ୍ଠିତ ଏଫ୍‌ଆଇଏଚ୍ କାଉନସିଲ ବୈଠକରେ ଏହାକୁ ଗ୍ରହଣ କରାଯିବା ସହ ମାନ୍ୟତା ପ୍ରଦାନ କରାଯାଇଥିଲା। ଏହାପରେ ଏଫ୍‌ଆଇଏଚ୍ ୧୯୭୧ରେ ପ୍ରଥମ ହକି ବିଶ୍ୱକପ୍ ପାକିସ୍ତାନରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଯୁଦ୍ଧ ତଥା ରାଜନୈତିକ ଅସ୍ଥିରତା କାରଣରୁ ଏହା ପାକିସ୍ତାନରୁ ସ୍ପେନ୍‌ର ବାର୍ସିଲୋନାରେ ଖେଳାଯାଇଥିଲା। ପ୍ରଥମ ସଂସ୍କରଣରେ ୧୦ଟି ଦେଶ ଅଂଶଗ୍ରହଣ କରିଥିଲେ। ପ୍ରଥମ ୩ଟି ଟୁର୍ନାମେଣ୍ଟ ପ୍ରତି ଦୁଇବର୍ଷରେ ଖେଳାଯାଇଥିଲା।

ବିଶ୍ୱକପ୍ ଟ୍ରଫିକୁ ବସିର ମୁଜିଦ୍ ଡିଜାଇନ୍ କରିଥିଲେ ଓ ଏହାକୁ ପାକିସ୍ତାନ ସେନାବାହିନୀ ତିଆରି କରିଥିଲା। ୧୯୭୧ ମାର୍ଚ୍ଚ ୨୭ ତାରିଖରେ ଏହି ଟ୍ରଫିକୁ ବ୍ରସେଲ୍ସରେ ଏଫ୍‌ଆଇଏଚ୍‌କୁ ହସ୍ତାନ୍ତର କରାଯାଇଥିଲା। ହକି ବିଶ୍ୱକପ୍ ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହୋଇଥାଏ। ଯୋଗ୍ୟତା ପର୍ଯ୍ୟାୟ ପରେ ଫାଇନାଲ ପର୍ଯ୍ୟାୟରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡିକ ଖେଳାଯାଇଥାଏ। ୧୯୭୭ରୁ ଯୋଗ୍ୟତା ପର୍ଯ୍ୟାୟ ଖେଳାଯାଇଆସୁଅଛି। ସଫଳତା ଦୃଷ୍ଟିକୋଣରୁ ବିଚାର କଲେ ଏ ପର୍ଯ୍ୟନ୍ତ ବିଶ୍ୱକପ୍ ଖେଳିବାକୁ ୨୪ଟି ଦଳ ଯୋଗ୍ୟତା ହାସଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୧ଟି ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୭ଟି ଦଳ ଫାଇନାଲରେ ପ୍ରବେଶ କରିଛି। ପାକିସ୍ତାନ ସଫଳତମ ଦେଶ ସାବ୍ୟସ୍ତ ହୋଇଛି। ୬ଥର ଫାଇନାଲ ଖେଳି ପାକିସ୍ତାନ ୪ଥର ଟାଇଟଲ ହାସଲ କରିଛି। ସେହିପରି ନେଦରଲାଣ୍ଡ୍ସ ୬ଥର ଫାଇନାଲ ଖେଳି ୩ଥର ଚାମ୍ପିୟନ ହୋଇଛି। ତେବେ ଗତ କେତେବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ସଫଳତମ ଦେଶ ସାବ୍ୟସ୍ତ ହୋଇଛି। ୫ଥର ଫାଇନାଲ ଖେଳି ଅଷ୍ଟ୍ରେଲିଆ ୩ଥର ଚାମ୍ପିୟନ ହୋଇଛି। ଭାରତ ୧୯୭୫ରେ ଥରେ ମାତ୍ର ବିଶ୍ୱକପ୍ ଜିତିବାକୁ ସକ୍ଷମ ହୋଇଥିଲା।

ଏପର୍ଯ୍ୟନ୍ତ ୯ଟି ଦେଶ ବିଶ୍ୱକପ୍ ଆୟୋଜନ କରିଛନ୍ତି। ଆୟୋଜକ ଭାବେ ନେଦରଲାଣ୍ଡ୍ସ ୧୯୭୩ ଓ ୧୯୯୮ରେ, ଜର୍ମାନୀ ୨୦୦୬ରେ ଚାମ୍ପିୟନ ହୋଇଥିଲା। ଆୟୋଜକ ଭାବେ ସ୍ପେନ, ଇଂଲଣ୍ଡ ଓ ପାକିସ୍ତାନ ୧୯୭୧, ୧୯୮୬ ଓ ୧୯୯୦ରେ ରନର୍ସଅପ ହୋଇଥିଲା। ଆୟୋଜକ ଭାବେ ଅଷ୍ଟ୍ରେଲିଆ ୧୯୯୪ରେ ତୃତୀୟ ସ୍ଥାନରେ ରହିଥିଲା। ଏସିଆ ଓ ୟୁରୋପ ମହାଦେଶର ଦଳଗୁଡିକ ୫ଥର ଲେଖାଏ ଟାଇଟଲ ଜିତିଛନ୍ତି। ଓସେନିଆ ତରଫରୁ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଛି। ଉତ୍ତର ଓ ଦକ୍ଷିଣ ଆମେରିକା ଏବଂ ଆଫ୍ରିକାର କୌଣସି ଦେଶ ବିଶ୍ୱକପ୍ ଟାଇଟଲ ହାସଲ କରିପାରିନାହାନ୍ତି।







ଧରିତ୍ରୀ DHARITRI
Quiz No.1
Puja Quiz- 2018
Main Sponsor
TVS
Co-Sponsors
CENTRAL Nikon

☑ Tick mark the box which is correct

୧. ଧ୍ୟାନଚାନ୍ଦ ହକି ଷ୍ଟାଡିୟମ କେଉଁଠାରେ ଅବସ୍ଥିତ ?
କ. ପଞ୍ଜାବ ☐ ଖ. ଲକ୍ଷ୍ନୌ ☐ ଗ. ହରିୟାଣା ☐ ଘ. କେଉଁଟି ନୁହେଁ ☐

୨. Air India ର ପୂର୍ବନାମ କ'ଣ ଥିଲା ?
କ. ଡେକାନ୍ ଏୟାର ☐ ଖ. ଟାଟା ଏୟାରଲାଇନ୍ସ ☐ ଗ. କିଙ୍ଗ୍‌ଫିଶର ☐ ଘ. କେଉଁଟି ନୁହେଁ ☐

୩. ବାଂଲାଦେଶରେ ଗଙ୍ଗାନଦୀ କେଉଁ ନାମରେ କଥିତ ?
କ. ମେଘନା ☐ ଖ. ପଦ୍ମା ☐ ଗ. ଭାଗୀରଥୀ ☐ ଘ. କେଉଁଟି ନୁହେଁ ☐

୪. ରୋନାଲ୍ଡ ରସ୍ କେଉଁ ରୋଗର ଚିକିତ୍ସା ପାଇଁ ଔଷଧ ଉଦ୍ଭାବନ କରିଥିଲେ ?
କ. ଯକ୍ଷ୍ମା ☐ ଖ. ହଇଜା ☐ ଗ. ମ୍ୟାଲେରିଆ ☐ ଘ. କେଉଁଟି ନୁହେଁ ☐

୫. କ୍ୟାନ୍‌ସର ରୋଗର ଚିକିତ୍ସା ପାଇଁ କେଉଁଟି ବ୍ୟବହାର କରାଯାଏ ?
କ. ୟୁରାନିୟମ ☐ ଖ. କୋବାଲ୍‌ଟ ☐ ଗ. ସୋଡିୟମ ☐ ଘ. କେଉଁଟି ନୁହେଁ ☐

Participant's Name:......
Address:......
......
Education ......
Mobile...... Age:......
E-mail:......

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 1
B-15, Industrial Estate, Rasulgarh, Bhubaneswar-10



# ପ୍ରମୋଦ ସିଙ୍ଗଲ୍ସ ଫାଇନାଲରେ, ଡବଲ୍ସରେ ବ୍ରୋଞ୍ଜ

ଭୁବନେଶ୍ୱର, ୧୨।୧୦(କ୍ରୀଡ଼ା ପ୍ରତିନିଧି)



ପ୍ରମୋଦ ଭଗତ

ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ପୁରୁଷ ଏସଏଲ୩ ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଶୁକ୍ରବାର ଅନୁଷ୍ଠିତ ୩ ସେଟ୍ ବିଶିଷ୍ଟ ସେମିଫାଇନାଲରେ ପ୍ରମୋଦ ଭିଏତନାମର ଟ୍ରିନ୍ ଆନ୍ ଟୁଆନଙ୍କୁ ୨୧-୧୭, ୧୮-୨୧, ୨୧-୯ ପଏଣ୍ଟରେ ପରାସ୍ତ କରିଥିଲେ। ପ୍ରମୋଦ ପ୍ରଥମ ସେଟ୍‌କୁ ଜିତିବାପରେ ଟୁଆନ ଦ୍ୱିତୀୟ ସେଟ୍‌ରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର ଚାପର ବଶବର୍ତ୍ତୀ ନ ହୋଇ ପ୍ରମୋଦ ତୃତୀୟ ସେଟ୍‌କୁ ସହଜରେ ଜିତିବା ସହ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ଶନିବାର ହେବାକୁଥିବା ଫାଇନାଲରେ ପ୍ରମୋଦ ଇଣ୍ଡୋନେସିଆର ଉକୁନ ରୁକାଣ୍ଡିଙ୍କ ସହିତ ମୁକାବିଲା କରିବେ। ଡବଲ୍ସରେ କିନ୍ତୁ ପ୍ରମୋଦଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପ୍ରମୋଦ ଓ ମନୋଜ ସରକାରଙ୍କ ଯୋଡ଼ି ସେମିଫାଇନାଲରେ ଇଣ୍ଡୋନେସିଆ ଯୋଡ଼ିଙ୍କଠାରୁ ୧୩-୨୧, ୧୯-୨୧ ପଏଣ୍ଟରେ ହାରି ଯାଇଥିବା ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଂଯୋଜକ ସୁନୀଲ ପ୍ରଧାନଙ୍କ ସୂତ୍ରରୁ ପ୍ରକାଶ।

## ସେମିଫାଇନାଲରେ ଜୋକୋଭିଚ୍-ଜେଭରେଭ

ସାଙ୍ଘାଇ,୧୨।୧୦(ଏଏଫ୍‌ପି)

ନୋଭାକ ଜୋକୋଭିଚ୍ ଚଳିତ ସାଙ୍ଘାଇ ମାଷ୍ଟର୍ସ ଟୁର୍ନାମେଣ୍ଟର ସେମିଫାଇନାଲରେ ଆଲେକଜାଣ୍ଡର ଜେଭରେଭଙ୍କୁ ଭେଟିବେ। ଜୋକୋଭିଚ୍ ଶୁକ୍ରବାର କେଭିନ ଆଣ୍ଡରସନଙ୍କୁ ୭-୬(୭/୧) ଓ ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ରାଇଜିଂ ଷ୍ଟାର ଜେଭରେଭ ୬-୪, ୬-୪ ସେଟ୍‌ରେ କାଇଲ ଇଡ୍‌ମୁଣ୍ଡଙ୍କୁ ପରାସ୍ତ କରିଛନ୍ତି। ୧୧ତମ ସିଡ୍ ବ୍ରିଟେନ ଖେଳାଳି ସିଜନର ଶେଷ ହେବାକୁ ଥିବା ଏଟିପି ଫାଇନାଲ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

## କ୍ୱାର୍ଟରରେ ମହିଳା ହକି ଦଳ

ବୁଏନସ୍ ଏରିଜ,୧୨।୧୦(ପି.ଟି.)

ଭାରତୀୟ ମହିଳା ହକି ୫-ଏ ଦଳ ଚଳିତ ୟୁଥ ଅଲିମ୍ପିକ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ମଧ୍ୟରାତ୍ରିରେ ଖେଳାଯାଇଥିବା ଦ. ଆଫ୍ରିକା ବିପକ୍ଷ ମ୍ୟାଚ୍‌କୁ ଭାରତୀୟ ଦଳ ୫-୨ ବ୍ୟବଧାନରେ ଜିତି ନେଇଛି। ବିଜୟୀ ଦଳ ପକ୍ଷରୁ ମୁମତାଜ ୨ଟି ଗୋଲ କରିଥିବାବେଳେ ରିତ, ଲାଲରେସିଆମି ଓ ଇଶିକା ଚୌଧାରୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।









# ନାଲ୍‌କୋ କାର୍ଯ୍ୟାଳୟ ଅଚଳ କଲା ଏନ୍‌ଏସ୍‌ସିୟୁ

**ବଅଁରପାଲ, ୧୨।୧୦(ଡି.ଏନ.ଏ.)**

ନାଲ୍‌କୋ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ଏନ୍‌ଏସ୍‌ସିୟୁ ପକ୍ଷରୁ ଚାଲିଥିବା ଆନ୍ଦୋଳନ ଶୁକ୍ରବାର ୨ୟ ଦିନରେ ପହଞ୍ଚିଛି। ସଙ୍ଗଠନ କର୍ମକର୍ତ୍ତାମାନେ ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସିପିପି ପ୍ରଶାସନିକ କାର୍ଯ୍ୟାଳୟଠାରେ ଆନ୍ଦୋଳନ କରିବା ଯୋଗୁ ପ୍ରକଳ୍ପ କାମ ବନ୍ଦ ହୋଇଯାଇଥିଲା। କର୍ମକର୍ତ୍ତାମାନେ କୌଣସି କର୍ମଚାରୀଙ୍କୁ ଭିତରକୁ ନ ଛାଡିବାରୁ କାର୍ଯ୍ୟାଳୟ ଅଚଳ ହୋଇପଡିଥିଲା। ସଙ୍ଗଠନ ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ବିଭବ ଜେନା, ହେମନ୍ତ ପ୍ରଧାନ, ବିଭୂତି ଶତପଥୀ, ସୁଜିତ ସେଠ, ଏସ୍. କେ. ମହାରଣା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।




## ଚୋରା ଡିଜେଲ ଜବତ, ଜଣେ ଗିରଫ

**କଣିହାଁ, ୧୨।୧୦(ଡି.ଏନ.ଏ.)**

କଣିହାଁ ଥାନା ପୋଲିସ ଶୁକ୍ରବାର ଚୋରା ଡିଜେଲ ଜବତ କରିବା ସହ ହରିଚନ୍ଦନପୁର ଗ୍ରାମର ଅଶ୍ୱିନୀ କୁମାର ସାହୁଙ୍କୁ ଗିରଫ କରିଛି। ଏ ନେଇ ନଂ. ୧୬୩/୧୮ରେ ମାମଲା ରୁଜୁ କରାଯାଇଛି। ଥାନା ଏସ୍‌ଆଇ ସୁରେଶ କୁମାର ବେହେରାଙ୍କ ସୂଚନାରୁ ଜଣାଯାଏ, ପାଟ୍ରୋଲିଂ ବେଳେ ଗ୍ରାମ ନିକଟରେ ଦୁଇଟି ଜାର୍‌କିନରେ ଅଶ୍ୱିନୀ ଡିଜେଲ ନେଇ ଯାଉଥିବାବେଳେ ଧରାପଡିଥିଲେ। ତାଙ୍କଠାରୁ ୬୦ ଲିଟର ଡିଜେଲ ଜବତ କରାଯାଇଛି। ଜେଆଇଟିପିଏଲ ପ୍ରକଳ୍ପରୁ ସେ ତେଲ ନେଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯିବ।

## ବିଦ୍ୟୁତ୍ ଆଘାତରେ ବଳଦ ମୃତ

**ଛେଣ୍ଡିପଦା, ୧୨।୧୦ (ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଜରପଡା ଥାନା କତଡା ପଞ୍ଚାୟତ ପିତାଚରୀ ଗ୍ରାମରେ ଶୁକ୍ରବାର ବିଦ୍ୟୁତ ସଂସ୍ପର୍ଶରେ ଆସି ଚାଷୀ ସୁଦାମ ସିଂଙ୍କ ଏକ ବଳଦର ମୃତ୍ୟୁ ଘଟିଛି। ବଇଣ୍ଡା ଇଲେକ୍ଟ୍ରିକାଲ ସବଡିଭିଜନ ଅନ୍ତର୍ଗତ ପିତାଚରୀ ଗ୍ରାମରେ ଏକ ବିଦ୍ୟୁତ ଖୁଣ୍ଟରେ ଇ ଆର୍ଥିଂ ପଏଣ୍ଟ ତାର ଚାର୍ଜ ହୋଇଥିବାବେଳେ ବଳଦଟି ଏହା ସଂସ୍ପର୍ଶରେ ଆସିଯାଇଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ବିଦ୍ୟୁତ୍ ସଂଯୋଗ ଦାୟିତ୍ୱ ନେଇଥିବା ଏକ ଠିକାସଂସ୍ଥାକୁ ଗ୍ରାମବାସୀ ଦାୟୀ କରିବା ସହ କ୍ଷତିପୂରଣ ଦାବିରେ ସମ୍ପୃକ୍ତ ଠିକାସଂସ୍ଥା ସୁପରଭାଇଜରଙ୍କୁ ଅଟକ ରଖିଥିଲେ। ଏ ସମ୍ପର୍କରେ ଜରପଡା ଥାନାରେ ଅଭିଯୋଗ ହୋଇଛି।






AUTHORISED FORD DEALERS: ANGUL: NH 42, Karadagadia, Capital Ford, ☎: 9022920332. • BALASORE: Near Januganj Golai, Basanti Ford, ☎: 9619049873. • BHUBANESHWAR: Mancheswar Indusrial Estate, Capital Ford: ☎: 9022917371. • CUTTACK: Pratap Nagari, Odisha Ford, ☎: 9022909587. • BERHAMPORE (WB): Near Bhakuri 2 Gram Panchayat, Ganges Ford, ☎: 9022917375. • DURGAPUR: Bhiringi More, GT Road (East), Banerjee Ford, ☎: 9022916571. • GANGTOK: Tadong Word, Saharsh Ford, ☎: 9022909744. • JAMSHEDPUR: Adityapur, Jayshree Ford, ☎: 9022903793. • KHARAGPUR: OT Road Inda, Zaara Ford, ☎: 9022910705. • KOLKATA: Adjacent to Vishwakarma Building, Topsia, Ganges Ford, ☎: 9022920416. Opp. Baguihati Big Bazar, Kaikan Ford, ☎: 9022909440. Across RDB Cinema, Sector V, Saini Ford, ☎: 9022909960.• HOWRAH: Lal Bari Bus Stop, Kaikan Ford, ☎: 9022920274. • PORT BLAIR: Aberdeen Bazaar, Mohan Ford, ☎: 9022914002. • RANCHI: By Pass, Dibdih Overbridge, Diara Ford, ☎: 9022920353. • ROURKELA: Beldihi Chowk, Veda Ford, ☎: 9022910684. • SILIGURI: NH-31, Gosaipur, Bagdogra, Gateway Ford, ☎: 9022920367.

*Terms & conditions apply. All prices shown are ex-showroom for Ford Aspire Ambiente variant. Power mentioned is 96PS of 1.2l Ti-VCT Petrol Engine and 100PS of 1.5l TDCi Diesel Engine. Colours are indicative only and may vary due to printing constraints. Ford India Private Limited ("Ford") reserves the right, subject to all applicable laws, at any time, at its discretion, and without notice, to discontinue or change the features, designs, materials, colours and other specifications and the prices of its products, and to either permanently or temporarily withdraw any such products from the market without incurring any liability to any prospective purchaser or purchasers. Always consult an authorised Ford dealer for the latest information about the vehicle. Bluetooth® is a registered trademark of ^Bluetooth® SIG Inc., and is used under license. Operating certain parts of the SYNC® system while driving can distract your attention from the road and may be prohibited by local laws. Do not change system settings or enter data non-verbally (using your hands) while driving. Stop the vehicle in a safe and legal manner before attempting these operations. Always make sure that you comply with local road laws/rules when using the SYNC® system. SYNC® promotes safer driving by ensuring hands are on the wheel and eyes on the road. **Fuel Economy of diesel is 26.1 km/l and of petrol Ambiente, Trend & Trend+ is 20.4 km/l as per ARAI. ^5-year warranty includes 2-year factory warranty + 3-year extended warranty. Segment/ Class definition: Compact sedans under 4 metres for Ford Aspire. Please visit https://www.india.ford.com/owner/extended-warranty/ for detailed information on Extended Warranty. Features may vary from model to model. Microsoft is the registered trademark of Microsoft Corporation. Google and other related marks are trademarks of Google LLC.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ